

ଘୁଞ୍ଚିଲା 'ମେରେ ରହୋ'ର ରିଲିଜ୍

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-191 ◆TUESDAY ◆6 JANUARY 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୯୧ ◆ମଙ୍ଗଳବାର ◆୬ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ଗ୍ରେଟର ନୋଏଡ଼ା ଖୋଲିଲା ଦେଶର ପ୍ରଥମ 'ଏଆଇ' କ୍ଲିନିକ୍

■ ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାରେ ଦେଶର ପ୍ରଥମ ସରକାରୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଲିନିକ୍ ଖୋଲିଛି। ସରକାରୀ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (ଜିଆଇଏମଏସ)ରେ ଏହି କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି।



ଚିକିତ୍ସା ଭିତ୍ତିଭୂମିକୁ ଆଧୁନିକତାର ସ୍ପର୍ଶ ଦେବାକୁ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। ଚିକିତ୍ସା କ୍ଷେତ୍ରରେ ଏଆଇ ବ୍ୟବହାର ଦ୍ୱାରା ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ମିଳିବ ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ମଜଭୁତ ହେବ। ଏହା ଚିକିତ୍ସା ସମୟ ହ୍ରାସରେ ମଧ୍ୟ ସହଯୋଗ କରିବ। ଏହି ପଦକ୍ଷେପ ଦ୍ୱାରା ରୋଗ ଚିହ୍ନଟ ପ୍ରକ୍ରିୟା, ପରୀକ୍ଷା ଏବଂ ଚିକିତ୍ସା ଶୀଘ୍ର ହେବା ସହିତ ଆରୋଗ୍ୟ ହାର ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବାର ଅତିରିକ୍ତ ମହାନିର୍ଦ୍ଦେଶକ ଭର୍ଚୁଆଲ ମାଧ୍ୟମରେ ଶନିବାର ଏହି କ୍ଲିନିକକୁ ଶନିବାର ଉଦଘାଟନ କରିଥିଲେ। ଏଠାରେ ଏଆଇ ବ୍ୟବହାର କରି ଜେନେଟିକ ସ୍କ୍ରିନିଂ କରାଯିବ। କର୍କଟ, ହୃତ୍‌ପିଣ୍ଡ, ବୃକକ ଏବଂ ▶ପୃଷ୍ଠା-୭

## ଇନ୍‌ଷ୍ଟାଗ୍ରାମରେ ସେକ୍ସ ର୍‌ୟାକେଟ: ୧୦ ହଜାର ଯୁବତୀ ସାମିଲ

■ ଲୁଧିଆନା, ୫।୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ଏବେ ସମସ୍ୟା ପାଲଟି ଯାଇଛି। ମନୋରଞ୍ଜନର ମାଧ୍ୟମ ସାଜିଥିବା ଏହି ପ୍ଲାଟଫର୍ମ କଳା କାରବାରର ପ୍ରମୁଖ କେନ୍ଦ୍ର ହୋଇଯାଇଛି। ମିଥ୍ୟା ଖବର ପ୍ରସାର ପରେ ନିନ୍ଦିତ ସାମାଜିକ ଗଣମାଧ୍ୟମକୁ ଦେହ ବ୍ୟାପାର ପାଇଁ ବ୍ୟବହାର କରାଯାଉଛି। ପଞ୍ଜାବ ଲୁଧିଆନାରୁ ଏଭଳି ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଇନ୍‌ଷ୍ଟାଗ୍ରାମରେ ପେଜ୍ କ୍ରିଏଟ କରି ମହିଳା ଏବଂ ଯୁବତୀଙ୍କୁ ଏଥିରେ ସାମିଲ କରାଯାଉଛି। ଅଶ୍ଳୀଳ ରିଲ୍ ପୋଷ୍ଟ କରିବା ପାଇଁ ଏମାନଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଉଛି। ଏହି ଲୋଭରେ ପଡ଼ି ଯୁବତୀ ନିଜର ଅଶ୍ଳୀଳ ଭିଡିଓ ଏବଂ ଫଟୋ ପୋଷ୍ଟ କରୁଛନ୍ତି। ଏଥିପାଇଁ ତାଙ୍କୁ ଗୋଟିଏ ପୋଷ୍ଟ ପିଛା ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି। ଏ ସବୁକୁ ଦେଖି ଅଧିକ ସଂଖ୍ୟକ ଲୋକ ପେଜ୍‌ରେ ସାମିଲ ହେଉଛନ୍ତି। ଏହି ପୃଷ୍ଠାର ପ୍ରୋଫାଇଲରେ ଠିକଣା ମଧ୍ୟ ରହୁଛି। ପରେ ବ୍ୟକ୍ତିଙ୍କୁ ମେସେଜ କରି ଦେହ ବ୍ୟବସାୟକୁ ଠେଲା ଯାଉଛି। କେବଳ ଲୁଧିଆନାର ୧୦ ହଜାର ଯୁବତୀ ଏଭଳି ପେଜ୍ ସହ ଜଡ଼ିତ ଅଛନ୍ତି ବୋଲି ସୂଚନା ମିଳିଛି। ଏଥିରେ ଦେହ ବ୍ୟବସାୟ ହେଉଥିବା ଠିକଣାରେ ଭିଡିଓ ମଧ୍ୟ ଅପଲୋଡ କରାଯାଇଛି। ଏହି ଭିଡିଓରେ ବାହାର ରାସ୍ତା ଦେଖାଯାଉଛି। ତେଣୁ ଗ୍ରାହକ ସହଜରେ ଏଠାରେ ପହଞ୍ଚି ପାରୁଛନ୍ତି। ଭିଡିଓରେ ଶୟନ କକ୍ଷ ମଧ୍ୟ ଦେଖାଯାଉଛି। ୨୦୨୬ ମାର୍ଚ୍ଚରୁ ଏହି ପୃଷ୍ଠା ଚାଲିଥିବାବେଳେ ଲୁଧିଆନା ▶ପୃଷ୍ଠା-୭

**ଅଚଳାବସ୍ଥା ଅବ୍ୟାହତ**

# ମାନୁନାହାନ୍ତି ମିଲର୍, ନଇଁଲେନି ଡାକ୍ତର

## ସାରା ରାଜ୍ୟରେ ଧାନ କିଣା ବନ୍ଦ, ଚାଷୀ ହନ୍ତସନ୍ତ

■ ଭୁବନେଶ୍ୱର, ୫।୧ (ସମିସ): ରାଜ୍ୟରେ ଧାନ କିଣାରେ ଯାବତୀୟ ଅବ୍ୟବସ୍ଥା ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି ସରକାର ଓ ମିଲର୍। ଚାଷୀ ଓ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ହୋଇ ପାରୁ ନ ଥିବାବେଳେ ସରକାର ଓ ମିଲର୍‌ମାନଙ୍କ ମଧ୍ୟରେ ନୂଆ ବିବାଦ ଆରମ୍ଭ ହୋଇଛି। ମିଲର୍ସଙ୍କ ଦାବିକୁ ସରକାର ଆଦୌ ଗୁରୁତ୍ୱ ନ ଦେବା ଓ ସମ୍ବେଦନଶୀଳ ନ ହେବା ହେତୁ ମିଲର୍‌ମାନେ ଆଉ ଧାନ ଉଠାଇବେ ନାହିଁ ବୋଲି ସିଧା ସିଧା ମନା କରିଦେଇଛନ୍ତି। ଏହି ଘୋଷଣା ସହ ସୋମବାରଠାରୁ ରାଜ୍ୟ ମିଲର୍ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଅନ୍ୟପଟେ ମିଲର୍ସଙ୍କ ଏଭଳି ଘୋଷଣା ପରେ ସାରା ରାଜ୍ୟରେ ଧାନ କିଣା ଏକ ପ୍ରକାର ଠପ୍ ହୋଇ ଯାଇଛି।

ଅଭିଯୋଗ ଅନୁସାରେ, ମିଲରଙ୍କ ଦାବି ସମ୍ପର୍କରେ ସରକାର ଆଦୌ ଯତ୍ନବାନ ହେଉ ନାହାନ୍ତି ଏବଂ ୨ ବର୍ଷ ହେବ କୌଣସି ପଦକ୍ଷେପ ନେଉ ନାହାନ୍ତି। ମିଲର୍ସ ସଂଘ ଏହାକୁ ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେବା ପରେ ରବିବାର ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ସୋମବାର ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ସଂଘର ବୈଠକ ବସିଛି। ବୈଠକରେ ଆଲୋଚନା ପରେ ସଂଘ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦାବି କରାଯାଇଥିଲେ ମଧ୍ୟ ସରକାର ଏହାକୁ ଏଡ଼ାଇ ଯାଇଛନ୍ତି। ଫଳରେ କ୍ରୋଧାନ୍ୱିତ ହୋଇ ମିଲର୍ ସଂଘ ଧାନ ନ ଉଠାଇବାକୁ ଘୋଷଣା କରିଛି।

### ଫଳପ୍ରଦ ହେଲାନାହିଁ ମନ୍ତ୍ରୀ ଓ ବିଭାଗ ସହ ମିଲର୍ ବୈଠକ

ସଂଘର ଦାବି ଅନୁସାରେ, ୨୦୨୩-୨୪ ଓ ୨୦୨୪-୨୫ ଖରିଫ୍ ଋତୁ ପାଇଁ ରକ୍ଷଣାବେକ୍ଷଣ ଶୁଳ୍କ ପ୍ରଦାନ, କଷ୍ଟମ୍ ମିଲିଂ ପାଇଁ ଅତିରିକ୍ତ ପ୍ରୋତ୍ସାହନ ରାଶି, ୪୦ କିଲୋମିଟରରୁ ଅଧିକ ଦୂରତା ପାଇଁ ପରିବହନ ଖର୍ଚ୍ଚର ସଂଶୋଧନ, ଅରୁଆ ଚାଉଳ କ୍ଷେତ୍ରରେ ୧ ପ୍ରତିଶତ "ଡ୍ରାଇଏଜ୍' ବ୍ୟବସ୍ଥାର ପୁନଃପ୍ରଚଳନ ଆବଶ୍ୟକ। ପଡ଼ୋଶୀ ରାଜ୍ୟଗୁଡ଼ିକରେ ପୂର୍ବବର୍ଷ ତୁଳନାରେ ମିଲର୍ସମାନଙ୍କୁ ଦିଆଯାଉଥିବା ଦେୟରେ ବୃଦ୍ଧି କରାଯାଇଛି। ହେଲେ ଓଡ଼ିଶା ସରକାର ଦେୟ ବୃଦ୍ଧି ବଦଳରେ ପୂର୍ବ ପ୍ରଚଳିତ ରାଶିକୁ କମାଇ ଦେଇଛନ୍ତି। ପୂର୍ବରୁ ▶ପୃଷ୍ଠା-୭

## ୨ ଘଣ୍ଟା ଅଚଳ ହେଲା ଓପିଡି

■ ଭୁବନେଶ୍ୱର, ୫।୧(ସମିସ): ପୂର୍ବ ନିଷ୍ପତ୍ତି ଅନୁଯାୟୀ ସୋମବାରଠାରୁ ସାରା ରାଜ୍ୟରେ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା)। ସରକାର ଯେପର୍ଯ୍ୟନ୍ତ ନ୍ୟାଯ୍ୟ ଦାବି ପୂରଣ କରି ନ ଛନ୍ତି, ସେଯାବତ୍ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଦିନବେଳା ୨ଘଣ୍ଟା ଓପିଡି ସେବାରେ ଓମ୍‌ସା ସହଯୋଗ କରି ନ ଥିବାରୁ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଭିନ୍ନ ଡାକ୍ତରଖାନାରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।



ସୂଚନାଯୋଗ୍ୟ ଯେ ଗତ ୨୬ ତାରିଖରୁ ଓମ୍‌ସା ନିଜର ୧୦ ଦଫା ଦାବି ନେଇ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କରି ଆସୁଥିଲା। ତେବେ ସେମାନଙ୍କର ଦାବି ପୂରଣ ହୋଇ ନ ଥିବାରୁ ପୂର୍ବ ଘୋଷଣା ଅନୁଯାୟୀ, ସୋମବାରଠାରୁ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରାଯାଇଛି। ଦିନ ▶ପୃଷ୍ଠା-୭

- ରୋଗୀ ହନ୍ତସନ୍ତ, ସମସ୍ୟା ସମାଧାନ ପାଇଁ ଜନସାଧାରଣଙ୍କ ଦାବି
- ସଂଘର ଦାବି, ମୁଖ୍ୟମନ୍ତ୍ରୀ କରନ୍ତୁ ହସ୍ତକ୍ଷେପ
- ରୋଗୀସେବାରେ ଯୋଗ ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁରୋଧ
- ଦାବି ପୂରଣ ନହେଲେ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଓପିଡି ସେବା ବନ୍ଦ

## ମକର ଯାଏଁ ଶୀତର ପ୍ରକୋପ

■ ଭୁବନେଶ୍ୱର,୫।୧(ସମିସ): ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟରେ ଶୀତର କହର ଜାରି ରହିବ। ଏହାପରର ସ୍ଥିତି ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ମକର ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଅନୁଭୂତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ବାୟୁର ଦିଗ ପରିବର୍ତ୍ତନ ହେତୁ ଗଲା ୩-୪ ଦିନ ହେବ ରାଜ୍ୟରେ ଶୀତ ସାମାନ୍ୟ ହ୍ରାସ ପାଇଛି। ପୂର୍ବାପେକ୍ଷା ତାପମାତ୍ରାରେ ହ୍ରାସ ଯୋଗୁଁ ଶୀତରୁ କିଛିକାଂଶରେ ମୁକ୍ତି ମିଳିଛି। ମାତ୍ର ଆଜିଠାରୁ ପୁଣି ତାପମାତ୍ରା ହ୍ରାସ ହେବାକୁ ଥିବାରୁ ରାଜ୍ୟକୁ ପୁଣି ଶୀତ ଫେରିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆଜିଠାରୁ ୩ ଦିନ ମଧ୍ୟରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୩ ଡିଗ୍ରୀ କମିବ। ଏହା ପ୍ରଭାବରେ ଶୀତ କିଛି ମାତ୍ରରେ ବୃଦ୍ଧି ପାଇବ। ତେବେ ଏହାର ପର ୩ ଦିନରେ ପୁଣି ତାପମାତ୍ରା ପ୍ରାୟ ୨ ଡିଗ୍ରୀ ବଢ଼ି ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ। ୧୦ ତାରିଖ ରାତିରେ ଭୁବନେଶ୍ୱର, ବ୍ରହ୍ମପୁର ସମେତ ଦକ୍ଷିଣ ▶ପୃଷ୍ଠା-୭

**ବାଲେଶ୍ୱରରେ ବାୟୁ ପ୍ରଦୂଷଣ କଟକଣା**

## ସନ୍ଧ୍ୟା ୬ରୁ ସକାଳ ୧୦ ନିର୍ମାଣ ବନ୍ଦ

■ ବାଲେଶ୍ୱର, ୫।୧(ସମିସ): ଘର ବୁଡ଼ି ପାଣି ଆଣ୍ଠିଏ ହେବା ପରେ ପ୍ରଶାସନର ଚେତା ପଶିଛି। ବାୟୁ ପ୍ରଦୂଷଣ ରୋକିବା ପାଇଁ କଟକଣା ଜାରି କରିଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ। ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ଜିଲ୍ଲାରେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଯାଇଛି। ବାଲେଶ୍ୱର ପୌରପାଳିକା ସମେତ ଅନ୍ୟ ସହରାଞ୍ଚଳ (ୟୁଏଲବି) ସୀମା ଭିତରେ ଭଙ୍ଗାରୁଜା ଓ ମାଟି କାମ (ଆର୍ଥ ୱାର୍କ)କୁ ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି। ସେହିପରି, ପୌର ପ୍ରଶାସନ ଓ ଏନ୍‌ଏଚ୍‌ଏଆଇ ପକ୍ଷରୁ ସମସ୍ତ ରାସ୍ତାରେ ଦିନକୁ ଅତି କମ୍‌ରେ ୩ଥର ପାଣି ସିଞ୍ଚନ, ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସଂପୂର୍ଣ୍ଣ ନିଷିଦ୍ଧ, ଖୋଲାଖୋଲି ଆବର୍ଜନା ଜଳାଇବା ଏବଂ ଢାବାରେ କୋଇଲା ଜଳାଇବାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଆଗାମୀ ୭ ଦିନ ଯାଏଁ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ଏହାର ଅବଧି ବୃଦ୍ଧି କରାଯିବ ବୋଲି କୁହାଯାଇଛି।

**ଭଙ୍ଗାରୁଜା ଓ ମାଟି କାମ ସଂପୂର୍ଣ୍ଣ ନିଷିଦ୍ଧ**

**ଆଗାମୀ ୭ ଦିନ ଯାଏଁ କଟକଣା**

ସୂଚନାନୁଯାୟୀ, ନିକଟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ▶ପୃଷ୍ଠା-୭

**ଦିଲ୍ଲୀ ଦଙ୍ଗା ମାମଲା**

## ଉମର ଖାଲିଦ, ଇମାମଙ୍କୁ ମିଳିଲାନି ଜାମିନ

■ ନୂଆଦିଲ୍ଲୀ, ୫।୧(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ହେଲା ଜେଲ୍‌ରେ ଥିବା ଛାତ୍ର ନେତା ଉମର ଖାଲିଦ ଏବଂ ସର୍ଜିଲ ଇମାମଙ୍କୁ ଜାମିନ ଦେବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ସେମାନଙ୍କ



ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି ଏବଂ ଦିଲ୍ଲୀ ପୁଲିସ ଏହାର ପ୍ରମାଣ ଉପସ୍ଥାପିତ କରିଛି। ତେଣୁ ସେମାନଙ୍କୁ ଏବେ ଜାମିନ ଦେବା ସମ୍ଭବ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ତେବେ ଏହି ମାମଲାରେ ସେମାନଙ୍କ ସହିତ ଜେଲରେ ଥିବା ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ କଠୋର ସର୍ତ୍ତ ସହିତ କୋର୍ଟ ଜାମିନ ▶ପୃଷ୍ଠା-୭

**ପୁଲିସ ଏସ୍‌ଆଇ ଚାକିରି ବେପାର ମାମଲାରେ ସିବିଆଇର ଚାର୍ଜସିଟ୍**

## ମାର୍ଚ୍ଚରେ ଡିଲ୍, ୨୫ ଲକ୍ଷରେ ବିକ୍ରି

■ ଭୁବନେଶ୍ୱର, ୫।୧ (ସମିସ): ଗତ ମାର୍ଚ୍ଚ ମାସରେ ହୋଇଥିଲା ଏସ୍‌ଆଇ ଚାକିରି ବେପାର ନିମନ୍ତେ ବ୍ଲୁ ପ୍ରିଣ୍ଟ। ଏସ୍‌ଆଇ ଚାକିରି ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଡିଲ୍ ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ସେତେବେଳେ କାହିଁକି ପରୀକ୍ଷା ସ୍ଥଗିତ ରଖାଗଲା, ସେ ସମ୍ପର୍କରେ କେହି ମୁହଁ ଖୋଲି ନ ଥିଲେ। ଓପିଆର୍‌ବି, ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ରହସ୍ୟମୟ ନିରବତା ଅବଲମ୍ବନ କରିଥିଲେ। କୌତୂହଳର ବିଷୟ ହେଉଛି ମାର୍ଚ୍ଚରେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ରରେ ପୁନର୍ବାର ଅକ୍ଟୋବର ମାସରେ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସମଗ୍ର ଘଟଣାରେ ସିଲିକନ୍ ଟେକ୍‌ର ପରିଚାଳନା ନିର୍ଦ୍ଦେଶକ ସୁରେଶ ନାୟକ ଖଳନାୟକ ଥିଲେ ବୋଲି ସିବିଆଇ ଦାଖଲ କରିଛି ଚାର୍ଜସିଟ୍।

- ଗୋଟିଏ ଥର ଲିକ୍ ପରେ ବି ନିରବ ରହିଥିଲା ଓପିଆର୍‌ବି
- ପ୍ରଘଟ ପ୍ରଶ୍ନପତ୍ର ପୁନଃ ବ୍ୟବହାର ଲାଗି ହୋଇଥିଲା ଯୋଜନା
- ସତ ହେଲା ଚାକିରି ବିକ୍ରି ସଂକ୍ରାନ୍ତ 'ସକାଳ'ର ଖବର



ପ୍ରଶ୍ନପତ୍ର ପ୍ରଘଟ !

ପୁଲିସ ଏସ୍‌ଆଇ ପରୀକ୍ଷା ସ୍ଥଗିତ

ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ଅନୁସାରେ, ମାର୍ଚ୍ଚ ମାସରୁ ଚାକିରି ବିକ୍ରି ପାଇଁ ସୁରେଶ ନାୟକ ପୂରା ନକ୍ସା ପ୍ରସ୍ତୁତ କରିଥିଲେ। ପରୀକ୍ଷା ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆର୍‌ବିର ରହିଥିଲା ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍ ଏମ୍‌ଡି ସୁରେଶ ନାୟକ ଛାପା ପ୍ରଶ୍ନପତ୍ରର ଏକ ସେଟ୍ ନେଇଯାଇଥିଲେ। ପ୍ରଶ୍ନପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ଦଲାଲ୍‌ମାନେ ପୁଲିସ ଏସ୍‌ଆଇ ପଦବୀର ଡିଲ୍ କରିଥିଲେ। ତେବେ ଏହି ଖବର କୌଣସି ସୂତ୍ରରୁ ଲିକ୍ ହେବା ପରେ ମାର୍ଚ୍ଚ ମାସରେ ପରୀକ୍ଷା ବାତିଲ କରାଯାଇଥିଲା। ▶ପୃଷ୍ଠା-୭








## ଏସ୍ଆଇଆର୍ ସମୟରେ ମୃତ୍ୟୁ

# କୋର୍ଟ ଯିବେ ମମତା; ନିଜେ ଲଢ଼ିବେ



**କୋଲକାତା, ୫।୧ (ଏଜେନ୍ସି):** ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟରର ତାଲିକା ସଂଶୋଧନ (ଏସଆଇଆର) ସମୟରେ ହୋଇଥିବା ମୃତ୍ୟୁକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଏ ନେଇ ମଙ୍ଗଳବାର ଆବେଦନ ଦାଏର କରାଯିବ। ଜଣେ ସାଧାରଣ ନାଗରିକ ଭାବେ ସେ ଏହି ଅମାନବୀୟ ପ୍ରକ୍ରିୟା ବିରୋଧରେ ପ୍ରତିନିଧିତ୍ୱ କରିବେ ବୋଲି ମମତା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ମୁଁ ଜଣେ ପ୍ରଶିକ୍ଷିତ ଓକିଲ। ଅନୁମତି ମିଳିଲେ ସୁପ୍ରିମକୋର୍ଟଙ୍କ ମଧ୍ୟ ଦ୍ୱାରସ୍ଥ ହେବି। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଗର ଦ୍ୱୀପରେ ରାଲି କରି ମମତା ଦାବି କରିଛନ୍ତି ଯେ ଏସଆଇଆର ଆରମ୍ଭ ହେବା ଦିନଠାରୁ ଭୟ, ଉତ୍ପୀଡ଼ନ ଏବଂ ପ୍ରାଶାସନିକ ଅବ୍ୟବସ୍ଥାରେ ଅନେକ ଲୋକ ପ୍ରାଣ ହରାଇଲେଣି। ଅନେକ ଡାକ୍ତରଖାନାରେ ମଧ୍ୟ ଭର୍ତ୍ତି ହୋଇଛନ୍ତି। ଗମ୍ଭୀର ରୋଗରେ ପୀଡ଼ିତ ବହୁ ରୋଗୀଙ୍କୁ ମଧ୍ୟ ବୈଧତା ସାବ୍ୟସ୍ତ କରିବା ପାଇଁ ମତଦାନ କେନ୍ଦ୍ରରେ ଧାଡ଼ି ଛିଡ଼ା କରାଯାଇଥିଲା। ଯଦି କୌଣସି ବିଜେପି ନେତାଙ୍କ ବୃଦ୍ଧ ମାତାପିତାଙ୍କ ଏଭଳି ଭାବେ ଧାଡ଼ିରେ ଛିଡ଼ା କରାଯିବ ତେବେ ତାଙ୍କୁ କେମିତି ଲାଗିବ ବୋଲି ଦିଦି ପ୍ରଶ୍ନ କରିଛନ୍ତି।

ମମତା ଅଭିଯୋଗ କରିଛନ୍ତି ଯେ ଏସଆଇଆର ପ୍ରକ୍ରିୟାରେ ବିନା କାରଣରେ ମନଇଚ୍ଛା ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯାଉଛି। ବିଧାନସଭା ନିର୍ବାଚନ ପୂର୍ବରୁ ହେଉଥିବା ଏହି ଏସଆଇଆର ଲୋକଙ୍କୁ ଡରାଇବାର ପ୍ରକ୍ରିୟା ପାଲଟି ଯାଇଛି। ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ କହୁଥିବା ଶ୍ରମିକଙ୍କ ସହ ଭେଦଭାବ କରାଯାଉଛି। ମୋତେ ଜୀବନରୁ ମାରିଦେଲେ ବି ମାତୃଭାଷା କହିବା ବନ୍ଦ କରିବି ନାହିଁ ବୋଲି ଦିଦି କହିଛନ୍ତି। ସେହିପରି ଦିଦି କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବିଜେପି ଲୋକଙ୍କୁ ନିଜ ଆଡକୁ ଟାଣିବା ପାଇଁ ପ୍ରଲୋଭନ ଦେଖାଉଛି। ଜିତିବା ପରେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବୋଲି ଦିଦି କହିଛନ୍ତି। ନିର୍ବାଚନ ପୂର୍ବରୁ ୧୦ ହଜାର ଟଙ୍କା ଲେଖାଏଁ ଦେଇ ପରେ ବୁଲ୍‌ଡୋଜର ଚଳାଉଛି। ଅତ୍ୟାଚାର ଦ୍ୱାରା କୌଣସି ଫଳାଫଳ ବାହାରିବ ନାହିଁ ବୋଲି ମମତା ଉଲ୍ଲେଖ କରିଛନ୍ତି।

- ଏସଆଇଆର ଭୟରେ ଅନେକ ଲୋକ ପ୍ରାଣ ହରାଇଲେଣି
- ଲୋକଙ୍କୁ ଡରାଇବାର ପ୍ରକ୍ରିୟା ପାଲଟି ଯାଇଛି ଏସଆଇଆର

ଅନ୍ୟପକ୍ଷରେ ରାଜ୍ୟରେ ଏସଆଇଆର ଉପରେ ଶୁଣାଣି ଜାରି ରହିଛି। ଫର୍ମ କିମ୍ବା ପ୍ରମାଣପତ୍ରରେ ତ୍ରୁଟି ଥିବା ବ୍ୟକ୍ତିଙ୍କୁ ଏଥିପାଇଁ ଡକାଯାଉଛି। ପୂର୍ବତନ ମନ୍ତ୍ରୀ କାନ୍ତି ଗଙ୍ଗୋପଧ୍ୟାୟଙ୍କଠାରୁ ନେଇ ସାଂସଦ କାକଲି ଘୋଷ ଦସ୍ତିଦାରଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଡକାଯାଇଛି। ଏସଆଇଆର ମାଧ୍ୟମରେ ଲୋକଙ୍କୁ ହଇରାଣ କରାଯାଉଛି ବୋଲି ଟିଏମସି ଅଭିଯୋଗ କରିଆସୁଛି। ବିନା ଯୋଜନାରେ ଭୁଲ ଭାବେ ଏହା କରାଯାଉଥିବା ମମତା ଅଭିଯୋଗ କରିଛନ୍ତି। ରାଜ୍ୟର ଦାବି ପୂରଣ ନ ହେଲେ ଏସଆଇଆର ପ୍ରକ୍ରିୟାକୁ ନିଲମ୍ବିତ କରିଦିଆଯିବ ବୋଲି ମମତା କହିଛନ୍ତି।

## ଏସ୍ଆଇଆର୍ ଫର୍ମରେ ତ୍ରୁଟି: ମହମ୍ମଦ ସାମିଙ୍କୁ ନୋଟିସ



**କୋଲକାତା, ୫।୧ (ଏଜେନ୍ସି):** କ୍ରିକେଟର ମହମ୍ମଦ ସାମିଙ୍କୁ ନିର୍ବାଚନ କମିଶନ (ଇସି) ନୋଟିସ ଜାରି କରିଛନ୍ତି। ସାମି ଏବଂ ତାଙ୍କ ଭାଇ ମହମ୍ମଦ କୈଫଙ୍କ ଏସଆଇଆର ଫର୍ମରେ ତ୍ରୁଟି ଥିବା ଜଣାପଡ଼ିଛି। ଏଥିପାଇଁ ଦୁଇ ଭାଇଙ୍କୁ ଡକରା ପଠାଯାଇଥିବା ସୂଚନା ମିଳିଛି। ଏ ପର୍ଯ୍ୟନ୍ତ ଏହି ନୋଟିସକୁ ନେଇ ଇସି କିମ୍ବା ସାମିଙ୍କ ପକ୍ଷରୁ କୌଣସି ବିବୃତ୍ତି ଦିଆଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ସାମିଲଙ୍କ ଏନ୍ୟୁମେରେସନ ଫର୍ମରେ ପ୍ରୋଜେନି ମ୍ୟାପିଂ ଏବଂ ସେଲ୍ଫ ମ୍ୟାପିଂ ସମ୍ବନ୍ଧିତ ତ୍ରୁଟି ରହିଛି। ଏହା ପରେ ଦକ୍ଷିଣ କୋଲକାତାର ୱାର୍ଡ ନମ୍ବର ୯୩ରୁ ନୋଟିର ଜାରି କରାଯାଇଛି। ଏଥିରେ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଏରୋ)ଙ୍କ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି। କୋଲକାତା ମହାନଗର ନିଗମର ୱାର୍ଡ ନମ୍ବର ୯୩ର ଭୋଟର ଭାବେ ମହମ୍ମଦ ସାମି ପଞ୍ଜିକୃତ ହୋଇଛନ୍ତି। ଏହା ରାସବିହାହୀ ବିଧାନସଭା କ୍ଷେତ୍ର ଅଧିନରେ ଆସୁଛି। ୨୦୨୪ରେ ହୋଇଥିବା ଲୋକସଭା ନିର୍ବାଚନରେ ଏହି ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ଉତ୍ତର ପ୍ରଦେଶ ଅମରୋହାର ନିଜ ପୈତୃକ ଗ୍ରାମରେ ଭୋଟ ଦେଇଥିଲେ। ଏବେ ସେ ବିଜୟ ହଜାରେ ଟ୍ରଫିରେ ବ୍ୟସ୍ତ ଅଛନ୍ତି।

# ଏଥର ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ଗ୍ରୀନ୍‌ଲାଣ୍ଡ



**ୱାସିଂଟନ,୫ ।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ପୁଣିଥରେ ଗ୍ରୀନ୍‌ଲାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣ ପାଇଁ ତାଙ୍କ ଇଚ୍ଛାକୁ ଦୋହରାଇଛନ୍ତି। କିନ୍ତୁ ଏହାକୁ ସ୍କାଣ୍ଡିନେଭିଆନ ଦେଶ ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ନେତାଙ୍କୁ କ୍ରୋଧିତ କରିଛି। ଗ୍ରୀନ୍‌ଲାଣ୍ଡ ଡେନମାର୍କର ଏକ ସ୍ୱୟଂଶାସିତ ଅଞ୍ଚଳ। ସୋମବାର ଏୟାରଫୋର୍ସ ୱାନ୍‌ରେ ସମ୍ବାଦିକଙ୍କ ସହ କଥା ହେବା ବେଳେ ଟ୍ରମ୍ପ କହିଛନ୍ତି ଯେ, ଆମେରିକାର ଜାତୀୟ ସୁରକ୍ଷା ପାଇଁ ଗ୍ରୀନ୍‌ଲାଣ୍ଡ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସେଠାରେ ରୁଷିଆ ଓ ଚୀନ ଜାହାଜର ଉପସ୍ଥିତି ଏକ ଚିନ୍ତାର ବିଷୟ। ଆମକୁ ଗ୍ରୀନଲାଣ୍ଡର ଆବଶ୍ୟକତା ରହିଛି। ଏହା ରଣନୈତିକ ଦୃଷ୍ଟିକୋଣରୁ ମହତ୍ୱପୂର୍ଣ୍ଣ। ଡେନମାର୍କ ଏହାକୁ ସମ୍ଭାଳିବାରେ ଅସମର୍ଥ ବୋଲି ଟ୍ରମ୍ପ କହିଥିଲେ। ପୂର୍ବରୁ 'ଦି ଆଟଲାଣ୍ଟିକ' ପ୍ରତିକା ସହ ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ପ୍ରତିରକ୍ଷା ଉଦ୍ଦେ୍ୟଶରେ ଆମେରିକାକୁ ଗ୍ରୀନଲାଣ୍ଡର ନିହାତି ଆବଶ୍ୟକତା ରହିଛି। ତେବେ ଏହାକୁ ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡେରିକ୍ସେନ କଡ଼ା ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ଗ୍ରୀନ୍‌ଲାଣ୍ଡକୁ ମିଶାଇବା ପାଇଁ ଆମେରିକାରେ ମନ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ଅବାନ୍ତର।


ସେହିପରି ଗ୍ରୀନଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡେରିକ ନେଲସେନ ଟ୍ରମ୍ପଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ଓ ଏହା ଅପମାନଜନକ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ଆମେରିକା ଓ ଡେନମାର୍କ ପରସ୍ପରର ସହଯୋଗୀ ରହିଆସିଛନ୍ତି। ଏହି ଦୁଇ ଦେଶ ସାମାରିକ ମେଣ୍ଟ ନାଟୋର ପ୍ରତିଷ୍ଠାତା ସଦସ୍ୟ ଥିଲେ।

## 'ଭେନେଜୁଏଲାକୁ ଆମେରିକା କଥାରେ ଚାଲିବାକୁ ପଡ଼ିବ'

**ୱାସିଂଟନ,୫ ।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାର ନବନିଯୁକ୍ତ ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗ୍ୱେଜଙ୍କୁ ଧମକ ଦେଇଛନ୍ତି। ଯଦି ଡେଲସି ଆମ କଥା ନ ଶୁଣନ୍ତି ତେବେ ଭୟଙ୍କର ପରିଣତି ଭୋଗିବେ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଡେଲସି ଭେନେଜୁଏଲା ପାଇଁ ଆମେରିକା ଯାହା ଠିକ ମନେକରେ ତାହା ନକରିନ୍ତି, ତେବେ ତାଙ୍କ ଅବସ୍ଥା ମାଦୁରୋଙ୍କ ଅପେକ୍ଷା ଆହୁରି ଖରାପ ହୋଇପାରେ। 'ଦି ଆଟଲାଣ୍ଟିକ' ପତ୍ରିକାକୁ ସାକ୍ଷାତକାର ଦେବା ଅବସରରେ ଟ୍ରମ୍ପ ଏହି କଥା କହିଛନ୍ତି। ପୂର୍ବରୁ 'ନ୍ୟୁୟର୍କ ପୋଷ୍ଟ' ସହ ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ଯଦି ରୋଡ୍ରିଗ୍ୱେଜ ଆମେରିକାର କଥା ଶୁଣନ୍ତି ବା କଥା ଅନୁସାରେ ଚାଲନ୍ତି ତେବେ, ଭେନେଜୁଏଲାରେ ଆମେରିକା ସୈନ୍ୟ ମୁତୟନ କରିବାର କୌଣସି ଆବଶ୍ୟକତା ନାହିଁ। ଭେନେଜୁଆଲ ଉପରେ ଆମେରିକା ଆକ୍ରମଣରେ ୩୨ ଜଣ କ୍ୟୁବା ଅଧିକାରୀ ମୃତ୍ୟୁବରଣ କରିଛନ୍ତି ବୋଲି କ୍ୟୁବା ସରକାର ସୂଚନା ଦେଇଛନ୍ତି।

ଅନ୍ୟପଟେ ଡେଲସି ମାଦୁରୋଙ୍କୁ କ୍ଷମତାରୁ ହଟାଇବା ପ୍ରକ୍ରିୟାକୁ ସମାଲୋଚନା କରିଛନ୍ତି ଓ ଆମେରିକା ତାଙ୍କୁ ଫେରାଇବା ପାଇଁ ଦାବି କରିଛନ୍ତି। ସେ ଆମେରିକାକୁ ସହଯୋଗ କରିବା ପାଇଁ ଅପିଲ କରିଛନ୍ତି। ଭେନେଜୁଏଲା ବିକାଶ ଓ ଶାନ୍ତି ପାଇଁ ଆମେରିକା ସହ ଏକ ସହଯୋଗୀ ଏଜେଣ୍ଡା ଗଠନ କରିବାକୁ ଚାହେଁ। ଆମ ଲୋକ ଯୁଦ୍ଧ ନୁହଁ, ଶାନ୍ତି ଓ କଥାବାର୍ତ୍ତାର ହକ୍‌ଦାର। ମାଦୁରୋ ମଧ୍ୟ ଏହି ବାର୍ତ୍ତା ଦେବାକୁ ଚାହୁଁଥିଲେ ବୋଲି ସେ କହିଛନ୍ତି। ସେପେଟେ ଭେନେଜୁଏଲାରେ ଆମେରିକାର ଆକ୍ରମଣ ପରେ ଜାତିସଙ୍ଘ ନିରାପତ୍ତା ପରିଷଦରେ ଜରୁରୀକାଳୀନ ବୈଠକ ଡକାଯାଇଛି। ଏହି ବୈଠକରେ ଭେନେଜୁଏଲା ରାଷ୍ଟ୍ରପତି ମାଦୁରୋଙ୍କୁ ବନ୍ଧକ ରାଖାଯିବାର ବୈଧତା ଉପରେ ଆଲୋଚନା କରାଯିବ। ସେହିପରି ମାଦୁରୋଙ୍କୁ ଆଜି ଆମେରିକା କୋର୍ଟରେ ହାଜର କରାଯିବ।

## ଆମେରିକା କୋର୍ଟରେ ହାଜର ହେଲେ ମାଦୁରୋ



**ନୂଆଦିଲ୍ଲୀ,୫ ।୧(ଏଜେନ୍ସି):** ଲାଟିନ ଆମେରିକୀୟ ଦେଶ ଭେନେଜୁଏଲାର ବିତାଡିତ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ସହ ବହୁ ପୂର୍ବରୁ ଭାରତର ସମ୍ପର୍କ ଥିଲା। ରାଜନୈତିକ ବିପର୍ଯ୍ୟୟ ପୂର୍ବରୁ ମାଦୁରୋ ପତ୍ନୀ ସିଲିଆ ଫ୍ଲୋରେସଙ୍କ ମାଧ୍ୟମରେ ଭାରତରେ ଆଧ୍ୟାତ୍ମିକତାର ସନ୍ଧାନ ପାଇଥିଲେ। ମାଦୁରୋ ଓ ଫ୍ଲୋରେସ ଉଭୟ ସତ୍ୟସାଇଙ୍କ ଅନୁଗାମୀ ଥିଲେ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ଥିଲେ। ଏକ ଖ୍ରୀଷ୍ଟିଆନ ପରିବାରରେ ଓ କ୍ୟାଥଲିକ୍ ଭାବେ ବଢ଼ିଥିବା ମାଦୁରୋ ବିବାହ ପୂର୍ବରୁ ଫ୍ଲୋରେସଙ୍କ ମାଧ୍ୟମରେ ସାଇବାବାଙ୍କ ସହ ଦେଖା କରିବାର ସୁଯୋଗ ପାଇଥିଲେ। ୨୦୦୫ରେ ଉଭୟ ପୁଟ୍ଟପର୍ତ୍ତୀସ୍ଥିତ ପ୍ରଶାନ୍ତି ନିଳୟମ ଆଶ୍ରମରେ ଦୁହେଁ ସତ୍ୟ ସାଇବାବାଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଏହାର ଫଟୋ ଏମେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ମାଦୁରୋ କ୍ଷମତାକୁ ଆସିବା ପରେ ସାଇବାବାଙ୍କ ଫଟୋ ମିରାଫ୍ଲୋରେସ ପ୍ୟାଲେସ୍‌ରେ ଥିବା ତାଙ୍କ ବ୍ୟକ୍ତିଗତ କାର୍ଯ୍ୟାଳୟରେ ଲଗାଇଥିଲେ। ୨୦୧୧ର ସାଇବାବା ପରଲୋକଗମନ କରିବା ପରେ ସେତେବେଳେ ଭେନେଜୁଏଲାର ବିଦେଶ ମନ୍ତ୍ରୀ ଥିବା ମାଦୁରୋ ଏକ ଶୋକବାର୍ତ୍ତା ମଧ୍ୟ ପଠାଇଥିଲେ। ସେତେବେଳେ ଭେନେଜୁଏଲାରେ ଗୋଟିଏ ଦିନ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଥିଲା। ତାଙ୍କ ପରାମର୍ଶରେ ଭେନେଜୁଏଲା ନ୍ୟାସାନାଲ ଆସେମ୍ବ୍ଲିରେ ସାଇବାବାଙ୍କ ପରଲୋକରେ ଶୋକବାର୍ତ୍ତା ନେଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହିକ୍ରମରେ ଲାଟିନ ଆମେରିକାରେ ଭେନେଜୁଏଲା ଏକ ସାଇବାବା ଭକ୍ତିମାନଙ୍କ ଏବ ସର୍ବବୃହତ ସମ୍ମିଳନୀର ଆୟୋଜନ କରିଥିଲା। ଏପରିକି ୨୦୨୪ରେ ଭେନେଜୁଏଲା ତା'ର ଜାତୀୟ ଦିବସ ପାଳନ କରିବା ପାଇଁ ପଠାଇଥିବା ନିମନ୍ତ୍ରଣ ପତ୍ରରେ 'ଓମ୍'ର ଚିହ୍ନ ଚିତ୍ରିତ ହୋଇଥିଲା।

## ଆମେରିକାରେ ଭାରତୀୟ ମହିଳାଙ୍କୁ ହତ୍ୟା

**ୱାସିଂଟନ,୫ ।୧(ଏଜେନ୍ସି):** ଆମେରିକାରେ ଗୋଟିଏ ପରେ ଗୋଟିଏ ଭାରତୀୟଙ୍କ ହତ୍ୟା ଖବର ସାମ୍ନାକୁ ଆସୁଛି। ଏବେ ଆମେରିକାରେ ଆଉ ଜଣେ ଭାରତୀୟ ମହିଳାଙ୍କୁ ହତ୍ୟା କରାଯାଇଛି। ନୂଆବର୍ଷରୁ ନିଖୋଜ ଥିବା ଜଣେ ଭାରତୀୟ ମହିଳାଙ୍କ ମୃତଦେହ ଆମେରିକାର ମେରିଲାଣ୍ଡରେ ତାଙ୍କ ପୂର୍ବତନ ପ୍ରେମିକଙ୍କ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଛି। ମହିଳାଙ୍କ ଶରୀରରେ ଛୁରି ମାଡ଼ର ଚିହ୍ନ ରହିଛି। ଏହି ମାମଲାରେ ପୁଲିସ ତାଙ୍କ ପୂର୍ବତନ ପ୍ରେମିକଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲା। ହାୱାର୍ଡ କାଉଣ୍ଟି ପୁଲିସ ଅନୁଯାୟୀ ୨୭ ବର୍ଷୀୟା ନିକିତା ଗୋଦିଶାଳାଙ୍କ ମୃତଦେହ କଲମ୍ବିଆ ଅଞ୍ଚଳରେ ତାଙ୍କ ପୂର୍ବତନ ପ୍ରେମିକ ଅର୍ଜୁନ ଶର୍ମାଙ୍କ ଆପାର୍ଟମେଣ୍ଟରୁ ମିଳିଛି। ପୁଲିସ ଅର୍ଜୁନ ଶର୍ମାଙ୍କ ବିରୋଧରେ ପ୍ରଥମ ଓ ଦ୍ୱିତୀୟ ଡିଗ୍ରୀ ହତ୍ୟା ପାଇଁ ଗିରଫ ୱରେଣ୍ଟ ଜାରି କରିଥିଲା। ଏବେ ଇଣ୍ଟରପୋଲ ସହାୟତାରେ ଅର୍ଜୁନକୁ ତାମିଲନାଡୁରୁ ଗିରଫ କରାଯାଇଛି। ଅର୍ଜୁନ ଚଣ୍ଡିଗଡ଼ର ଓ ନିକିତା ତେଲଙ୍ଗାନାର ହାଇଦରାବାଦ୍‌ର ବାସିନ୍ଦା ବୋଲି କୁହାଯାଇଛି। ନିକିତା ଇନଷ୍ଟାଗ୍ରାମ୍‌ରେ ବେଶ୍ ସକ୍ରିୟ ଥିଲେ। ପୁଲିସ କହିଛି ଯେ, ଜାନୁଆରୀ ୨ରେ ଅର୍ଜୁନ ଚତୁରତାର ସହ ନିକିତାଙ୍କ ନିଖୋଜ ହେବା ଖବର ରିପୋର୍ଟ କରିଥିଲେ। କିନ୍ତୁ ସେ ସେହିଦିନ ହିଁ ଆମେରିକାରୁ ଭାରତ ପଳିଆସିଥିଲେ। ଅର୍ଜୁନ ଡିସେମ୍ବର ୩୧ରେ ନିକିତାଙ୍କୁ ହତ୍ୟା କରିଥାଇପାରିନ୍ତି ବୋଲି ପୁଲିସ ସନ୍ଦେହ କରୁଛି।

# ଓଏନ୍‌ଜିସି ତେଲ କୂଅରୁ ଗ୍ୟାସ୍ ଲିକ୍



**ହାଇଦରାବାଦ୍,୫ ।୧(ଏଜେନ୍ସି):** ଆନ୍ଧ୍ରପ୍ରଦେଶର କୋନାସୀମା ଜିଲ୍ଲାର ଏକ ଗାଁରେ ସୋମବାର ଓଏନ୍‌ଜିସିର ଏକ କାର୍ଯ୍ୟକାରୀ ତୈଳ କୂପରୁ ଗ୍ୟାସ୍ ଲିକ୍ ହେବା କାରଣରୁ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। କୋନାସୀମା ରଜୋଲ ଅଞ୍ଚଳର ଇରୁସୁମାଣ୍ଡା ଗାଁରେ ଏହି ତୈଳ କୂପ ଅବସ୍ଥିତ। କୂପରୁ ଅସ୍ଥାୟୀ ଭାବେ ଉତ୍ପାଦନ ବନ୍ଦ ହେବା ପରେ ଏକ ୱାର୍କଓଭର ରିଗ୍ ବ୍ୟବହାର କରି ମରାମତି କାର୍ଯ୍ୟ ଚାଲିଥିବା ସମୟରେ ଏହି ଘଟଣା ଘଟିଥିଲା। ମରାମତି ସମୟରେ ଏକ ଶକ୍ତିଶଳୀ ବିସ୍ଫୋରଣ ଯୋଗୁଁ ଆଶୋଧିତ ତୈଳ ମିଶ୍ରିତ ବିପୁଳ ପରିମାଣର ଗ୍ୟାସ ନିର୍ଗତ ହୋଇଥିଲା ଓ ଏହା ଉପରକୁ ଉଠିଥିଲା। ସ୍ଥାନୀୟ ଅଧିକାରୀମାନଙ୍କ କହିବା ଅନୁଯାୟୀ ଲିକ୍ ହୋଇଥିବା ଗ୍ୟାସ ତୁରନ୍ତ ନିଆଁ ଧରିଥିଲା। ଫଳରେ ଘଟଣାସ୍ଥଳରେ ନିଆଁ ଲାଗିଯାଇଥିଲା। ଫଳରେ ନିକଟସ୍ଥ ଗ୍ରାମବାସୀ ଓ କର୍ତ୍ତୃପକ୍ଷ ଉଭୟଙ୍କୁ ଚିନ୍ତିତ କରିଥିଲା। ଇରୁସୁମାଣ୍ଡା ଓ ଆଖପାଖ ଅଞ୍ଚଳରେ ଘନ କୁହୁଡି ପରି ଗ୍ୟାସ ଓ ଧୂଆଁର ଘନ ମଘ ବ୍ୟାପୀ ଯାଇଥିଲା। ଏହି ଘଟଣାରେ କୌଣସି ଲୋକ ମୃତାହତ ହେବାର କିମ୍ବା ଆହତ ହେବାର ସୂଚନା ମିଳିନାହିଁ।

**ଆନ୍ଧ୍ରପ୍ରଦେଶ ଗାଁରେ ବ୍ୟାପକ ସ୍ଥାନାନ୍ତର**

ଏହାପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ପାଇଁ ସତର୍କତ ଜାରି କରାଯାଇଥିଲା। କର୍ତ୍ତୃପକ୍ଷ ଡାକବାଜୀ ଯନ୍ତ୍ରରେ ଗାଁ ଲୋକଙ୍କୁ ବିଦ୍ୟୁତ ଉପକରଣ ଚାଲୁ ନକରିବା ପାଇଁ ଓ ଚୁଲି ନ ଜଳାଇବା ପାଇଁ ଘୋଷଣା କରିଥିଲେ। ପଞ୍ଚାୟତ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ଗାଁ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର ହେବାକୁ ଅନୁରୋଧ କରିଥିଲେ। ଫଳରେ ଅନେକ ବାସନ୍ଦା ସେମାନଙ୍କ ଘରୁ ପଳାଯାଇଯାଇଥିଲେ ଓ ସେମାନଙ୍କୁ ଗୋରୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଓଏନ୍‌ଜିସି କର୍ମଚାରୀମାନେ ଲିକ୍ ନିୟନ୍ତ୍ରଣ କରିବାକୁ ଘଟଣାସ୍ଥଳକୁ ଆସିଥିଲେ। ଏହି ଅଞ୍ଚଳକୁ ଘେରାବନ୍ଦୀ କରାଯାଇଥିବା ବେଳେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

## ଆମେରିକା ଉପ-ରାଷ୍ଟ୍ରପତି ଭାନ୍ସଙ୍କ ଘର ଉପରେ ଆକ୍ରମଣ

**ୱାସିଂଟନ, ୫।୧ (ଏଜେନ୍ସି):** ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଉପରେ ଆକ୍ରମଣ କରାଯାଇଛି। ଓହିଓ ରାଜ୍ୟର ସିନସିନାଟି ସ୍ଥିତ ଘରେ ରବିବାର ରାତି ୧୨ଟା ୧୫ରେ ହୋଇଥିବା ଏହି ଆକ୍ରମଣରେ ଝରକା ଭାଙ୍ଗି ଯାଇଛି। ଏହି ମାମଲାରେ ଜଣକୁ ଗିରଫ କରାଯାଇଛି। ମାତ୍ର ସେ ଉପ-ରାଷ୍ଟ୍ରପତିଙ୍କ ଘରେ ପ୍ରବେଶ କରି ନ ଥିଲେ ବୋଲି ଜଣାପଡ଼ିଛି। ଏବେ ପୁଲିସ ମାମଲାର ତଦନ୍ତ କରୁଛି। ଜଣେ ଆକ୍ରମଣ କରି ଦୌଡ଼ି ପଳାଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ପୁଲିସ ସୂଚନା ଅନୁଯାୟୀ, ଏହି ସମୟରେ ଉପ-ରାଷ୍ଟ୍ରପତି ଏବଂ ତାଙ୍କ ପରିବାର ସଦସ୍ୟ ଘରେ ନ ଥିଲେ।

ସେ ସପ୍ତାହେ ହେଲା ଏଠାରେ ରହୁଥିବାବେଳେ ରବିବାର ଦ୍ୱିପହରେ ରାଜଧାନୀ ଫେରିଥିଲେ। ସେ ଏହି ଘରେ ୧୪ ଲକ୍ଷ ଡଲାର ଖର୍ଚ୍ଚ କରିଛନ୍ତି। ୨.୩ ଏକର ଜାଗାରେ ତାଙ୍କ ଘର ରହିଛି। ଜାଣିଶୁଣି ଏଭଳି ଆକ୍ରମଣ କରାଯାଇଛି କି ଏହା ପଛରେ ଆଉ କୌଣସି କାରଣ ଅଛି ତାହା ଜାଣିବା ପାଇଁ ପ୍ରୟାସ ଜାରି ରହିଛି। ଏହାକୁ ନେଇ ହ୍ୱାଇଟ ହାଉସ ଏବଂ ସିକ୍ରେଟ ସର୍ଭିସ ପକ୍ଷରୁ ସୂଚନା ମଗାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ।

## ସମ୍ପତ୍ତି ପାଇଁ ବାପା, ଭଉଣୀ, ଭାଣିଜୀକୁ ହତ୍ୟା

**ପ୍ରୟାଗରାଜ, ୫।୧ (ଏଜେନ୍ସି):** ଉତ୍ତର ପ୍ରଦେଶ ପ୍ରୟାଗରାଜର ମଉଆଇମା ଥାନା ଅନ୍ତର୍ଗତ ଲୋକପୁର ବିସାନି ଗାଁରୁ ବିଚଳିତ କରିବା ଭଳି ମାମଲା ସାମ୍‌ନାକୁ ଆସିଛି। ଏଠାରେ ସମ୍ପତ୍ତି ପାଇଁ ବାପା, ଭଉଣୀ ଏବଂ ଭାଣିଜୀକୁ ଅପହରଣ କରି ବଡ଼ ପୁଅ ଅତି ନିର୍ମମ ଭାବେ ହତ୍ୟା କରିଛି। ପରେ ମୃତଦେହକୁ ନେଇ କୂଅରେ ଫୋପାଡ଼ି ଦେଇଛି। ୧.୫ କୋଟିର ସମ୍ପତ୍ତି ପାଇଁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ବଡ଼ ପୁଅ ମୁକେଶ ପଟେଲ ଉପରେ କ୍ଷୁବ୍ଧ ହୋଇ ବାପା ରାମ ସିଂହ (୫୫) ୪.୫ ବିଘା ଜମି ଏବଂ ଘରକୁ ସାନ ପୁଅ ନାମରେ କରି ଦେଇଥିଲେ। ଏହା ଜାଣିବା ପରେ ମୁକେଶ ସହି ପାରି ନ ଥିଲେ। ବାପା, ଭଉଣୀ ସାଧନା ଦେବୀ (୨୧) ଏବଂ ବଡ଼ ଭଉଣୀ କିରଣଙ୍କ ଝିଅ ତଥା ଭାଣେଜୀ ଆସ୍ଥା (୧୪)ଙ୍କୁ ଶୁକ୍ରବାର ରାତିରେ ମୁକେଶ ଅପହରଣ କରି ନେଇଥିଲା। ସୋମବାର ଅଭିଯୁକ୍ତକୁ ଗିରଫ କରାଯାଇଛି। ପୁଲିସ ତାକୁ ନେଇ ଘଟଣାସ୍ଥଳରେ ପହଞ୍ଚିଛି। କୂଅରୁ ମୃତଦେହ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି।

## ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଆକ୍ରମଣ କରିନି: ଟ୍ରମ୍ପ

**ୱାସିଂଟନ,୫ ।୧(ଏଜେନ୍ସି):** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଥିବା ଦାବିକୁ ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ୱୀକାର କରିଛନ୍ତି। ଗତ ସପ୍ତାହରେ ୟୁକ୍ରେନ ପୁଟିନଙ୍କ ବାସଭବନକୁ ଟାର୍ଗେଟ କରି ଡ୍ରୋନ୍ ଆକ୍ରମଣ କରି ନଥିଲା ବୋଲି ସେ କହିଛନ୍ତି। ଆମେରିକାର ଜାତୀୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି। ତେଣୁ ଏଭଳି ଆକ୍ରମଣ ହୋଇଛି ବୋଲି ମୁଁ ବିଶ୍ୱାସ କରେନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଗତ ସପ୍ତାହରେ ରୁଷ ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭାରୋଭ ଦାବି କରିଥିଲେ ଯେ, ୟୁକ୍ରେନ ଉତ୍ତର- ପଶ୍ଚିମ ନୋଭୋଗୋରାଡ ଅଞ୍ଚଳରେ ଥିବା ପୁଟିନଙ୍କ ସରକାରୀ ବାସଭବନ ଉପରେ ଡ୍ରୋନ ଆକ୍ରମଣ କରିଥିଲା। ଏହାକୁ ରୁଷିଆ ଅବଶ୍ୟ ପଣ୍ଡ କରିଥିଲା। ଚାଲିଥିବା ଶାନ୍ତି ଆଲୋଚନା ମଧ୍ୟରେ ୟୁକ୍ରେନର ଏପରି ପଦକ୍ଷେପ ଭୁଲ ଥିଲା ବୋଲି ଲାଭାରୋଭ କହିଛନ୍ତି। ଅବଶ୍ୟ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କି ଏହାକୁ ତୁରନ୍ତ ଖଣ୍ଡନ କରିଥିଲେ। ଏହା ସତ୍ତ୍ୱେ ଟ୍ରମ୍ପ ରୁଷିଆର ଦାବିକୁ ଗମ୍ଭୀରତା ସହ ଗ୍ରହଣ କରିଥିଲେ।

## ପାକିସ୍ତାନରେ ପଞ୍ଜାବୀ ମହିଳା ଗିରଫ

**ଅମୃତସର,୫ ।୧(ଏଜେନ୍ସି):** ଭାରତରୁ ପାକିସ୍ତାନ ଯାଇ ସେଠାରେ ଧର୍ମ ବଦଳାଇ ଜଣେ ମୁସ୍‌ଲିମ୍ ବ୍ୟକ୍ତିଙ୍କୁ ବିବାହ କରିଥିବା ପଞ୍ଜାବୀ ମହିଳା ସରବଜିତ କୌରଙ୍କୁ ଗିରଫ କରାଯାଇଛି। ସରବଜିତଙ୍କ ସମେତ ତାଙ୍କ ପାକିସ୍ତାନୀ ପତି ନାସିର ହୁସେନଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଟାରୀ ବର୍ଡର ଦେଇ ସୋମବାର ସରବଜିତଙ୍କୁ ଭାରତ ପଠାଯିବାର କାର୍ଯ୍ୟକ୍ରମ ରହିଛି। ୫୨ ବର୍ଷୀୟା ସରବଜିତ ନଭେମ୍ବର ୪ରେ ଶ୍ରୀ ଗୁରୁନାନକ ଦେବଙ୍କ ପ୍ରକାଶ ପର୍ବ ପାଇଁ ୧୯୩୨ ଜଣିଆ ଶିଖ ଶ୍ରଦ୍ଧାଳୁଙ୍କ ଏକ ଦଳ ସହ ପାକିସ୍ତାନ ଯାତ୍ରା କରିଥିଲେ। କିନ୍ତୁ ସେ ସେଠାକୁ ଯାଇ ନାସିର ହୁସେନଙ୍କୁ ବିବାହ କରିଥିଲେ। ବିବାହ କରିବାକୁ ସେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ ଓ ନିଜ ନାମ ବଦଳାଇ ନୁର ହୁସେନ ରଖିଥିଲେ। ପାକିସ୍ତାନ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ପିଏସ୍‌ଜିଏମ୍‌ସି) ଓ ପାକିସ୍ତାନର ପଞ୍ଜାବ ସରକାର ତାଙ୍କୁ ଗରିଫ କରାଯିବା ନେଇ ସୂଚନା ଦେଇଛନ୍ତି। ଏବେ ସରବଜିତଙ୍କୁ ଭାରତ ପଠାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ମାମଲା ଲାହୋର ହାଇକୋର୍ଟରେ ମଧ୍ୟ ପହଞ୍ଚିଥିଲା।

# ମଧ୍ୟପ୍ରଦେଶରେ ଘନ କୁହୁଡ଼ି; ୧୯ଟି ଜିଲ୍ଲାରେ ସ୍କୁଲ୍ ବନ୍ଦ

**ନୂଆଦିଲ୍ଲୀ,୫ ।୧(ଏଜେନ୍ସି):** ସାରା ଉତ୍ତର ଭାରତରେ ଶୀତଲହର ଜାରି ରହିଛି। ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡର ପର୍ବତମାଳାରେ ପ୍ରବଳ ତୁଷାରପାତ ଯୋଗୁ ଦେଶର ସମତଳ ଅଞ୍ଚଳରେ ମଧ୍ୟ ଥଣ୍ଡା ବୃଦ୍ଧି ପାଇଛି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଶୀତ ଲହରୀ ଓ ଘନ କୁହୁଡି ଅନୁଭୂତ ହୋଇଛି। ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଦୃଶ୍ୟମାନ ଦୂରତା ୨୦ ମିଟରରୁ କମ୍ ରହିଛି। ରାଜ୍ୟରେ ୧୯ଟି ଜିଲ୍ଲାରେ ପ୍ରବଳ ଶୀତ କାରଣରୁ ସ୍କୁଲ ବନ୍ଦ କରାଯାଇଛି। ଜାଡ଼ କାରଣରୁ ଭୋପଳା ଓ ଧାରରେ ସ୍କୁଲ ସମୟ ସକାଳ ୯.୩୦କୁ ପରିବର୍ତ୍ତନ କରାଯାଇଛି।

ଘନ କୁହୁଡି ଓ ତୁଷାରପାତ ଯୋଗୁ ଦେଶର ବିଭିନ୍ନ ଅଞ୍ଚଳରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ-ଏନ୍‌ସିଆରରେ ମଧ୍ୟ ଘନ କୁହୁଡି କାରଣରୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୭ଟି ବିମାନ ବାତିଲ ହୋଇଥିବା ବେଳେ ୩୬ଟି ବିମାନ ବିଳମ୍ବିତ ହୋଇଥିଲା। ଏୟାରଲାଇନ ଅପରେସର ଓ ବିମାନ ବନ୍ଦର କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେପଟେ ଉତ୍ତରପ୍ରଦେଶରେ କୁହୁଡି ଯୋଗୁ ସୋମବାର ମୁଜାଫରନଗର ଓ ଆଗ୍ରା ସଡ଼କରେ ଦୁର୍ଘଟଣା ଘଟିଛି ଓ ଏଥିରେ ୯ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛନ୍ତି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି। ରାଜଧାନୀ ଲକ୍ଷ୍ନୌ ସମେତ ୧୦ଟି ସହରରେ ମେଘୁଆ ଆକାଶ ଏବଂ ୧୦ରୁ ୧୫ କିମି ବେଗରେ ଥଣ୍ଡା ପବନ ବହିଛି। ପ୍ରବଳ ତୁଷାରପାତ ଯୋଗୁଁ ସୋମବାର ଲଦାଖରେ ସମସ୍ତ ବିମାନ ଚଳାଚଳ ଅସ୍ଥାୟୀ ଭାବେ ବନ୍ଦ କରାଯାଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ୦.୬ ସେମିର ତୁଷାରପାତ ହୋଇଛି। ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୯.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଲଦାଖକୁ ପ୍ରତିଦିନ ୧୦ରୁ ୧୫ଟି ବିମାନ ଆସିଥାଏ ଓ ପ୍ରସ୍ଥାନ ମଧ୍ୟ କରିଥାଏ। ଅନ୍ୟପଟେ ରବିବାର ରାଜସ୍ଥାନରେ ଋତୁର ସବୁଠାରୁ ଥଣ୍ଡା ଦିନ ଓ ରାତି ଅନୁଭୂତ ହୋଇଛି। ଜଣାଶୁଣା ଶୈଳନିବାସ ମାଉଣ୍ଟ ଆବୁରେ କ୍ରମାଗତ ତୃତୀୟ ଦିନ ପାଇଁ ତାପମାତ୍ରା ଶୂନ ତଳକୁ ଖସିଛି। ରାଜସ୍ଥାନର ୭ଟି ସହରରେ ରାତିର ତାପମାତ୍ରା ୫ ଡିଗ୍ରୀ ତଳକୁ ଖସିଛି। ଆଗାମୀ ସପ୍ତାହରେ ଥଣ୍ଡା ଓ ଏହି ସ୍ଥିତି ବଜାୟ ରହିବ ବୋଲି ପାଣିପାଗ ବିଭାଗ ସତର୍କତା ଜାରି କରିଛି। କେଦାରନାଥରେ ଚଳିତ ଋତୁରେ ଦ୍ୱିତୀୟଥର ପାଇଁ ତୁଷାରପାତ ହୋଇଛି। ଫଳରେ ତାପମାତ୍ରା ବିଯୁକ୍ତ ୧୭ ଡିଗ୍ରୀରେ ପହଞ୍ଚିଛି। ଆଗାମୀ ଦୁଇ ଦିନରେ ପଞ୍ଜାବ, ହରିୟାଣା, ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଝାଡଖଣ୍ଡ, ଛତିଶଗଡ଼ରେ କୋଲ୍ଡୱେଭ ଅର୍ଥାତ ଶୀତଲହର ଜାରି ରହିବ। ସେହିପରି ପାହାଡି ରାଜ୍ୟଗୁଡିକରେ ତୁଷାରପାତ ହେବ ବୋଲି ଅନୁମାନ କରାଯାଇଛି।

- ୟୁପିରେ ୯ଟି ଗାଡ଼ି ଧକ୍କା; ୫ ମୃତ
- ଦିଲ୍ଲୀ ବିମାନ ବନ୍ଦରରେ ୭ ବିମାନ ବାତିଲ, ୩୬ ବିଳମ୍ବ

■ ଲକ୍ଷ୍ମୀ ବସ୍ ଯାତ୍ରୀ ଭଡ଼ା ଟଙ୍କା ଆତ୍ମସାତ୍ ଘଟଣା

## ପଶ୍ଚିମବଙ୍ଗରୁ ସୁପରଭାଇଜର ଗିରଫ

ବାରିପଦା,୫ ।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଓଏସ୍‌ଆରଟିସି ପରିଚାଳିତ ମୁଖ୍ୟମନ୍ତ୍ରୀ ବସ୍‌ର ଲକ୍ଷାଧିକ ଯାତ୍ରୀ ଭଡ଼ା ଟଙ୍କା ଆତ୍ମସାତ୍ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ବିଶୋଇ ପୁଲିସ ପଶ୍ଚିମବଙ୍ଗରୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ହେଲେ, ବିଶୋଇ ବ୍ଲକ୍ ସୁପରଭାଇଜର୍ ଲଳିତ ବାରିକ। ସେ ଦୀର୍ଘଦିନ ଧରି ଫେରାର୍ ଥିଲେ। ବିଶୋଇ ଥାନା ସବଇନ୍ସପେକ୍ଟର ଘନଶ୍ୟାମ ମଲ୍ଲିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗ ପୁଲିସ୍ ସହାୟତାରେ ଝାଡ଼ଗ୍ରାମ ଥାନା ଅନ୍ତର୍ଗତ ରାଧାପଡ଼ା ଗ୍ରାମର ତାଙ୍କ ସମ୍ପର୍କୀୟଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଲଳିତଙ୍କୁ ଗିରଫ କରିଥିବା ଜଣାଯାଇଛି।

ଲଳିତ ଓଏସ୍‌ଆରଟିସିର ବିଶୋଇ ବ୍ଲକ୍‌ରେ ଚାଲୁଥିବା ଲକ୍ଷ୍ମୀ ବସ୍ ଦାୟିତ୍ୱରେ ଥିବା ବେଳେ ୨୦୨୪-୨୫ ଓ ୨୦୨୫-୨୬ ଦୁଇ ଆର୍ଥିକ ବର୍ଷର ଯାତ୍ରୀ ଭଡ଼ା ଟଙ୍କା ୧୭ ଲକ୍ଷ ୩୦ ହଜାର ୪୪୪ ଟଙ୍କା ଆତ୍ମସାତ୍ କରି ନକଲି ବ୍ୟାଙ୍କ ଭାଉଚର୍ ମୟୂରଭଞ୍ଜ ଜିଲ୍ଲା ଓଏସଆରଟିସି କାର୍ଯ୍ୟାଳୟରେ ଜମା କରିଥିଲେ। ଏହା ଜଣାପଡ଼ିବା ପରେ ଓଏସଆରଟିସିର ଅଧିକାରୀ ତାଙ୍କ ନାମରେ ଥାନାରେ ଅଭିଯୋଗ କରିବା ପରିବର୍ତ୍ତେ ଆପୋଷ



ବୁଝାମଣା କରିଥିଲେ। ସେ ଆତ୍ମସାତ୍ କରିଥିବା ଅର୍ଥ ମଧ୍ୟରୁ ମାତ୍ର ୧ ଲକ୍ଷ ୬୪ ହଜାର ୫ ଶହ ଟଙ୍କା ପୈଠ କରି ଚୁପଚାପ୍ ବସି ରହିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ପଦାଧିକାରୀ ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ମାମଲା ରୁଜୁ ହେବା ପରେ ଗିରଫଦାରୀ ଭୟରେ ଲଳିତ ଫେରାର୍ ହୋଇଯାଇଥିଲେ।

## ଲାଞ୍ଚ ନେଇ ୨ ଇଞ୍ଜିନିୟର୍ ଗିରଫ

ବାରିପଦା, ୫ ।୧(ସମିସ): ଲାଞ୍ଚ ନେବା ଅଭିଯୋଗରେ ଉଠା ଜଳସେଚନ ନିଗମର ଉଦଳା ଉପଖଣ୍ଡ କାର୍ଯ୍ୟାଳୟରେ କାର୍ଯ୍ୟରତ ୨



ଇଞ୍ଜିନିୟର୍‌ଙ୍କୁ ଭିଜିଲାନ୍ସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ହରେକୃଷ୍ଣ ସିଂ ଓ କନିଷ୍ଠ ଯନ୍ତ୍ରୀ (ଜେଇ) ସୁବ୍ରତ ମହାନ୍ତି। ଜଣେ ଠିକାଦାରଙ୍କଠାରୁ କିସ୍ତି ଭାବେ ୬୦ ହଜାର ଟଙ୍କା (ଏଇଇଙ୍କ ଅଂଶ ୩୨ ହଜାର ଓ ଜେଇଙ୍କ ଅଂଶ ୨୮ ହଜାର) ଲାଞ୍ଚ ନେଉଥିବା ବେଳେ ଉଭୟଙ୍କୁ ଭିଜିଲାନ୍ସ ଟିମ୍ ଧରିଛି। ଠିକାଦାରଙ୍କ ଦ୍ୱାରା ଶେଷ ହୋଇଥିବା ୨୫ଲକ୍ଷ ଟଙ୍କାର ପ୍ରକଳ୍ପର ବକେୟା ବିଲ୍ (ପ୍ରାୟ ୫ ଲକ୍ଷ) ଓ ସିକ୍ୟୁରିଟି ଡିପୋଜିଟ୍ ଛାଡ଼ିବା ପାଇଁ ଏହି ଦୁଇ ଅଧିକାରୀ ୪.୫% ହାରରେ ମୋଟ ୧.୧୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସଂପର୍କରେ ଠିକାଦାରଜଣଙ୍କ ଭିଜିଲାନ୍ସ ନିକଟରେ ଅଭିଯୋଗ କରିବାରୁ ଦୁହିଁଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା। ଗିରଫ ପରେ ଶ୍ରୀ ସିଂଙ୍କ ୨ଟି ସ୍ଥାନ ଓ ଶ୍ରୀ ମହାନ୍ତିଙ୍କ ୩ଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରହିଛି। ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଛି ଓ ବିସ୍ତୃତ ରିପୋର୍ଟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। କନିଷ୍ଠ ଯନ୍ତ୍ରୀ ବାରିପଦା କାର୍ଯ୍ୟାଳୟର ହୋଇଥିବା ବେଳେ ଉଦଳା କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଥିଲେ।

**ସରକାର-ମିଲର୍‌ଙ୍କ କଳିରେ ଚାଷୀ କଲବଲ**

# ‘ମକର’ ଆଶା ଛାଡ଼ିଦେଲାଣି ଚାଷୀ

ବାରିପଦା, ୫ ।୧(ସମିସ): ମୟୂରଭଞ୍ଜର ଧାନ ଚାଷୀ ଏବେ ପ୍ରମାଦ ଗଣିବା ଆରମ୍ଭ କଲାଣି। ରାଜ୍ୟ ମିଲର୍ ସଂଘ ଡାକରାରେ ସୋମବାରଠାରୁ ଜିଲ୍ଲାରେ ସରକାରୀ ଧାନକିଣା ବନ୍ଦ ରହିଥିବାରୁ ଚାଷୀର ଚିନ୍ତା

■ ମିଲରଙ୍କ ଧର୍ମଘଟ; ୯ ଦିନ ପରେ ଧାନକିଣା ବନ୍ଦ
■ ୧୩.୮୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ
■ କିଣା ହୋଇଛି ୮୩ ହଜାର କ୍ୱିଣ୍ଟାଲ ଧାନ
■ ଜିଲ୍ଲାରେ ସବୁ ମଣ୍ଡି ବି ଖୋଲିନି

ବଢ଼ିଯାଇଛି। ବିଳମ୍ବରେ ହେଲେ ହେଁ ୯ ଦିନ ତଳେ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଥିବାରୁ ଚାଷୀର ଆଶା ବଢ଼ିଥିଲା। କିନ୍ତୁ, ସରକାର-ମିଲର୍‌ଙ୍କ କଳି ଏବେ ତାକୁ ଅଡୁଆରେ ପକାଇ ଦେଇଛି। ଖଳାରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଗଦାଇ ଭଗବାନ ଭରସାରେ ରହିଛି। ଆଗକୁ ମୟୂରଭଞ୍ଜର ଗଣପର୍ବ ମକର। ସପ୍ତାହ ପୂର୍ବରୁ ହାତକୁ ଟଙ୍କା ଆସିଥିଲେ, ନୂତନ ପୋଷାକ, ପିଠାପଣା ସାମଗ୍ରୀ ଓ ଅନ୍ୟାନ୍ୟ ଖର୍ଚ୍ଚ ଉଠିଯାଇଥା’ନ୍ତା ବୋଲି ଚିନ୍ତା କରିଥିଲା। କିନ୍ତୁ ବର୍ତ୍ତମାନ ସେ ଆଶା ବି ଅନେକଙ୍କର ମରିଗଲାଣି। ଖୁସିବାସୀ କଥା ଭୁଲି ଆଗ ମହାଜନ ଟଙ୍କା କେମିତି ଶୁଝିବ, ସେ ଚିନ୍ତା ତାକୁ ଘାରିଲାଣି। ଭାଗଚାଷୀଙ୍କ କଥା ଆହୁରି ଦୁର୍ବିଷହ। ମକର ପୂର୍ବରୁ ଧାନବିକ୍ରି ଅର୍ଥରୁ ଜମି ମାଲିକଙ୍କୁ ବକେୟା ପାଉଣା କେମିତି ଭରଣା କରିବ, ତାହା ଜାଣିପାରୁନି। ଏ ଅଚଳାବସ୍ଥା କେତେଦିନ ଜାରି ରହିବ, ପରିସ୍ଥିତି ସୁଧୁରିବ କି ନାହିଁ; ତାକୁ ଅନେଇ ନ ବସି ବହୁ ଚାଷୀ ଏବେ ଗାଁ ଦଲାଲଙ୍କୁ ଧାନ ବିକିବା ଆରମ୍ଭ କଲେଣି। ସରକାରୀ ଦର ୩୧୦୦ ଟଙ୍କାକୁ ଆଉ ଲୋଭ ନ ରଖି ଗାଁ ଦଲାଲଙ୍କୁ କ୍ୱିଣ୍ଟାଲ ପ୍ରତି ୧୮୦୦ ଟଙ୍କା ଦରରେ ବିକିଲେଣି।

ଜିଲ୍ଲାରେ ପର୍ଯ୍ୟାୟକ୍ରମେ ୫୫ହଜାର ୯୩୮ ପଞ୍ଜିକୃତ ଚାଷୀଙ୍କଠାରୁ ୧୦୩ଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସ ମାଧ୍ୟମରେ ୧୩ଲକ୍ଷ ୮୨ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ମଣ୍ଡି ଖୋଲିବା ଦିନ, ଡିସେମ୍ବର ୨୬ରୁ ଜାନୁଆରୀ ୩ ପର୍ଯ୍ୟନ୍ତ ମାତ୍ର ୯ ଦିନରେ ୯୭ଟି ମଣ୍ଡିରୁ ୮୩ ହଜାର ୧୫୮.୨୧ କ୍ୱିଣ୍ଟାଲ ଧାନ କିଣାଯାଇଛି। ଉଦଳା ଉପଖଣ୍ଡର ୪ଟି, କରଞ୍ଜିଆ ଓ ରାଇରଙ୍ଗପୁର ଉପଖଣ୍ଡର ଗୋଟିଏ ଲେଖାଏଁକୁ ମିଶାଇ ୬ଟି ମଣ୍ଡି ଏପର୍ଯ୍ୟନ୍ତ ଖୋଲିପାରିନି। ଏପରି ସ୍ଥିତିରେ ଏବେ ମିଲର୍‌ଙ୍କ ଧର୍ମଘଟ ଧାନର ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରିଛି। ଗାଁ



ଗାଁରେ ଦଲାଲ ବୁଲି ଚାଷୀଙ୍କଠାରୁ ଢେର୍ କମ ଦରରେ ଧାନ କିଣୁଥିବା ଦେଖାଯାଉଛି। ଉକ୍ତ ଧାନକୁ ସେମାନେ ମହଜୁଦ ରଖି ପରେ ମଣ୍ଡିରେ ବିକି ମୋଟା ଅଙ୍କର ରୋଜଗାର କରିବାକୁ ମସୁଧା ଚଳାଇଛନ୍ତି। କେତେକ ସ୍ଥାନରେ ଦଲାଲଙ୍କ ସହ ଲ୍ୟାମ୍ପସ କର୍ମଚାରୀ ଓ ମିଲ୍ କର୍ମଚାରୀ ଏହି କାରବାରରେ ଜଡ଼ିତ ଅଛନ୍ତି।

ଅନ୍ୟପକ୍ଷରେ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୪୦୦ରୁ ଅଧିକ ଟୋକନ୍ ବଣ୍ଟନ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୫୬୦ଟି ଟୋକନ୍ ଦିଆଯାଇଛି। ଏହାର ଅବଧି ଏକ ମାସ ରହିଥିବା ବେଳେ ଏହି ସମୟ ଯିବା ପରେ ପୁନଃ ଟୋକନ୍ ପ୍ରଦାନ ନେଇ ସମସ୍ୟା ଆସିବ। ଏହାର ସୁଯୋଗ ନେଇ ଧାନ ବିକ୍ରିରେ ଚଞ୍ଚକତା ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ, ଜିଲ୍ଲାସ୍ତରରେ ନୋଡାଲ ଅଫିସର୍, ସମସ୍ତ ମଣ୍ଡିରେ ଜଣେ ଲେଖାଏଁ ନୋଡାଲ ଅଧିକାରୀ ଓ ୪/୫ଟି ମଣ୍ଡିରେ ଜଣେ ଲେଖାଏଁ ସୁପରଭାଇଜିଂ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲେ ହେଁ ଧାନକିଣାରେ ଅବ୍ୟବସ୍ଥା ପୂର୍ବ ବର୍ଷମାନଙ୍କଠାରୁ ବଳି ପଡ଼ିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି।

ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା କହିଛନ୍ତି, ସୋମବାର ମିଲର ଧର୍ମଘଟ ପାଇଁ ଧାନକିଣା ବନ୍ଦ ରହିଛି। ପ୍ରତ୍ୟେକ ଧାନମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ରେଜିଷ୍ଟର୍ ରଖାଯାଇ ମାନ ଯାଞ୍ଚ ତଥ୍ୟ ଓ କୃଷକଙ୍କ ନାମ ଉଲ୍ଲେଖ କରାଯିବାକୁ ଡାଟାବେସ୍ ପ୍ରସ୍ତୁତ କରାଯାଇଛି। ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରହିଥିବା ବେଳେ ନୋଡାଲ ଅଫିସର୍ ଯାଞ୍ଚ କରୁଛନ୍ତି। ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ଗ୍ରେନ୍ ଆନାଲାଇଜର୍ ଯନ୍ତ୍ରର ବ୍ୟବହାର କରାଯିବ ଓ ସମସ୍ତ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମାପଯନ୍ତ୍ର ସହ ସିସିଟିଭି କ୍ୟାମେରା ଲଗାଯାଇ ଧାନ କିଣାଯିବ ବୋଲି ଜଣାପଡ଼ିଛି। ଧାନ ମିଳିବାର ୪୮ ଘଣ୍ଟା ମଧ୍ୟରେ ଯେପରି ଚାଷୀ ଟଙ୍କା ପାଇବେ, ସେଥିପାଇଁ କେୱାସିକୁ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

## ପଠନ ଦକ୍ଷତା ବଢ଼ାଇବ ‘ପଢ଼ିବା ଗଢ଼ିବା ଓଡ଼ିଶା’

ଭୁବନେଶ୍ୱର, ୫ ।୧(ସମିସ): ଛାତ୍ରଛାତ୍ରୀଙ୍କ ପଠନ ଦକ୍ଷତା ବଢ଼ାଇବା ପାଇଁ ପିଏମ୍‌ଶ୍ରୀ ବିଦ୍ୟାଳୟରେ ‘ପଢ଼ିବା ଗଢ଼ିବା ଓଡ଼ିଶା’ କାର୍ଯ୍ୟକ୍ରମ ପାଳନ ହେବ। ମୌଖିକ ଭାଷା ବିକାଶ, ଧ୍ୱନୀ ବା ସାଂକେତିକ ଭାଷା, କମ୍ପ୍ରିହେନସନ୍ ପଠନ ଏବଂ ଲେଖା ଦ୍ୱାରା ଭାବପ୍ରକାଶ କରିବା ଆଦି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯିବ। ବିଦ୍ୟାଳୟ ସ୍ତରରେ ଆସନ୍ତାକାଲି ଅର୍ଥାତ୍ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହେବ। କୃତୀ ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ତହିଁରୁ କୃତକାର୍ଯ୍ୟ ହେଉଥିବା ପିଲାମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନଙ୍କୁ ଅବଗତ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ପ୍ରତି ପିଏମ୍‌ଶ୍ରୀ ବିଦ୍ୟାଳୟକୁ ୪୦ ହଜାର ଲେଖାଏଁ ଅନୁଦାନ ଦିଆଯାଇଛି।

**ଢେଙ୍କାନାଳରେ ଖଣି ବିସ୍ଫୋରଣ ଅତ୍ୟନ୍ତ ନିନ୍ଦନୀୟ**

## ସରକାରୀ ଛତ୍ରଛାୟାରେ ଖଣି ଲୁଟ୍: ବିଜେଡି

ଭୁବନେଶ୍ୱର, ୫।୧(ସମିସ): ଢେଙ୍କାନାଳ ଜିଲ୍ଲାର ଗୋପାଳପୁର ଗାଁର ଏକ ପଥର ଖଣିରେ ବିସ୍ଫୋରଣ ଘଟଣାରେ ୨ଜଣଙ୍କର ମୃତ୍ୟୁ ହେବା ଘଟଣାକୁ ନେଇ ବିଜେଡି ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି। ସରକାରୀ ଛତ୍ରଛାୟାରେ ରାଜ୍ୟବ୍ୟାପୀ ଖଣି ଲୁଟ୍ ଚାଲିଛି ବୋଲି ଅଭିଯୋଗ କରିଛି ବିଜେଡି।

ସୋମବାର ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଢେଙ୍କାନାଳରେ ଉକ୍ତ ପଥର ଖଣିରେ ବ୍ଲାଷ୍ଟିଂ ଅନୁମତି ୩୦ ସେପ୍ଟେମ୍ବର ୨୦୨୫ରେ ଶେଷ ହୋଇଥିଲା ବେଳେ ଏହାର ଲିଜ୍ ଅବଧି ୩୧ ଡିସେମ୍ବର ୨୦୨୫ରେ ଶେଷ ହୋଇଥିଲା। ନିକଟରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଓଡ଼ିଶାରେ ଖଣିଜ ଲୁଟ୍ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏବଂ ବାଲେଶ୍ୱରର ସାଂସଦ ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲି ଖଣି ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ମାତ୍ର ସରକାର ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ଏହା ହିଁ ଦର୍ଶାଉଛି ଯେ ସରକାରୀ ପ୍ରରୋଚନାରେ ଓଡ଼ିଶା ସାରା ଖଣି ଲୁଟ୍ ଚାଲିଛି। ଫଳରେ ଗୁରୁ ଖଣିଜ ରାଜସ୍ୱ ଆଦାୟ ୫୦ ହଜାର କୋଟିରୁ ଖସି ୩୪ହଜାର କୋଟିରେ ପହଞ୍ଚିଛି। ସେହିଭଳି ଲଘୁ ଖଣିଜ ରାଜସ୍ୱ ଆଦାୟ ୧୪ଶହ ୮୫କୋଟିରୁ ଖସି ୬ଶହ କୋଟିରେ ପହଞ୍ଚିଛି। ଡ. ମହାନ୍ତି ଆହୁରି କହିଥିଲେ ଯେ ବିଜେପି ସରକାର ଖଣିଜଗର୍ଭା ଓଡ଼ିଶାକୁ ଯେପରି ଲୁଟ୍ କରିଚାଲିଛି, ସମସ୍ତ ଖଣିଜ ସଂପଦ ଆଗାମୀ ୫ବର୍ଷ ମଧ୍ୟରେ ଶେଷ ହୋଇଯିବ। ପ୍ରଥମେ ଏହି ଘଟଣାର ସଂଜ୍ଞାନ ନେଇ ବିସ୍ଫୋରଣ ଘଟାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ବେଆଇନ ବିସ୍ଫୋରଣ କରିଥିବାରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ଦାବି କରିଛି।

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୬ତମ ପାଳି**

## ୧୫ ପାଳି ସୁଦ୍ଧା ୯୫ ପ୍ରତିଶତ ଅଭିଯୋଗର ସମାଧାନ

ଭୁବନେଶ୍ୱର,୫।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୬ ତମ ଅଭିଯୋଗ ଶୁଣାଣିରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଛନ୍ତି। ସବୁଥର ପରି ମୁଖ୍ୟମନ୍ତ୍ରୀ ଆଜି ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ

■ ଆଜି ସୁଦ୍ଧା ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି
■ ୭ଜଣ ମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଲେ

ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୫୮ଟି ଅଭିଯୋଗ ମଧ୍ୟରୁ ଶତକଡ଼ା ୯୫ ପ୍ରତିଶତ ଅର୍ଥାତ୍ ୧୨,୭୪୮ଟି ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଅଭିଯୋଗଗୁଡ଼ିକ ସମାଧାନ ପ୍ରକ୍ରିୟା ମଧ୍ୟରେ ରହିଛି। ଏଥିସହିତ ଜନ ଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଯୋଗେ ଆସିଥିବା ୧,୪୯,୪୧୮ ଅଭିଯୋଗ ମଧ୍ୟରୁ ୧,୩୦,୮୪୫ ଅର୍ଥାତ୍ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଏ ସଂପର୍କରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କର ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି। ସାଧାରଣ ଲୋକମାନେ ନ୍ୟାୟ ପାଇପାରୁଛନ୍ତି।



ଏଥିଯୋଗୁଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ, ଡ. ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଗଣେଶ ରାମ ସିଂହ ଖୁଣ୍ଟିଆ ଏବଂ ରାଜ୍ୟ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

## ଖୁବ୍ ଶୀଘ୍ର ଦେବ୍ରିଗଡ଼କୁ ଆସିବେ ୨ ବାଘ: ମନ୍ତ୍ରୀ

ଭୁବନେଶ୍ୱର,୫ ।୧(ସମିସ): ଖୁବ୍ ଶୀଘ୍ର ଦେବ୍ରିଗଡ଼କୁ ଆସିବେ ୨ ନୂଆ ବାଘ। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ସହ ଏନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଆଧାରରେ ରାଜ୍ୟକୁ ଏହି ୨ ନୂଆ ବାଘ ଅଣାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଦେବ୍ରିଗଡ଼କୁ ୨ଟି ବାଘ ଆଣିବା ପାଇଁ ଯୋଜନା ଅଛି। ଏଥିପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଦରକାର। ଆମେ ସେମାନଙ୍କ ସହ ଆଲୋଚନା ଜାରି ରଖିଛୁ। ଶିମିଳିପାଳକୁ ଯମୁନା ଏବଂ ଜିନତକୁ ଅଣାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ବଂଶବୃଦ୍ଧିରେ ଆମେ ସଫଳତା ପାଇପାରିନୁ। ସେମାନେ ସୁରକ୍ଷିତ ଅଛନ୍ତି। ବଂଶବୃଦ୍ଧି ନେଇ ଭାଗ୍ୟ ଆମକୁ ସାଥ ଦେଇନି। ବଂଶବୃଦ୍ଧି ନେଇ ପ୍ରୟାସ ଜାରି ରହିଛି। ଜିପିଏସ ଟ୍ରାକିଂ କରାଯାଉଛି। କ୍ୟାମେରା ମାଧ୍ୟମରେ ମନିଟରିଂ ମଧ୍ୟ ଜାରି ରହିଛି। ରାଜ୍ୟ ସରକାର ରାଜ୍ୟ ବାଘ ବଂଶ ବୃଦ୍ଧିକୁ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ନେଉଛନ୍ତି। ଯାହାକୁ ଆଧାର କରି ରାଜ୍ୟର ଶିମିଳିପାଳ, ସାତକୋଶିଆ ଓ ଡେବ୍ରିଗଡ଼ ଆଦିରେ ବାଘ ଛାଡ଼ିବାକୁ ପଦକ୍ଷେପ ନିଆଯାଉଛି।

ଅନ୍ୟପଟେ, ସମ୍ବଲପୁରର ମୋତିଝରନ ସ୍ଥିତ ଚିଡ଼ିଆଖାନା ପାଇଁ ମଧ୍ୟ ଖୁସି ଖବର ରହିଛି। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ ଏହି ଚିଡ଼ିଆଖାନାକୁ ୪ଟି ରୟାଲ ବେଙ୍ଗଲ ଟାଇଗର ଆଣିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ପ୍ରଥମ ଥର ପାଇଁ ଏଠାରେ ମହାବଳ ବାଘ ଦେଖିବାକୁ ମିଳିବ, ଯାହା ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

ଏହା ବ୍ୟତୀତ ମନ୍ତ୍ରୀ ଅଲିଭରିଡ୍‌ଲେଙ୍କ ସୁରକ୍ଷା ପ୍ରସଙ୍ଗରେ କହିଛନ୍ତି ଯେ, ଗତବର୍ଷ ଅଧିକ ସଂଖ୍ୟକ ଅଲିଭରିଡଲେ ଆସିଥିଲେ। ଚଳିତ ବର୍ଷ ୬ରୁ ୭ ଲକ୍ଷ ଅଲିଭ ରିଡଲେ ଆସିବେ ବୋଲି ଆଶା ରହିଛି। ମାତ୍ର ଅସାମାଜିକ ବ୍ୟକ୍ତିଙ୍କ ନଜରରୁ କଇଁଛଙ୍କୁ ରକ୍ଷା କରିବା ଆମର ମୁଖ୍ୟ ଦାୟିତ୍ୱ। ସେଥିପାଇଁ ସେଠାରେ କ୍ଲୋଜ ମନିଟରିଂ କରାଯାଉଛି। ରଷିକୂଲ୍ୟା, ଭିତରକନିକାରେ ତିନୋଟି ୱାଚ ଟାୱାର କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ୩ଟି ଜାଗାରେ ପ୍ରାଥମିକ ଭାବରେ ୱାଚ ଟାୱାର ହେବା ପରବର୍ତ୍ତୀ ସମୟରେ ଆଣ୍ଟି ଏହି ସଂଖ୍ୟା ବୃଦ୍ଧି ନେଇ ଡିଏଫଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

■ ଡଙ୍ଗାଡିହାରେ ବାଘ ଆତଙ୍କ

## ବଳଦ ସମେତ ୩ ଛେଳିଙ୍କୁ ମାରି ଖାଇଲା



ମହୁଲଡିହା, ୫।୧ (ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଡଙ୍ଗାଡିହା ଗ୍ରାମରେ ବାଘ ଆତଙ୍କ ଦେଖାଦେଇଛି। ଗତ ୩୧ ତାରିଖରେ ବାଘଟି ଗାଁରୁ ୩ଟି ଛେଳି ଟେକି ନେଇ ଖାଇଥିବା ବେଳେ ଆଜି ଗୋଟିଏ ବଳଦକୁ ମାରି ଖାଇଛି। ଡଙ୍ଗାଡିହା ଗ୍ରାମର ଖୁଦିରାମ ଟୁଡୁଙ୍କ ୨ଟି ଛେଳି ଓ କରଣ ହାଁସଦାଙ୍କ ଗୋଟିଏ ଛେଳି ନେଇ ଖାଇଥିବା ଅଭିଯୋଗ ହୋଇଛି। ସେହିପରି ୫ ତାରିଖ ଭୋର୍‌ରେ ଘର ଚାଳିରେ ଥିବା ଗୋଟିଏ ବଳଦକୁ ଝାମ୍ପି ନେଇ ପ୍ରାୟ ୪୦୦ ମିଟର ଜଙ୍ଗଲକୁ ନେଇ ଖାଇଥିବା ଦେଖିବାକୁ ମିଳିଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏହାସହ ଗାଁ ଲୋକଙ୍କୁ ଡାକବାଜି ଯନ୍ତ୍ର ଜରିଆରେ ସଚେତନ କରାଇଛି। ଲୋକଙ୍କୁ ଜଙ୍ଗଲକୁ ନ ଯିବା ପାଇଁ ସତର୍କ କରାଇଛି। ବାଘଟି ଗୋଟିଏ ମହାବଳ ବୋଲି ସନ୍ଦେହ କରାଯାଉଥିବା ବେଳେ ବନବିଭାଗ କଲରାପତରିଆ ବୋଲି ସୂଚନା ଦେଇଛି।

**ଏମିତି ଆମ ପୁଲିସ ବ୍ୟବସ୍ଥା**

## ମାଓ ଅଧ୍ୟୁଷିତ ଜିଲ୍ଲାରେ ନାହାନ୍ତି ସାଇଣ୍ଟିଫିକ୍ ଅଫିସର

ଭୁବନେଶ୍ୱର, ୫ ।୧(ସମିସ): ରାଜ୍ୟରେ ହତ୍ୟା, ହତ୍ୟା ଉଦ୍ୟମ, ଚୋରି ଓ ସିନ୍ଧି ଚୋରି ଘଟଣାରେ ରୋକ୍ ଲାଗୁନାହିଁ। ଏସବୁ ବାଦ୍ ଅନ୍ୟ ଅପରାଧ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏହି ସବୁ ମାମଲାରେ ସାଇଣ୍ଟିଫିକ୍ ତଦନ୍ତ ଗୁରୁତ୍ୱ ବହନ କରୁଥିବା ବେଳେ ମାଓ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଏଥିରେ ପଛରେ ପଡ଼ିଯାଇଛି। ଦିନ କି ମାସ ନୁହେଁ, ଦୀର୍ଘ ବର୍ଷ ହେବ ଜିଲ୍ଲାରେ ସାଇଣ୍ଟିଫିକ୍ ଅଫିସର୍ ନାହାନ୍ତି। ତଦନ୍ତ ବେଳେ ଆବଶ୍ୟକ ହେଲେ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରୁ ସହାୟତା ନିଆଯାଉଛି। ଏପରିସ୍ଥଳେ ତଦନ୍ତ ପ୍ରକ୍ରିୟା ଶିଥିଳ ହେଉଥିବା ବେଳେ ସମୟେ ସମୟେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଗଞ୍ଜେଇପ୍ରବଣ କନ୍ଧମାଳରେ ସାଇଣ୍ଟିଫିକ୍ ଅଫିସର ନିଯୁକ୍ତି ନଦେବାକୁ ନେଇ ରାଜ୍ୟ ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି।

କନ୍ଧମାଳ ଜିଲ୍ଲାରେ ୧୭ଟି ଥାନା ରହିଥିବା ବେଳେ ବ୍ୟାପକ ପରିମାଣର ବେଆଇନ ଗଞ୍ଜେଇ ଚାଷ ହେଉଛି। ଏହାବାଦ୍, କଥାକଥାକେ ମାରପିଟ୍, ହତ୍ୟାଠାରୁ ଆରମ୍ଭ କରି ଦୁର୍ଘଟଣା ଓ ସିନ୍ଧି ଚୋରି ଜିଲ୍ଲା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଭାରତୀୟ

■ ଅଧିକାରୀ ପାଇଁ ୪ ଜିଲ୍ଲାକୁ ନିର୍ଭର
■ ଦିନ ଦିନ ଧରି ପଡ଼ି ରହୁଛି ମୃତଦେହ
■ ଶିଥିଳ ହେଉଛି ତଦନ୍ତ ପ୍ରକ୍ରିୟା

ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ୧୭୬(୩) ଅନୁଯାୟୀ, ଯେଉଁ ଅପରାଧର ସଜା ୭ବର୍ଷ କିମ୍ବା ତା’ ଠାରୁ ଅଧିକ, ସେହି ମାମଲାଗୁଡ଼ିକରେ ସାଇଣ୍ଟିଫିକ୍ ଅଫିସର୍‌ମାନେ ଘଟଣାସ୍ଥଳକୁ ଯାଇ ଫଟୋ ଓ ଭିଡିଓ ସଂଗ୍ରହ କରିବା ସହ ତଦନ୍ତ କରିବା ବାଧ୍ୟତାମୂଳକ ବୋଲି ଉଲ୍ଲେଖ ରହିଛି। ହେଲେ ଏପରି କ୍ଷେତ୍ରରେ ମାଓ ଏବଂ ଗଞ୍ଜେଇପ୍ରବଣ ଜିଲ୍ଲା କନ୍ଧମାଳରେ ସାଇଣ୍ଟିଫିକ୍ ଅଫିସର ପଦବୀ ଖାଲି ପଡ଼ିଛି। କୌଣସି ଘଟଣା ଘଟିଲେ ସାଇଣ୍ଟିଫିକ୍ ତଦନ୍ତ ପାଇଁ ପୁଲିସକୁ ନୟାନ୍ତ ହେବାକୁ ପଡୁଥିବା ବେଳେ ଏଥିଲାଗି ପଡ଼ୋଶୀ ଜିଲ୍ଲାକୁ ନିର୍ଭର କରୁଛି। ଘଟଣା ଘଟିଥିବା ଥାନାଟି ଯେଉଁ ଜିଲ୍ଲା ପାଖରେ ରହିଛି, ସେଇ ଜିଲ୍ଲା ପୁଲିସକୁ ଅନୁରୋଧ ପତ୍ର ଦେଇ ସାଇଣ୍ଟିଫିକ୍ ଟିମ୍ ମଗାଯାଉଛି। ମୋଟାମୋଟି କହିବାକୁ ଗଲେ, ସାଇଣ୍ଟିଫିକ୍ ତଦନ୍ତ ଆବଶ୍ୟକ ହେଲେ ଗଞ୍ଜାମ, ବୌଦ୍ଧ, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ଉପରେ ନିର୍ଭର କରୁଛି କନ୍ଧମାଳ ପୁଲିସ। ସଂପୃକ୍ତ ଜିଲ୍ଲାଗୁଡ଼ିକର ସାଇଣ୍ଟିଫିକ୍ ଟିମ୍ କୌଣସି ଘଟଣାରେ ନିୟୋଜିତ ଥିଲେ ଆସିବାରେ ବିଳମ୍ବ ହେଉଛି। ସମସ୍ୟା କେବଳ ଏତିକିରେ ସୀମିତ ନାହିଁ, ହତ୍ୟାକାଣ୍ଡ ଘଟିଥିଲେ ସାଇଣ୍ଟିଫିକ୍ ଟିମ୍ ଆସିବା ପର୍ଯ୍ୟନ୍ତ ମୃତଦେହ ପଡ଼ି ରହୁଥିବା ବେଳେ ପୁଲିସ ରାତି ତମାମ ଜଗି ରହୁଛି। ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଅନେକ ସମୟରେ ପୁଲିସ ଲୋକମାନଙ୍କ ଆକ୍ରୋଶର ଶିକାର ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ସାଇଣ୍ଟିଫିକ୍ ତଦନ୍ତ ବିଳମ୍ବ ହେଉଥିବାରୁ ଅଭିଯୁକ୍ତକୁ ଚିହ୍ନଟ କରିବାଠାରୁ ଆରମ୍ଭ କରି ଗିରଫ କରିବା ପର୍ଯ୍ୟନ୍ତ, ସବୁକିଛି ପ୍ରଭାବିତ ହେଉଛି। ଦୀର୍ଘବର୍ଷ ଧରି ସାଇଣ୍ଟିଫିକ୍ ଅଫିସର ନଥିବାବେଳେ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉନାହିଁ।




# ନୀଳଗିରି ବିଧାୟକଙ୍କ ନାଁରେ ଜମି ହଡ଼ପ ଅଭିଯୋଗ

**ଅଭିଯୋଗକୁ ସନ୍ତୋଷ ଖଟୁଆଙ୍କ ଖଣ୍ଡନ**

ବାଲେଶ୍ୱର, ୫।୧(ସମିସ)

ନୀଳଗିରି ବିଧାୟକ ନାମରେ ପୁଣି ପୁଣି ଏକ ସାଂଘାତିକ ଅଭିଯୋଗ ହୋଇଛି। ଜମି ହଡ଼ପ କରିଥିବା ଅଭିଯୋଗକୁ ନେଇ ଚର୍ଚ୍ଚାରେ ଆସିଛନ୍ତି। ଅନ୍ୟପଟେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଧାୟକ ସନ୍ତୋଷ ଖଟୁଆ।

କୋର୍ଟରେ ମାମଲା ଚାଲୁ ରହିଥିବା ବେଳେ ଜମିକୁ ନିଜ ନାମ ସହିତ ନିଜ ସ୍ତ୍ରୀ ଓ ଝିଅ ନାମରେ ୬୧ଡିସିମିଲ କ୍ରୟ କରାଯାଇଛି। ଏପରି ଅଭିଯୋଗ ଆଣିଛନ୍ତି ନୀଳଗିରି ଥାନା ଅଧୀନସ୍ଥ ସଜନାଗଡ ଅଞ୍ଚଳର ଈଶ୍ୱର ଚନ୍ଦ୍ର ସାହୁଙ୍କ ପୁଅ ଗଜେନ୍ଦ୍ର ସାହୁ। ଆଜି ବାଲେଶ୍ୱର ଜିଲ୍ଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ଲିଖିତ ଭାବରେ ସେ ଅଭିଯୋଗ କରିଛନ୍ତି। ନିଜ ନାମରେ ୨୦ ଡିସିମିଲ, ସ୍ତ୍ରୀଙ୍କ ନାମରେ ୨୬ଡିସିମିଲ ଓ ଝିଅଙ୍କ ନାମରେ ୧୫ଡିସିମିଲ କ୍ରୟ ହୋଇଛି। ନୀଳଗିରି କୋର୍ଟରେ ୨୦୧୬ ମସିହାରୁ ଜମିଜମା ମାମଲା ଚାଲୁ ରହିଥିବା ବେଳେ କିଭଳି ଜମି କିଣିଲେ ସେ ନେଇ ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି।

ଅଭିଯୋଗ ଅନୁସାରେ, ଜେଜେ ବାପା ଦୀନବନ୍ଧୁ ସାହୁ ୧୯୨୦-୨୧ମସିହା ସାବକ ବନ୍ଦୋବସ୍ତରେ ପ୍ରକାଶିତ ଖତିୟାନ ଅନୁସାରେ ଜାଗା କ୍ରୟ କରି ଘର ଓ ଘରବାରୀରେ ରୂପାନ୍ତରଣ କରି ୧୯୪୧ ମସିହା ଓ ମେଜର ବନ୍ଦୋବସ୍ତ ଖତିୟାନ ପ୍ରକାଶନ ୧୯୭୮ ମସିହାଠାରୁ ଆଜି ପର୍ଯ୍ୟନ୍ତ ଘର କରି ରହି ଆସୁଛନ୍ତି। ଉକ୍ତ ସଜନାଗଡ ଜାଗାରେ ଅଭିଯୋଗକାରୀଙ୍କ ନାମରେ ଦୁଇଟି ଗୃହ ବ୍ୟତୀତ ଅନ୍ୟ କୌଣସି ବସବାସ ଗୃହ ନ ଥିବା ବେଳେ ତାଙ୍କ ସମ୍ପର୍କୀୟଙ୍କ ନାମରେ ତିନି ଗୋଟି ପକ୍କା ଗୃହ ରହିଛି। ବଂଶର ଦୁଇ ପରିବାର ମଧ୍ୟରେ ଜମିଜମା ମାମଲା ଚାଲୁ ରହିଥିବା ବେଳେ ୬ ଜଣ ସମ୍ପର୍କୀୟଙ୍କ ପାୱାର ଅଫ ଆଟର୍ଣ୍ଣି ଅନୁସାରେ ଜମି ବିକ୍ରୟ - କ୍ରୟ ହୋଇଛି। କିନ୍ତୁ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ନିଜ ନାମରେ, ନିଜର ପତ୍ନୀ ଓ କନ୍ୟାଙ୍କ ନାମରେ ତଞ୍ଚକତା କରାଇ ୬ ଜଣ ବିକ୍ରେତାଙ୍କ ପାୱାର ଅଫ ଆଟର୍ଣ୍ଣି ହେମଲତା ଜେନାଙ୍କ ନିକଟରୁ ଗତ ୩୦.୪.୨୦୧୬ ତାରିଖରେ ବାଲେଶ୍ୱର ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ରାତା ରାତି ଦଲିଲ କରାଇ ନିଜ ପରିବାର ନାମରେ ସମ୍ପତ୍ତି କରିଥିବା ଅଭିଯୋଗ କରିଛନ୍ତି। ଯାହା ଉଲ୍ଲେଖ ରହିଥିବା ଜାଗାକୁ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ ପାୱାର ଅଫ ଆଟର୍ଣ୍ଣିର "ପୃଷ୍ଠା - ୬'କୁ ଟେମ୍ପରିଂ ବା ଫର୍ଜି କରାଇ ସେଥିରେ କୌଶଳ କ୍ରମେ ୬ ଗୋଟି ଜାଗାକୁ ବେଆଇନ ଭାବରେ ସଜନାଗଡ଼ ଅଞ୍ଚଳର କିଛି ଜାଗାକୁ ନିଜ ସପକ୍ଷରେ ହସ୍ତାନ୍ତର କରାଇ ଉକ୍ତ ସମ୍ପତ୍ତିକୁ ମାରି ନେବାର ଚକ୍ରାନ୍ତ କରିଥିବା ଲିଖିତ ଅଭିଯୋଗ ଆଣିଛନ୍ତି ଗଜେନ୍ଦ୍ର ସାହୁ। ଏଥିରେ ପ୍ରଶାସନକୁ ନିଜ ବିଧାୟକ ପଦବୀର ଅପବ୍ୟବହାର କରି ସ୍ଥାନୀୟ ତହସିଲର କର୍ମଚାରୀଙ୍କୁ ହାତ ବାରିସ କରି ଜମି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଯଦି ସେମାନଙ୍କୁ କୌଣସି ନ୍ୟାୟ ନମିଳିବ ତେବେ ସେମାନେ ପରିବାର ସହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ଏହି ଘଟଣାରେ ବିଧାୟକ ଶ୍ରୀ ଖଟୁଆ ଏବଂ ତାଙ୍କ ଓକିଲ ନିହାର ରଞ୍ଜନ ପରିଡାଙ୍କ କହିବା ଅନୁସାରେ, ବାଲେଶ୍ୱର ସ୍ଥିତ ଟାଉନ ଜାଗାକୁ ବିକ୍ରି କରି ସଜନାଗଡ ଅଞ୍ଚଳରେ କିଛି ଜାଗା କିଣିଥିଲେ। କିଣିବା ପୂର୍ବରୁ ଓକିଲଙ୍କ ଦ୍ୱାରା ସମସ୍ତ କାଗଜ ପତ୍ର ଯାଞ୍ଚ କରାଯାଇଛି। ମୃତ ଜମି ମାଲିକଙ୍କ ପରବର୍ତ୍ତୀ ପିଢ଼ିଙ୍କ ନାମରେ ଥିବା ଲିଗାଲହେୟାର ସାର୍ଟିଫିକେଟ ଯାଞ୍ଚ ମଧ ହୋଇଛି। ନଗଦ ଟଙ୍କା ଦେଇ ଜାଗା କିଣି ପଟ୍ଟା ମଧ ହୋଇସାରିଛି। ଯଦି କିଣା ବିକାରେ କୌଣସି ଚଞ୍ଚକତା କରାଯାଇଛି ତେବେ ଅଭିଯୋଗକରୀ ଆଇନର ସାହାଯ୍ୟ ନିଅନ୍ତୁ। ସେଟେଲେମେଣ୍ଟ ସମୟରେ ଜବରଦଖଲ ଭାବେ ତ୍ରିଲୋଚନ ସାହୁଙ୍କ ନାମ ରହିଛି। ତେଣୁ ସେ ଏହାର ଫାଇଦା ନେବାକୁ ଚାହିଁଛନ୍ତି ଅଭିଯୋଗକାରୀ ଗଜେନ୍ଦ୍ର ସାହୁ। ନିଜ ଜାଗା ଭାବି ମାଲିକାନା ଦେଖାଉଛନ୍ତି। କୋର୍ଟ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଯୁକ୍ତି ବାଢ଼ିଛନ୍ତି ବିଧାୟକଙ୍କ ଓକିଲ। ଦୁଇ ଏକର ଚାରି ଡିସିମିଲ ମୂଳ ଜାଗାରୁ ତିନି ଡ଼ିସିମିଲ ଜାଗା ଜୈନିକ ବ୍ୟକ୍ତିଙ୍କ ନାମରେ ରହିଛି। ମୂଳ ମାଲିକ ତ୍ରିଲୋଚନ ସାହୁଙ୍କ ନାମରେ ଦୁଇ ଏକର ଏକ ଡ଼ିସିମିଲ ଜାଗା ରହିଥିଲା। ସେଥିରୁ ୬୧ ଡ଼ିସିମିଲ ଜାଗା ତ୍ରିଲୋଚନ ସାହୁଙ୍କ ବୋହୂ ପାର୍ବତୀ ସାହୁ ସରକାରୀ ନିୟମ ଅନୁସାରେ ସମସ୍ତ ସଦସ୍ୟଙ୍କ ସହମତିରେ ସନ୍ତୋଷ ଖଟୁଆଙ୍କୁ ବିକ୍ରି କରିଛନ୍ତି। ସେପଟେ ଅଭିଯୋଗ ଆଣିଥିବା ବ୍ୟକ୍ତି ସେହି ଜାଗାରେ ଜବରଦଖଲ ଭାବେ ଦୀର୍ଘ ଦିନରୁ ରହିଆସିଛନ୍ତି। ତାଙ୍କୁ ସେହି ଜାଗାରୁ ହଟାଇବାକୁ ମୂଳ ମାଲିକ ସିଭିଲ କୋର୍ଟରେ ୨୦୧୬ ମସିହାରେ ମାମଲା କରିଥିଲେ। ତେଣୁ ବିକ୍ରିକୁ ସଠିକ ବୋଲି ପ୍ରତିକ୍ରିୟା ରଖିଛନ୍ତି ମୂଳ ମାଲିକ ତ୍ରିଲୋଚନ ସାହୁଙ୍କ ବୋହୂ ପାର୍ବତୀ ସାହୁ।

## ପକ୍ଷୀଙ୍କ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ




ନୀଳଗିରି, ୫।୧ (ସମିସ): ଜାତୀୟ ପକ୍ଷୀ ଦିବସ ପାଳନ ଅବସରରେ ନୀଳଗିରି କୁଳଡ଼ିହା ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ନୀଳଗିରି ଉପଖଣ୍ଡ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଖୁମକୁଟ ଗ୍ରାମରେ ପକ୍ଷୀଙ୍କ ସୁରକ୍ଷା ପାଇଁ ସାମୁହିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପକ୍ଷୀଙ୍କ ଶିକାର ରୋକିବାକୁ ଅଞ୍ଚଳବାସୀ ଶପଥ ପାଠ କରିଥିବା ଦେଖିବାକୁ ମିଳିଛି। ସେହିପରି ଏହି ଦିବସରେ ପକ୍ଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ବିପଦ ଯଥା ବେଆଇନ କାରବାର, ପକ୍ଷୀ ବାଣିଜ୍ୟ, ବିଶ୍ୱ ତାପନ ବୃଦ୍ଧି, ଜଙ୍ଗଲ ନଷ୍ଟ ହେବା, ପକ୍ଷୀଙ୍କ ରୋଗ ଏବଂ ଜଳବାୟୁ ପରିବର୍ତ୍ତନର ବିପରୀତ ପ୍ରଭାବ ବିଷୟରେ କମଳଲୋଚନ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶେଷ ଦାସ, ଅନିଶ ଦାସ, ଲଳିତ ପ୍ରଧାନ, ଜୀବନଜ୍ୟୋତି ଦାସ, ବାସୁଦେବ ଦାସ, ଅନୁଦିତ ଗିରି ପ୍ରମୁଖ ସହଯୋଗ କରିଥିଲେ। ପାଠ୍ୟକ୍ରମରେ ପକ୍ଷୀଙ୍କ ସଂରକ୍ଷଣ ବିଷୟ ସ୍ଥାନିତ ହେଲେ ପକ୍ଷୀଙ୍କ ଦମନକୁ ମଧ ରୋକାଯାଇ ପାରିବ ବୋଲି ସାଧାରଣରେ ଦାବି ହେଉଛି।

# ମନ୍ମଥନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଚନ୍ଦନେଶ୍ୱର, ୫।୧(ସମିସ): ପ୍ରଖ୍ୟାତ ଐତିହାସିକ, ସାହିତ୍ୟ ସାଧକ, ରାଜ୍ୟସଭା ସାଂସଦ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ମନ୍ମଥନାଥ ଦାସଙ୍କ ୧୦୩ ତମ ଜନ୍ମ ବାର୍ଷିକୀ ତାଙ୍କର ଜନ୍ମମାଟି ବାଲେଶ୍ୱର ଜିଲ୍ଲା ଭୋଗରାଇର ଶଙ୍ଖାରୀରେ ରାଜ୍ୟସ୍ତରୀୟ ଜୟନ୍ତୀ ସୋମବାର ପାଳିତ ହୋଇ ଯାଇଛି। ଏହି ଅବସରରେ ଚନ୍ଦନେଶ୍ୱର ମନ୍ଦିର ସମ୍ମୁଖ ଓ ଜନ୍ମମାଟି ଶଙ୍ଖାରୀରେ ଥିବା ଭୋଗରାଇ ମାଟିର ଅମୃତ ସନ୍ତାନ ପ୍ରଫେସର ମନ୍ମଥନାଥ ଦାସଙ୍କ ପ୍ରତିମୂର୍ତ୍ତିରେ ଭୋଗରାଇର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାଲ୍ୟାର୍ପଣ କରିଥିଲେ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସାହିତ୍ୟ ଏକାଡେମୀ ଏବଂ ମନ୍ମଥ- ମନୋଜ ଫାଉଣ୍ଡେସନର ମିଳିତ ସହଯୋଗରେ ମନ୍ମଥ-ମନୋଜ ସ୍ମାରକୀ ପରିସରରେ ମହାସମାରୋହରେ ପାଳିତ ହୋଇଥିଲା। ଏ ନେଇ ଆୟୋଜିତ ସାରସ୍ୱତ ସଭାରେ ଫାଉଣ୍ଡେସନର ସଭାପତି ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ଡ. ସମୀର କୁମାର ହୁଇ, ମୁଖ୍ୟବକ୍ତା ଚେତନା ସାହିତ୍ୟ ସଂସଦ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଜଳେଶ୍ୱର ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଦିଲ୍ଲୀପ କୁମାର ଘୋଷ, ଫାଉଣ୍ଡେସନର ସମ୍ପାଦକ ସୁବାସ ଦାସ ପ୍ରମୁଖ ଉତ୍ତରପିଢିଙ୍କ ପାଇଁ ଡ଼. ଦାସ ପଥ ପ୍ରଦର୍ଶକ, ପ୍ରେରଣାଦାତା ଓ ଆଲୋକବର୍ତ୍ତିକା ବୋଲି କହିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଫାଉଣ୍ଡେସନର ଯୁଗ୍ମ ସମ୍ପାଦକ ସୁଶାନ୍ତ ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷାବିତ ରାଧାବିନୋଦ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ରବୀନ୍ଦ୍ର ପ୍ରଧାନ ଓ ଶିକ୍ଷାବିତ କବି ଡ. ସନ୍ତୋଷ କୁମାର ପାତ୍ର, ବିପଦ ଭଞ୍ଜନ ମିଶ୍ର, ରାମନାରାୟଣ ଦାସମହାପାତ୍ର, କବି ଅନନ୍ତ ମହାନ୍ତି, ରାମେଶ୍ୱର ନାୟକ ତଥା ବହୁ ଶିକ୍ଷାବିତ, ସାହିତ୍ୟିକ, ସମାଜସେବୀ ଯୋଗଦାନ କରିଥିଲେ। ଅନାଦି ଏକାଡେମୀର ଶିକ୍ଷକ ଶାଶ୍ୱତ କୁମାର ଜେନା, ସମାଜସେବୀ ସୁବାସ ଚାନ୍ଦ, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ଜେନା, ପ୍ରଦୀପ ଜେନା ଓ ଫାଉଣ୍ଡେସନର ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରଘୁନାଥ ସଂଗୀତ ନୃତ୍ୟ ମହାବିଦ୍ୟାଳୟ

# ବିଭିନ୍ନ ସମସ୍ୟା ନେଇ ପରିଚାଳନା କମିଟି ଓ ଅଭିଭାବକ ସମ୍ମିଳନୀ



ଚନ୍ଦନେଶ୍ୱର, ୫।୧ (ସମିସ) : ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ରଣସିଂହପୁର ରଘୁନାଥ ସଂଗୀତ ନୃତ୍ୟ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ପରିଚାଳନା କମିଟି ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସ୍ଥାୟୀ ସଭାପତି ଭୂବନ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପସଭାପତି ବନମାଳୀ ଘଡାଇ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବାରିକ ସଦସ୍ୟ ବିଷ୍ଣୁପଦ ପଟ୍ଟନାୟକ, ସରୋଜ କୁମାର ମହାନ୍ତି, ଜଳେନ୍ଦ୍ର ପାତ୍ର, ମଞ୍ଜୁରାଣୀ ଦାସ, ନରେନ୍ଦ୍ର ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ବାଲେଶ୍ୱର ଜିଲ୍ଲାରେ ୮ ଟି, ଭୋଗରାଇରେ ୩ଟି ସଂଗୀତ ମହାବିଦ୍ୟାଳୟ ରହିଛି। ଦୀର୍ଘ ୬ବର୍ଷହେଲା ସରକାରୀ ଏଫିଲେସନ ପାଇଥିଲେ ହେଁ ଏଯାଏଁ କୌଣସି ସରକାରୀ ଅନୁଦାନ ମିଳିନାହିଁ। ଉକ୍ତ ବିଦ୍ୟାଳୟରେ ୬୫ରୁ ଅଧିକ ଶିକ୍ଷାର୍ଥୀଙ୍କ ମଧ୍ୟରେ ୬୦ଭାଗ ଅନୁସୂଚିତ ଜାତିର ପିଲାମାନେ ଶିକ୍ଷା ଲାଭ କରୁଥିବା ବେଳେ ଆବଶ୍ୟକ ପରିମାଣର ଶ୍ରେଣୀଗୃହ ଅଭାବ ସହିତ ଶିକ୍ଷକମାନଙ୍କୁ ଦରମା ବ୍ୟବସ୍ଥା କରାଯିବା ବିଷୟରେ ଆଲୋଚନା ହୋଇଥିଲା। ଏଥି ସହିତ ଚଳିତ ମାସ ଓଷ୍ଟା ଶିଶୁ ଉତ୍ସବରେ ରାଜ୍ୟ ସ୍ତରୀୟ ଏକକ ଅଭିନୟରେ ପ୍ରଥମ ହୋଇଥିବା ସ୍ମୃତିଶିଖା ଚାନ୍ଦଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ତରଫରୁ ସ୍କୁଲ ଗୃହର ନିର୍ମାଣ, ସରକାରୀ ଅନୁଦାନ ସହ ଆବଶ୍ୟକୀୟ ବାଦ୍ୟଯନ୍ତ୍ର ଯୋଗାଇଦେବାକୁ ଦାବୀ ରହିଛି। ଏଥିରେ ସମସ୍ତ ଅଭିଭାବକ ଉପସ୍ଥିତ ଥିବା ବେଳେ ସମସ୍ତ କାର୍ଯ୍ୟ ପରିଚାଳନାରେ ଶିକ୍ଷକ ମୁରଲୀ ମହାକୁଡ଼, ଆଦ୍ୟାଶା ମହାନ୍ତି, ଭାସ୍କର ଦତ୍ତ, ଚନ୍ଦନ ଦାସ ଓ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

## ରାସ୍ତା ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲେଶ୍ୱର, ୫ ।୧(ସମିସ): ରେମୁଣା ବ୍ଲକ ନୂଆପାଢ଼ୀ ଗ୍ରାମପଞ୍ଚାୟତ ରସଲପୁରଠାରେ ଯାଇଥିବା ଏକ ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡିଛି। ଦୀର୍ଘଦିନ ହେବ ଏହାର ମରାମତି ହେଉନି। ଏହାକୁ ମରାମତି କରିବା ପାଇଁ ଜିଲ୍ଲାପାଳଙ୍କ ଠାରେ ଗ୍ରାମବାସୀ ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି। ଏହି ଗ୍ରାମରେ ଗ୍ରାମ୍ୟ ନିର୍ମାଣ ବିଭାଜନ ବାଲେଶ୍ୱର(୧) ଦ୍ୱାରା ଦୁଇଟି କାର୍ଯ୍ୟ ହେଉଛି। ବିଶେଷ କରି ଇମାମୀ ପେପରମିଲ ଛକ ଠାରୁ ରସଲପୁର କଢ଼ାଆମ୍ବ ଛକ ଓ ଇମାମୀ ପେପରଲ ମିଲ ଛକ ଠାରୁ ସାରୁପାଳ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଉଛି। ଏହା ବିଗତ କିଛିବର୍ଷ ମଧ୍ୟରେ ନିର୍ମାଣ କରାଯାଇଥିଲା। ବର୍ତ୍ତମାନର ଅବସ୍ଥା ଯାହା ଉକ୍ତ ରାସ୍ତାରେ ପିଚୁ ଉଠିଯାଇ ମେଟାଲ ଗୁଡିକ ରାସ୍ତାରେ ପଡି ରହିଛି। ଏପରିକି ବିଭିନ୍ନ ପ୍ରକାର ଖାଲ, ଢ଼ିପ ହୋଇ ଖରାପ ହୋଇପଡିଛି। ଫଳରେ ଏହି ରାସ୍ତାରେ ଯାତାୟାତ କରିବାରେ ଅସମ୍ଭବ ହୋଇପଡିଛି। ଉକ୍ତ ରାସ୍ତାରେ ପ୍ରତ୍ୟେକ ଦିନ ମୁଖୁରା, ଗୋବର୍ଦ୍ଧନପୁର, ରସଲପୁର ସମେତ ଅନ୍ୟାନ୍ୟ ପାଖାପାଖି ଗ୍ରାମର ଲୋକମାନେ ଯିବା ଆସିବା କରନ୍ତି। ଏଣୁ ଏହି ରାସ୍ତାକୁ ପୁନରୁଦ୍ଧାର କରାଯିବା ସହ ଏହାର ମରାମତି କରାଇବା ପାଇଁ ଗ୍ରାମବାସୀ ଦେବବ୍ରତ ମାଝୀ, ମାୟାଧର ଜେନା, ନବକିଶୋର ଜେନା, ବନବାସୀ ଜେନା, ରଘୁନାଥ ଯେନା ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

## ଚକ୍ଷୁ ଓ ମୋତିଆବିନ୍ଦୁ ପରୀକ୍ଷା ଶିବିର

ନୀଳଗିରି, ୫।୧ (ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ବଣଧୂଳିର ଫୁଲ' ଓ ଅଯୋଧା ଆଞ୍ଚଳିକ ମହାବିଦ୍ୟାଳୟ ଦ୍ୱାରା ତଥା ନର୍ମଦା ଫାଉଣ୍ଡେସନ ସହଯୋଗରେ ସୋମବାର ଏକ ଚକ୍ଷୁ ଓ ମୋତିଆବିନ୍ଦୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସୂର୍ଯ୍ୟମଣୀ ନେତ୍ରାଳୟର ଅଭିଜ୍ଞ ଡାକ୍ତର ଏବଂ ସହକର୍ମୀଙ୍କ ଦ୍ୱାରା ୬୯ ଜଣ ରୋଗୀଙ୍କୁ ଚକ୍ଷୁପରୀକ୍ଷା କରାଯାଇ ୩୧ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଆଜି ୧୫ଜଣ ରୋଗୀଙ୍କୁ ଭୋଗରାଇ ସ୍ଥିତ ସୂର୍ଯ୍ୟମଣୀ ନେତ୍ରାଳୟକୁ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ନିଆଯାଇଛି। ଶିବିରକୁ ବଣଧୂଳିର ଫୁଲର ଅଧକ୍ଷ ବିଜୟ ଆଚାର୍ଯ୍ୟ ଓ ମହାବିଦ୍ୟାଳୟର ଅଧକ୍ଷ ଗୌରାଙ୍ଗ ଚରଣ ବିଶ୍ୱାଳ ଆୟୋଜନ କରିଥିବା ବେଳେ ପ୍ରମୁଖ ସଂଯୋଜିକା କବିତା ସିଂ ସଂଯୋଜନା କରିଥିଲେ। ନର୍ମଦା ଫାଉଣ୍ଡେସନର ପ୍ରତିଷ୍ଠାତା ଅଧକ୍ଷ ଡା: ଜ୍ୟୋତି ମହାନ୍ତି ଓ ପରିଚାଳନା ଟ୍ରଷ୍ଟି ବୈଷୟିକ ସହଯୋଗ କରିଛନ୍ତି।

## ୧୯୮୫ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ସମାବେଶ




ଖଇରା, ୫ ।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ର ସର୍ବ ପୁରାତନ ଖଇରା ହାଇସ୍କୁଲର ୧୯୮୫ ମାଟ୍ରିକ ପାସ୍ କରିଥିବା ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଦିନ ନଟାପଡା ଛକସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇ ଯାଇଛି। ନିରୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ମହାନ୍ତି ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ନିତ୍ୟାନନ୍ଦ ସେଠୀ ଓ ବିଜୟ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରବନ୍ଧୁ ମାନେ ନିଜର ପରିଚୟ ପ୍ରଦାନ ପରେ ବିଗତ ଦିନର ସ୍ମୃତି ବଖାଣି ଥିଲେ। ରମାକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିନ ବିହାରୀ ଦାସମହାପାତ୍ର, ପ୍ରକାଶ ଦାଶ, ଅଧେଶ ଦାସ, ପ୍ରଶାନ୍ତ ପାତ୍ର, ରବିନାରାୟଣ ଦାସମହାପାତ୍ର, ରବିନ୍ଦ୍ର ରାଉତ, ପ୍ରଶାନ୍ତ ବାରିକ, ସତ୍ୟନାରାୟଣ ସେଣ୍ଠ, ନଟରାଜ ଦାସ, ପର୍ଶୁରାମ ଦାସ, ଯଶୋବନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ଭୁଜବଳ, ପ୍ରଫୁଲ୍ଲ ସାହୁ, ଶୁକଦେବ ପଣ୍ଡା, ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


## ଦେଶୀ ମଦ ଜବତ, ୩ ଗିରଫ

ଖଇରା, ୫ ।୧ (ସମିସ): ବାଲେଶ୍ୱର ଜିଲା ଖଇରା ଅବକାରୀ ପୁଲିସ ପକ୍ଷରୁ ଖଇରା ଥାନା ଅନ୍ତର୍ଗତ ସୁନ୍ଦରପୁର ଓ ରାଇକୁଳା ଗ୍ରାମରେ ଚଢ଼ଉ କରାଯାଇ ୧୨୦ଲିଟର ଦେଶୀ ମଦ ଜବତ କରାଯିବା ସହ ମଦ ବିକ୍ରେତା ସୁନ୍ଦରପୁର ଗ୍ରାମର ନିତ୍ୟାନନ୍ଦ ନାୟକ, ରାଇକୁଳା ଗ୍ରାମର ଅସିତ ମାଝୀ ଓ ଚନ୍ଦ୍ରମଣୀ ଶିଅଳଙ୍କୁ ସୋମବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ଥାନା ର ଭାରପ୍ରାପ୍ତ ଅଧୀକାରୀଙ୍କ ଦ୍ୱାରା ଏହି ଚଢାଉ କରାଯାଇଥିଲା।

## ବିଷ୍ଣୁପୁରରେ ଶ୍ରୀଜଗନ୍ନାଥଙ୍କ ଚବିଶ ବେଶ ଓ ମହୋତ୍ସବ

କାଳିପଦା, ୫।୧ (ସମିସ): ବାଲିଆପାଳ ବ୍ଲକ ସୁବର୍ଣ୍ଣ ରେଖା ନଦୀ ପଠା ବିଷ୍ଣୁପୁର ଗ୍ରାମରେ ସୋମବାରଠାରୁ ଶ୍ରୀଜଗନ୍ନାଥଙ୍କ ଚବିଶ ବେଶ ଓ ମହୋତ୍ସବ ଆରମ୍ଭ ହୋଇଛି। ଏକ ସପ୍ତାହ ଧରିଏହି ଉତ୍ସବ ଚଳିବ ବୋଲି ଆୟୋଜକମାନଙ୍କଠାରୁ ପ୍ରକାଶ। ସ୍ୱର୍ଗତ ସନ୍ୟାସୀ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁଅ ସରୋଜ କୁମାର ଦାସ ଓ ଗ୍ରାମବାସୀ ପ୍ରତିବର୍ଷ ଏହି ଉତ୍ସବ ଆୟୋଜନ କରିଥାନ୍ତି। ଏଥିପାଇଁ ଗ୍ରାମର ଶତାଧିକ ମହିଳା ଆଜି ସୁବର୍ଣ୍ଣ ରେଖା ନଦୀ ଘାଟରୁ କଳସୀରେ ଜଳ ଉଠାଇ ଏକ ପଟୁଆରରେ ଆସି ଉତ୍ସବ ସ୍ଥଳରେ ଆସି ପହଁଞ୍ଚି ଥିଲେ। ଉତ୍ସବ ଅବସରରେ ଅସ୍ଥାୟୀ ଦୋକାନ ବଜାର, ମୀନା ବଜାର ଆଦି ବସିଛି। ପ୍ରତିଦିନ ସାନ୍ଧ୍ୟରେ ଭଜନ ସାନ୍ଧ୍ୟ, ପ୍ରବଚନ ସଭା, ସଂକୀର୍ତ୍ତନ ତଥା ଅନ୍ୟାନ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଛି।




## ଟୁଙ୍କୁରୀହାଜିରାରେ ବିଜେପିର ସାଂଗଠନିକ ବୈଠକ

ଭୋଗରାଇ/ଚନ୍ଦନେଶ୍ୱର, ୫।୧(ସମିସ): ଭୋଗରାଇ ବ୍ଲକ ଟୁଙ୍କୁରୀହାଜିରା ପଞ୍ଚାୟତ ସେହି ଗ୍ରାମର ହରେନ୍ଦ୍ର ପରମାଣିକଙ୍କ ବାସଭବନରେ ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁପ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ନେତା ଆଶିଷ ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂପର୍କରେ ଆଲୋଚନା କରିବା ସହିତ ତୃଣମୂଳ ସ୍ତରରୁ ସଙ୍ଗଠନକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ସୁନାଧରବସାଣ ସରପଞ୍ଚ ଦିଲ୍ଲୀପ ଦତ୍ତ, ଦିଲ୍ଲୀପ କାମିଲା, ମଣ୍ଡଳ ସଭାପତି ଚନ୍ଦନ ପ୍ରଧାନ, ଟୁଙ୍କୁରୀହାଜିରା ପଞ୍ଚାୟତ ପ୍ରମୁଖ ଜୟନ୍ତ ମଣ୍ଡଳ, ପୂର୍ବତନ ସମିତି ସଦସ୍ୟ ଅନନ୍ତ ପ୍ରଧାନ, ଲକ୍ଷ୍ମୀପ୍ରିୟା ପରାମାଣିକ ସନାତନ ମଣ୍ଡଳ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସଦାନନ୍ଦପୁରରେ ହାତୀ ଉତ୍ପାତ; ବ୍ୟାପକ କ୍ଷତି

ବସ୍ତା ବ୍ଲକ, ୫।୧ (ସମିସ)





ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବରୁଣ ଗଡିଆ ପଞ୍ଚାୟତରେ ହାତୀ ଉତ୍ପାତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣା ପଡିଛି। ହାତୀପଲ ଧାନ ଖାଇବା ସହ ଚାଷ କ୍ଷତି କରିବା ଓ ଘର ଭାଙ୍ଗିଥିବା ଜଣା ପଡିଛି। ପ୍ରକାଶ ଯେ ରବିବାର ବିଳମ୍ବିତ ରାତିରେ ପଡୋଶୀ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବନାଞ୍ଚଳରୁ ୧୧ରୁ ଉର୍ଦ୍ଧ୍ୱ ହାତୀ ବସ୍ତା ଓ ଅମର୍ଦ୍ଦା ରୋଡ ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ରେଳ ଧାରଣାକୁ ଅତି ବିପଦ ପୂର୍ଣ୍ଣ ଭାବେ ରାତି ୧୧ ଟା ସମୟରେ ଅତିକ୍ରମ କରି ବରୁଣ ଗଡ଼ିଆ ପଞ୍ଚାୟତର ୨ ନମ୍ବର ୱାର୍ଡ ସଦାନନ୍ଦପୁର ଗ୍ରାମରେ ପଶି ଲୋକଙ୍କ ଅମଳ ହୋଇଥିବା ଧାନ ଖାଇବା ସହିତ ସୋରିଷ ଚାଷ, ରବି ଋତୁ ପାଇଁ କରାଯାଉଥିବା ଧାନ ଚାଷର ତଳା ବିଲ ନଷ୍ଟ କରିବା ସହିତ ଘର ଦ୍ୱାର ଭାଙ୍ଗିଥିଲେ। ହାତୀ ପଲ ଦେଖି ଗ୍ରାମର ଲୋକେ ବାଣ, ନିଁଆ ଦେଖାଇ ଘଉଡାଇ ଥିଲେ। ଯାହାକୁ ନେଇ ଗ୍ରାମରେ ଭୟର ବାତାବରଣ ଖେଳି ଯାଇଥିଲା। ବାଲେଶ୍ୱର ଜିଲ୍ଲା ବନ ବିଭାଗ ହାତୀ ପଶିବା ନେଇ ପୂର୍ବରୁ କୌଣସି ସୂଚନା ପାଇ ନ ଥିଲା। ଲୋକଙ୍କ ଠାରୁ ସୂଚନା ପାଇ ରାତି ୨ ଟା ସମୟରେ ଜଣେ ବନ ବିଭାଗର କର୍ମଚାରୀ ଗ୍ରାମରେ ପହଂଚିଥିଲେ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଲୋକେ ଘଉଡାଇ ଦେବାରୁ ଶେଷରେ ହାତୀ ପଲ ପୁଣି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବନାଞ୍ଚଳକୁ ଫେରି ଯାଇଥିଲେ। ଏହି ହାତୀ ପଲ ଗ୍ରାମର ଫକୀରି ପରିଡ଼ା ଙ୍କ ଧାନ ଖାଇବା ସହିତ ଘର ଭାଙ୍ଗିବା, ଉମାକାନ୍ତ ପରିଡ଼ାଙ୍କ ଧାନ, ଆଳୁ ଓ ପିଆଜ ଚାଷ ନଷ୍ଟ କରିବା, ଲକ୍ଷ୍ମୀ କାନ୍ତ ପରିଡ଼ାଙ୍କ ଗୁହାଳ, ରବିନ ହାତୀଙ୍କ ସୋରିଷ ଚାଷ, ଧାନ ତଳି, ସୁଶାନ୍ତ ପରିଡ଼ା ସହିତ ଅନ୍ୟ ଗ୍ରାମବାସୀଙ୍କୁ ଅନେକ କ୍ଷତି ପହଞ୍ଚାଇ ଥିବା ଜଣା ପଡିଛି। କ୍ଷତି ଗ୍ରସ୍ତ ଲୋକଙ୍କୁ ଉଚିତ୍ କ୍ଷତି ପୂରଣ ଦେବାକୁ ଦାବି ହୋଇଛି।

# ୨୩ରୁ ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା



ବାରିପଦା,୫ ।୧(ସମିସ): ଆସନ୍ତା ୨୩ ତାରିଖ ନେତାଜୀଙ୍କ ଜୟନ୍ତୀଠାରୁ ଆୟୋଜିତ ହେବାକୁ ଯାଉଥିବା ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା । ଏ ନେଇ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ, ବନ୍ଧୁମିଳନ ଓ ସାଧାରଣ ସଭା ବାରିପଦା ଜୁବୁଲି ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ ମନୋଜ ଦଳବେହେରା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ହେଉଥିବା ପୁସ୍ତକ ମହୋତ୍ସବର ବିସ୍ତୃତ ରୂପରେଖ ଓ ଖସଡ଼ା ସଭାର ଅବଗତି ଓ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିଥିଲେ । ମାର୍ଗଦର୍ଶକ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅଧ୍ୟକ୍ଷ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇ ଚଳିତ ବର୍ଷର ପୁସ୍ତକମେଳା କିପରି ଅଧିକ ଲୋକାଭିମୁଖୀ ଓ ଆକର୍ଷଣୀୟ ହେବ, ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ କେମିତି ପୁସ୍ତକମନସ୍କ କରିପାରିବ, ତା'ଉପରେ ବକ୍ତବ୍ୟ ପ୍ରଦାନ ପୂର୍ବକ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଆୟୋଜନ କମିଟି ସମ୍ପାଦକ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ, ଅଧ୍ୟାପକ ସମରେନ୍ଦ୍ର ବଶା ଓ ଡଃ ଶଶୀଧର ବିଶ୍ୱାଳ ଏବର୍ଷ ପୁସ୍ତକ ମେଳାରେ ଆୟୋଜନ ହେବାକୁ ଥିବା ଶିକ୍ଷାନିବେଶୀ ଓ ପୁସ୍ତକପ୍ରେମୀଙ୍କ ପ୍ରତିଯୋଗିତାମୂଳକ ଶୈକ୍ଷିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ପୁସ୍ତକ ମେଳା ସଫଳ ଓ ଶୃଙ୍ଖଳିତ ଆୟୋଜନ ସକାଶେ ସଭାରେ ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ନାୟକ, ଅଜିତ କୁମାର କବାଟ, କୈବଲ୍ୟ ପ୍ରସାଦ ମହାପାତ୍ର, ପ୍ରଫେସର ସୁଶାନ୍ତ କୁମାର ବଶା, ସୁଶ୍ରୀ କାବେରୀ ମିଶ୍ର, କମଳାକାନ୍ତ ପ୍ରହରାଜ, ପ୍ରଫେସର୍ ଉଷା ଶତପଥୀ, ବାସନ୍ତୀଲତା ମହାପାତ୍ର, ଯୁବ ସଦସ୍ୟ ରାକେଶ ସିଂ, ପ୍ରଫେସର ସ୍ୱରୂପାନନ୍ଦ ବିଶୋଇ, ପ୍ରଦୀପ ଭୂୟାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅଜୟ ପାଳ, ସୁସ୍ମିତା ଘୋଷାଲ, ଗୋପାଳ ସାଓ, ଜ୍ୟୋତିର୍ମୟୀ କବାଟ, ତିମିର ଘୋଷ, ଅଜିତ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟତମ ସମ୍ପାଦକ ଭାସ୍ୱତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

● ଅଯୋଧ୍ୟା ଅଭିମୁଖେ ସୁବର୍ଣ୍ଣ ଧନୁ ଯାତ୍ରା

# ୧୪ରେ ମୟୂରଭଞ୍ଜରେ ପହଞ୍ଚିବ

କରଞ୍ଜିଆ, ୫।୧(ସମିସ): ରାଉରକେଲା ସହରର ହନୁମାନ ବଟିକାରୁ ଗତକାଲି ଅଯୋଧ୍ୟା ଅଭିମୁଖେ ବାହାରିଛି ସୁବର୍ଣ୍ଣ ଧନୁଷ ଶୋଭାଯାତ୍ରା । ପୂର୍ବରୁ ସନାତନ ଜାଗରଣ ମଞ୍ଚ ପକ୍ଷରୁ ହନୁମାନ ବାଟିକା ପରିସରରେ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାଳୀଦାସ



ମହାରାଜାଙ୍କ ଦ୍ୱାରା ସୁବର୍ଣ୍ଣଧନୁର ପୂଜାର୍ଚ୍ଚନା କରାଯାଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ଏହି ସୁବର୍ଣ୍ଣ ଧନୁଷ ଶୋଭାଯାତ୍ରା ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, ମାଲକାନାଗିରି, ରାୟଗଡ଼ା, କୋରାପୁଟ, ପାରଳାଖେମୁଣ୍ଡି, ବ୍ରହ୍ମପୁର, ଫୁଲବାଣୀ, ନୟାଗଡ଼ ଦେଇ ଘସିପୁରାରେ ପହଞ୍ଚିବ । ସେଠାରୁ କେନ୍ଦୁଝର, ଯଶିପୁର, ବାରିପଦା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ପାରାଦୀପ, ଜଗତସିଂହପୁର, କଟକ, ଭୁବନେଶ୍ୱର ଦେଇ ୧୯ ରେ ପୁରୀରେ ପହଞ୍ଚିବ । ସେଠାରୁ ଛତିଶଗଡ଼ ଦେଇ ଉତ୍ତରପ୍ରଦେଶ ଅଯୋଧ୍ୟାରେ ପହଞ୍ଚିବ । ପଞ୍ଚଧାତୁ (ସୁନା, ରୁପା, ସୀସା, ଲୁହା ଓ ଆଲୁମିନିୟମ)ରେ ତିଆରି ହୋଇଥିବା ୮ ଫୁଟ୍ ଲମ୍ବ ଓ ୩ ଫୁଟ୍ ଉଚ୍ଚତାର ଧନୁ ଅଯୋଧ୍ୟା ଶ୍ରୀରାମମନ୍ଦିରକୁ ଦାନ କରାଯିବ । ଏହି ଯାତ୍ରା ୧୪ ତାରିଖ ମକର ସଂକ୍ରାନ୍ତି ଦିନ ଦିବା ୧୦.୩୦ ସମୟରେ ଯଶିପୁରସ୍ଥ ରାମତୀର୍ଥଠାରେ ପହଞ୍ଚିବ । ଏଣୁ ସମସ୍ତ ସନାତନୀ ରାମ ଭକ୍ତ ଏହି ଅବସରରେ ଯଶିପୁର ରାମତୀର୍ଥଠାରେ ଉପସ୍ଥିତ ରହିବାକୁ ସନାତନ ଜାଗରଣ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

■ ସ୍କିଲ୍ ଚାମ୍ପିଅନ୍ସ ପ୍ରତିଯୋଗିତା

# ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ରରେ ଦକ୍ଷତା ପ୍ରଦର୍ଶନ

ମହୁଲଡିହା,୫।୧(ସମିସ): ଡନ୍ ବସ୍କୋ ଟେକ୍ ସୋସାଇଟିର ୨୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ସ୍କିଲ୍ ଚାମ୍ପିଅନ୍ସ ପ୍ରତିଯୋଗିତା ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ରରେ ଆୟୋଜିତ ହୋଇଯାଇଛି । ଡନ୍ ବସ୍କୋ ଟେକ୍ ଠାକୁରମୁଣ୍ଡା କେନ୍ଦ୍ରରେ ଇଲେକ୍ଟ୍ରିସିଆନ୍ ଡୋମେଷ୍ଟିକ୍ ସୋଲ୍ୟୁସନ୍ସ ଟ୍ରେଡ୍‌ର ଟ୍ରେନିଙ୍କ ପାଇଁ ପ୍ରାୟୋଗିକ ପ୍ରତିଯୋଗିତା । ଏଥିରେ ସରଳ ବଲ୍‌ବ ଓ ସ୍ୱିଚ୍ ୱାୟରିଂ, ବିଦ୍ୟୁତ ତ୍ରୁଟି ପରିଚୟ ଓ ବିଦ୍ୟୁତ ଉପକରଣର ସୁରକ୍ଷିତ ବ୍ୟବହାର ଭଳି କାର୍ଯ୍ୟ ସମ୍ମିଳିତ ଥିଲା । ଏହି ପ୍ରତିଯୋଗିତାରେ ସମ୍ବାଦିକ ଯୋଗେନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଡୋମେନ୍ ଟ୍ରେନର ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା ।



ପ୍ରତିଯୋଗିତାରେ ଦୀପାନୀ ପାଟିଙ୍କ ନେତୃତ୍ୱରେ ଗ୍ରୁପ୍-ଏ ବିଜେତା ଘୋଷିତ ହୋଇଥିଲା । ସେହିପରି ଡନ୍ ବସ୍କୋ ଟେକ୍ ସମ୍ବଲପୁର କେନ୍ଦ୍ରରେ ଗେଷ୍ଟ ସର୍ଭିସ୍ ଆସୋସିଏଟ୍ (ଫୁଡ୍ ଏଣ୍ଡ ବେଭରେଜ୍) ଟ୍ରେଡ୍‌ର ଟ୍ରେନିଙ୍କ ପାଇଁ ସାଲାଡ୍ କଟିଂ ସହ ଗାର୍ନିଶ୍ ଓ ସ୍ୟାଣ୍ଡୱିଚ୍ ତିଆରି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଟ୍ରେନି ସ୍ୱଚ୍ଛତା, ସୃଜନଶୀଳତା ଓ ଟିମ୍‌ୱର୍କ୍ ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତା କେନ୍ଦ୍ର ପ୍ରଧାନ ସିଷ୍ଟର ସରିତାଙ୍କ ଉପସ୍ଥିତିରେ ଟ୍ରେନରଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ଆଚିତା କୁଲୁ ଓ ତାଙ୍କ ଟିମ୍ ବିଜେତା ଘୋଷିତ ହୋଇଥିଲେ । ଏହି ସ୍କିଲ୍ ଚାମ୍ପିଅନ୍ସ ପ୍ରତିଯୋଗିତା ଟ୍ରେନିଙ୍କୁ ପ୍ରାୟୋଗିକ ଦକ୍ଷତା, ଶୃଙ୍ଖଳା, ସୁରକ୍ଷା, ସଚେତନତା ଓ ନିଯୁକ୍ତି ଯୋଗ୍ୟତା ବୃଦ୍ଧି ପାଇଁ ପ୍ରେରିତ କରି ସଫଳତାର ସହ ସମାପ୍ତ ହୋଇଥିଲା ।

ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ

# ପଞ୍ଚମ ରାଜ୍ୟ ଅର୍ଥ କମିଶନ ପାଣ୍ଠି ବିନିଯୋଗ ସମ୍ପର୍କରେ ସମୀକ୍ଷା

ବାରିପଦା,୫ ।୧(ସମିସ):



ମୟୂରଭଞ୍ଜ ଜିଲ୍ଲାକୁ ଷଷ୍ଠ ରାଜ୍ୟ ଅର୍ଥ କମିଶନ ପରିଦର୍ଶନରେ ଆସି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ନବଗଠିତ ୬ଷ୍ଠ ରାଜ୍ୟ ଅର୍ଥ କମିଶନ ସଭାପତି ଡଃ ଅରୁଣ କୁମାର ପଣ୍ଡା, ସଦସ୍ୟ ପ୍ର. ଅସିତ ରଞ୍ଜନ ମହାନ୍ତି, ଡଃ ବିଭୁପ୍ରସାଦ ନାୟକ, ପ୍ରଦୀପ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ୫ମ ରାଜ୍ୟ ଅର୍ଥ କମିଶନ ପି.ଆର୍.ଆଇ, ୟୁଏଲବି ଓ ୧୫ଶ ଅର୍ଥ କମିଶନ ପି.ଆର୍.ଆଇ ପାଣ୍ଠି ଅର୍ଥ ବିନିଯୋଗ ଉପରେ ସମୀକ୍ଷା କରିଛନ୍ତି । ଏଥିରେ ପଞ୍ଚମ ଅର୍ଥ କମିଶନ ପାଣ୍ଠି ବିନିଯୋଗର ସଫଳତା ଓ ବାକି ରହିଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଛି । ସେହିପରି ନିଜସ୍ୱ ଆୟ ପାଣ୍ଠି ବୃଦ୍ଧି କରି ଏହାର ସୁବିନିଯୋଗ କରିବାକୁ କମିଶନ ସଭାପତି ଡଃ ପଣ୍ଡା ଗୁରୁତ୍ୱ ଦେଇଛନ୍ତି । ୧ମରୁ ୫ମ ରାଜ୍ୟ ଅର୍ଥ କମିଶନ ପାଣ୍ଠିର ବିଭିନ୍ନ ବକେୟା ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଛନ୍ତି । ସମସାମୟିକ କୌଶଳ, ଆଇଟି ଆଦି ବିଭିନ୍ନ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ କମିଶନ ସଭାପତି ଡଃ ପଣ୍ଡା ମତପୋଷଣ କରିଛନ୍ତି । ଉକ୍ତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତନୁ ନାୟକଙ୍କ ସମେତ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଡିଓ, ଚେୟାରମ୍ୟାନ୍, ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନଗରପାଳ, ବିଜ୍ଞାପିତ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଚେୟାରମ୍ୟାନ ପ୍ରମୁଖ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ଜାତୀୟ ଆଲୋଚନାଚକ୍ର




ସାରସକଣା/ଝାରପୋଖରିଆ, ୫।୧(ସମିସ): ଝାରପୋଖରିଆ ସୀମାନ୍ତ ଯୁବ ମହୋତ୍ସବ ମଞ୍ଚରେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ଓ ସୀମାନ୍ତ ଯୁବ ସମିତି ମିଳିତ ସହଯୋଗରେ ସାହିତ୍ୟର ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । 'ଲୋକ ସାହିତ୍ୟରେ ଶ୍ରୀଜଗନ୍ନାଥ' ଶୀର୍ଷକରେ ଏକାଡେମୀ ସଭାପତି ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଯୋଗଦେଇ ନିଜ ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୁଞ୍ଜବନ ପୁଷ୍ଟି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଦିବାକର ପଟ୍ଟନାୟକ, ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନ ବ୍ରହ୍ମପୁରର ସହକାରୀ ପ୍ରଫେସର ଡକ୍ଟର ଦିଲ୍ଲୀପ ଦଳେଇ, ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଫୁଲବାଣୀର ସହକାରୀ ପ୍ରଫେସର ଡକ୍ଟର ଧନଞ୍ଜୟ ସିଂ, ଇଂ ସୁଶାନ୍ତ ବେହେରା, ବରିଷ୍ଠ କବି ଅମିତାଭ ମିଶ୍ର, ଡକ୍ଟର ନିରୁପମା ନାୟକ ଯୋଗ ଦେଇଥିଲେ । ଜାତୀୟ ଯୁବ ପ୍ରକଳ୍ପର ଜିଲ୍ଲା ସଂଯୋଜକ ମଳୟ ନାୟକ ସ୍ୱାଗତ ଭାଷଣ, ଅଧ୍ୟାପକ ଶିଶିର ପଟ୍ଟନାୟକ ଅତିଥିଙ୍କ ପରିଚୟ, ସୀମାନ୍ତ ଯୁବ ସମିତି ସଭାପତି ଅଧ୍ୟାପକ ଅଶୋକ ପୁଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ବିଷୟଭିତ୍ତିକ ଆଲୋଚନାରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ଚୋଧୁରୀ ମୁଖ୍ୟଅତିଥ ଠିଭାବେ ଯୋଗ ଦେଇଥିବାବେଳେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅଜିତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଡକ୍ଟର ଦିଲ୍ଲୀପ ଦଳେଇ, ଡକ୍ଟର ଧନଞ୍ଜୟ ସିଂହ ନିବନ୍ଧ ଉପସ୍ଥାପନ ମଞ୍ଚରେ ସଭାପତିତ୍ୱ କରିଥିଲେ । ଡକ୍ଟର ରମାକାନ୍ତ ମହାନ୍ତ ସ୍ୱରଚିତ କବିତା ଆବୃତ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡାକ୍ତର ବୁଢାନ ମୁର୍ମୁ ଯୋଗଦେଇ ପ୍ରତିଯୋଗୀ ଓ ଅତିଥିଙ୍କୁ ପୁରସ୍କାର, ସାର୍ଟିଫିକେଟ, ମାନପତ୍ର ପ୍ରଦାନ କରିଥିଲେ । ଏହି ଆଲୋଚନାଚକ୍ରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, କୋଲହାଣ ବିଶ୍ୱବିଦ୍ୟାଳୟର ପିଏଚଡ଼ି ସ୍କୋଲାର, ଗବେଷକ ତଥା ଅତିଥିଙ୍କ ଦ୍ୱାରା ୨୭ଟି ନିବନ୍ଧ ଉପସ୍ଥାପିତ ହୋଇଥିଲା । ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକ ମାନସ ସେନାପତିଙ୍କୁ ଶ୍ରେଷ୍ଠ ନିବନ୍ଧ ଉପସ୍ଥାପକ, କରଞ୍ଜିଆର ଇଂ ସୁସ୍ମିତା ମହାନ୍ତଙ୍କୁ ଶ୍ରେଷ୍ଠ ସ୍ୱରଚିତ କବିତା ଆବୃତ୍ତି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମକରରେ ଘରକୁ ଆସିବା ସ୍ୱପ୍ନ ଅଧୁରା

କୁଆମରା, ୫ ।୧(ସମିସ): ଗତ ଦୁର୍ଗାପୂଜାରେ ଆସିଥିଲେ ଓ ଏକ ସପ୍ତାହ ରହି ପୁଣି ନିଜ କର୍ମଭୂମିକୁ ଫେରିଥିଲେ ଦମ୍ପତି । ମକରକୁ ଆସିଲେ ଦୁଇ ସପ୍ତାହ ରହିବା ଓ ବାହାରକୁ ଏକାଠି ବୁଲିବାକୁ ଯିବା କହି ଯାଇଥିଲେ । ମାତ୍ର ସମସ୍ତ ଖୁସି ଛଡ଼ାଇ ନେଲେ ଭଗବାନ । ମକର ଆଉ ୧୦ ଦିନ ରହିଛି । ତା' ପୂର୍ବରୁ ଦୁର୍ଘଟଣାରେ ଚାଲିଗଲା ତିନି ଜୀବନ । ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ଗୁଣ୍ଡୁରିଆ ସାହି ଗ୍ରାମର ହାମରାୟ ମୁର୍ମୁ (୪୦) ସୋନପୁର ଜିଲ୍ଲାର ଉଠା ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ପତ୍ନୀ କନକଲତା ହାଁସଦା (୩୫) ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ସେନା ବିଭାଗର ଆସିଷ୍ଟାଣ୍ଟ ଇଂଜିନିୟର ଭାବେ କାର୍ଯ୍ୟ କରୁଥିଲେ । ସେ ନୂଆବର୍ଷ ମାନିବାକୁ ବିଶାଖାପାଟଣାରୁ ଦୁଇ ସନ୍ତାନଙ୍କୁ ଧରି କାର ଡ୍ରାଇଭର ଓ ଅନ୍ୟ ଜଣେ ସଂପର୍କୀୟଙ୍କୁ ନେଇ ନୂଆବର୍ଷ ଦିନ ପହଞ୍ଚିଥିଲେ ସ୍ୱାମୀ ରହୁଥିବା ସୋନପୁରରେ । ପରିବାର ସହ ତିନିଦିନ ଖୁସି ମନାଇ ରବିବାର ମଧ୍ୟାହ୍ନରେ କନକଲତା ବାହାରିଥିଲେ ନିଜ କର୍ମଭୂମିକୁ । ଆଜି ସୋମବାର କାର୍ଯ୍ୟରେ ଯୋଗ ଦେଇଥା'ନ୍ତେ । କର୍ମସ୍ଥଳରେ ପହଞ୍ଚିବା ପୂର୍ବରୁ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲାମ ଜିଲ୍ଲା ବାରୁଆ ନିକଟରେ ଦୁର୍ଘଟଣାରେ ଚାଲିଗଲା ତିନି ଜୀବନ । କାର୍‌ରେ ଥିବା କନକଲତା, ତାଙ୍କର ଦୁଇ ସନ୍ତାନ ଝିଅ ଆଦ୍ୟାଶା (୮) ଓ ତିନି ମାସର ଶିଶୁ ପୁତ୍ର ଆଦିତ୍ୟ ଆଖି ବୁଜିଲେ । ତେବେ ତାଙ୍କ ସହ ଜଣେ ସମ୍ପର୍କୀୟ ମହିଳା ଜାନକୀ ହାଁସଦା (୨୫)ଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ସାଥିରେ ଚାଳକ ଥିଲେ ମଧ କନକଲତା ଗାଡ଼ି ଚଳାଉଥିଲେ । ଚାଳକ ନାଗରାଜୁ ବର୍ତ୍ତିଯାଇଛନ୍ତି । ଏହି ଦୁଃଖଦ ଘଟଣା ପରେ ପରିବାର ଲୋକେ ଭାଙ୍ଗିପଡିଛନ୍ତି । ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ଶତାଧିକ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ



ରାସଗୋବିନ୍ଦପୁର,୫।୧(ସମିସ): ସୋମବାର ମୋରଡ଼ା ବିଧାୟକ ଡ କୃଷ୍ଣଚନ୍ଦ୍ର ମହାପାତ୍ର ରାସଗୋବିନ୍ଦପୁର ବ୍ଲକ ଗସ୍ତରେ ଆସି ରାସଗୋବିନ୍ଦପୁର ଖୁଣ୍ଟାପାଳ, ମାଣିଦା, ବଡ଼ାମପୁର, ସାରୁମୂଳା, ରାସଗୋବିନ୍ଦପୁର ପଞ୍ଚାୟତରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଅସହାୟ, ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ । କମ୍ବଳ ବଣ୍ଟନ ପରେ ଅସହାୟ, ବୃଦ୍ଧବୃଦ୍ଧାଙ୍କ ସମସ୍ୟା ବୁଝିଥିଲେ । ପରେ ଭତ୍ତା ପାଇ ନ ଥିବା ବୃଦ୍ଧବୃଦ୍ଧାଙ୍କୁ ତୁରନ୍ତ ଭତ୍ତା କରାଇବା ସହ ପ୍ରଧାନମନ୍ତ୍ରୀ ଆବାସ ପାଇବାରୁ ବଞ୍ଚିତ ହୋଇଥିବା ଅସହାୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଘର ଯୋଗାଇ ଦେବାକୁ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ । ଏ ଅବସରରେ ମନ୍ତ୍ରୀଙ୍କ ସହ ରାଜ୍ୟ ଅନୁସୂଚିତ ଜାତିର ସଭାପତି କାନ୍ଦ୍ରା ସୋରେନ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ବିଜେପି ଜିଲ୍ଲା (ପୂର୍ବ) ସମ୍ପାଦକ ପୁରୁଷୋତ୍ତମ ଦେ, ବରିଷ୍ଠ ବିଜେପି କର୍ମୀ ଇଂ ନରୋତ୍ତମ ମହାନ୍ତି, ଅଞ୍ଜନ ମୁର୍ମୁ, ଦିଲ୍ଲୀପ ମଜୁମଦାର, ଚିତ୍ତରଞ୍ଜନ ପରିଡ଼ା, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ରୋଟାରୀ କ୍ଲବ୍ ପକ୍ଷରୁ ବିଶୁଦ୍ଧ ଜଳଯୋଗାଣ ଯନ୍ତ୍ର ଦାନ

ବେତନଟୀ, ୫।୧(ସମିସ): ବେତନଟୀ ରୋଟାରୀ କ୍ଲବ୍ ପକ୍ଷରୁ ବେତନଟୀ ନିକଟସ୍ଥ ବଡଛୁରୁଣୀ ପଦ୍ମଲୋଚନ ଉଚ୍ଚବିଦ୍ୟାଳୟକୁ ଲିଭ୍ ପିଓର କମ୍ପାନୀର ଏକ ବିଶୁଦ୍ଧ ପାଣିଛଣା ଯନ୍ତ୍ର ଦାନ କରାଯାଇଛି । ରୋଟାରୀ କ୍ଲବ୍ ସଭାପତି ରୋଟାରିଆନ ଗିରିଧାରୀ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ରୋଟାରିଆନ ରବୀନ୍ଦ୍ର ନାଥ ମିଶ୍ର ଓ ରୋଟାରିଆନ ସୁନୀଲ କୁମାର ଖଣ୍ଡେଲୱାଲ ପ୍ରମୁଖ ଯୋଗଦାନ କରି ଉପସ୍ଥିତ ଶିକ୍ଷକ / ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ରୋଟାରୀ କ୍ଲବ୍‌ର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ସୂଚନା ଦେଇଥିଲେ । ରୋଟାରୀ କ୍ଲବ୍‌ର ଏତାଦୃଶ କାର୍ଯ୍ୟକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା ଅଶେଷ ଧନ୍ୟବାଦ ଜଣାଇଥିଲେ ।



# ଉଠାଜଳସେଚନ ପ୍ରକଳ୍ପ ଟ୍ରାନ୍ସଫର୍ମରରୁ କଏଲ୍ ଚୋରି

ବୈଶିଙ୍ଗା, ୫।୧(ସମିସ): ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତ ଅଧୀନ ଗବପାଳସ୍ଥ ଉଠାଜଳସେଚନ ପ୍ରକଳ୍ପ-୧ ପାଇଁ ଥିବା ୨୫ କେଭି ଟ୍ରାନ୍ସଫର୍ମରରୁ ଦୁର୍ବୃତ୍ତମାନେ



ମୂଲ୍ୟବାନ କଏଲ୍ ଚୋରି କରିନେଇଛନ୍ତି । ସ୍ଥାନୀୟ ଗବପାଳ ଗ୍ରାମର ଯୁବଚାଷୀ ସୁନ୍ଦରମୋହନ ମହାନ୍ତଙ୍କ ସୂଚନା ମୁତାବକ ୧୬ ହେକ୍ଟର ଖରିଫ ଚାଷ ଓ ୮ ହେକ୍ଟର ରବିଚାଷ ପାଇଁ ରାଜ୍ୟ ସରକାରଙ୍କ ଉଠାଜଳସେଚନ ନିଗମ ପକ୍ଷରୁ ୧୩ ଲକ୍ଷ ୪୮ ହଜାର ଟଙ୍କାରେ ୨୦୧୭ରେ ଗବପାଳ-୧ ଉଠାଜଳସେଚନ ପ୍ରକଳ୍ପର କାର୍ଯ୍ୟକାରୀ କରାଯାଇଥିଲା । ଏହି ପ୍ରକଳ୍ପ ମାଧ୍ୟମରେ ଅଞ୍ଚଳର ଏକାଧିକ ଚାଷୀ ଉଭୟ ଖରିଫ ଓ ରବି ଧାନଚାଷ କରିଆସୁଥିଲେ । କିଛି ଦୁର୍ବୃତ୍ତ ଗବପାଳ-୧ ଉଠାଜଳସେଚନ ପାଇଁ ଉଦ୍ଦିଷ୍ଟ ୨୫ କେଭି କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମରରୁ ମୂଲ୍ୟବାନ କୋଏଲ ଚୋରି କରିଛନ୍ତି । ଏ ନେଇ ପ୍ରକଳ୍ପର ଯନ୍ତ୍ରୀ ଓ ଅଧିକାରୀଙ୍କୁ ଅବଗତ କରାଯାଇଛି । ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀ ଓ ପାଣି ପଞ୍ଚାୟତର ସଦସ୍ୟ ବୈଶିଙ୍ଗା ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

# ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଓ ସରଞ୍ଜାମ ଜବତ

ବୈଶିଙ୍ଗା, ୫।୧(ସମିସ): ବୈଶିଙ୍ଗା ଥାନା ଅଧୀନ ବାମଡାଠାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ମିଳିତ ଭାବେ ଚଢ଼ଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ କରାଯାଇ ନଷ୍ଟ କରିଛି ଅବକାରୀ ବିଭାଗ । ବାମଡା ଇଲାକାରେ ଚୋରା ଦେଶୀମଦ କାରଖାନା ଚାଲିଥିବା ଖବରପାଇ ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଉଦଳା ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କାଣ୍ଡିଙ୍କ ସମେତ ଅବକାରୀ ବିଭାଗର ଉଦଳା, ଖୁଣ୍ଟା, ମୋବାଇଲ ଟିମ ସମେତ ସଶସ୍ତ୍ର ପୁଲିସ



ଫୋର୍ସ ସହାୟତାରେ ସୋମବାର ଅତର୍କିତ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ମଦ ମାଫିଆ ଚମ୍ପଟ ମାରିଥିବାବେଳେ ଅବକାରୀ ବିଭାଗ ସେଠାରୁ ୪ ହଜାର ୭ ଶହ କିଲୋଗ୍ରାମ ଓଜନର ମହୁଲପୋଚ, ୩ ଶହ ୮୦ ଲିଟର ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରିଥିଲେ । ଏଥିସହିତ ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ମଧ୍ୟ ଜବତ ପୂର୍ବକ ନଷ୍ଟ କରାଯାଇଥିବା ବେଳେ ବିପୁଳ ପରିମାଣର ପ୍ଲାଷ୍ଟିକ ଡ୍ରମ ଓ ଜାର୍କିନ ଜବତ କରାଯାଇଛି । ସେହିଭଳି ବୈଶିଙ୍ଗା ଥାନା ଅଧୀନ ତିଳଦା ଗ୍ରାମରେ ଚଢ଼ଉ କରି ଅଢେଇ ଲିଟରରୁ ଅଧିକ ଚୋରା ବିଦେଶୀମଦ ଜବତ ଘଟଣାରେ ଜଡିତ ଅଭିଯୁକ୍ତ ତିଳଦା ଗ୍ରାମର ରମେଶ ଦେଙ୍କ ପୁଅ ରଣଜିତ ଦେ (୩୯)କୁ ଗିରଫ କରି ସ୍ୱାସ୍ଥ୍ୟ ପରୀକ୍ଷାପରେ ଅପରାହ୍ନରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି । ଏ ନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି ।

# ଡାକ୍ତର ସଂଘର ଆନ୍ଦୋଳନ, ରୋଗୀ ହନ୍ତସନ୍ତ



ବାରିପଦା/ରାଇରଙ୍ଗପୁର,୫ ।୧(ସମିସ): ଡିସେମ୍ବର ୨୬ ତାରିଖରୁ ଡାକ୍ତର ସଂଘ (ସଂଖ୍ୟା) ପକ୍ଷରୁ ଘଣ୍ଟା ଲେଖାଏଁ ଓପିଡି କାର୍ଯ୍ୟବନ୍ଦ କରି ଆନ୍ଦୋଳନ ଜାରି ରହିଥିବାବେଳେ ସୋମବାରଠାରୁ ଏହାକୁ ୨ ଘଣ୍ଟାକୁ ବୃଦ୍ଧି କରାଯାଇଛି । ଆଜି ସକାଳ ୯ଟାଠାରୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଥିଲେ ଡାକ୍ତର । ୨୦୨୪ ସେପ୍ଟେମ୍ବର ୧୮ଠାରୁ ସରକାରଙ୍କ ନିକଟରେ ୧୮ ଦଫା ଦାବି ରଖିଥିଲୁ, ଯାହା ଆଜି ଯାଏଁ ପୂରଣ ହୋଇପାରିନାହିଁ । ଏଥିପାଇଁ ସେପ୍ଟେମ୍ବର ମାସ ୨୦ ତାରିଖରୁ କଳା ବ୍ୟାଜ୍ ପିନ୍ଧି ପ୍ରତୀକାତ୍ମକ ଆନ୍ଦୋଳନ ପୂର୍ବକ ସରକାରଙ୍କ ଜଣାଇଥିଲୁ । ଏହାପରେ ଆମେ ଡିସେମ୍ବର ୨୬ରୁ ୧ ଘଣ୍ଟା ପାଇଁ ଓପିଡିକୁ ବନ୍ଦ ରଖି ସରକାରଙ୍କ ସହ ଆଲୋଚନା ପାଇଁ ଦାବି କରିଥିଲୁ । ଏଥିରେ କୌଣସି ବାଟ ନ ଫିଟିବାରୁ ଆଜିଠାରୁ ସକାଳ ୯ରୁ ୧୧ ପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ ହୋଇଛି । ଏହାଦ୍ୱାରା ଏନଆରଏଚଏମର ସମସ୍ତ କାର୍ଯ୍ୟ ପ୍ରଭାବିତ ହେବ, ମିଟିଂ କିମ୍ବା ଟ୍ରେନିଂ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେବ । ସରକାର ଦାବି ନ ମାନବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲା ଡାକ୍ତର ସଂଘ ସଭାପତି ଡା ସୁଭାଷ ଚନ୍ଦ୍ର ନାୟକ ଓ ସମ୍ପାଦକ ତଥା କୋଷାଧ୍ୟକ୍ଷ ଡା ସୌମ୍ୟରଞ୍ଜନ ନାୟକ କହିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ୨୬ଟି ସିଏଚସି, ୮୯ଟି ପିଏଚସି ଓ ୩ଟି ଉପଖଣ୍ଡ ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ୮ଟି ବିଭାଗରେ କାର୍ଯ୍ୟରତ ଡାକ୍ତର ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ବାରିପଦା, ୫ ।୧(ସମିସ):






ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂହ, ରିଜର୍ଭ ପୁଲିସ ଇନ୍ସପେକ୍ଟର ଆଲୋକ କାନୁନଗୋ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ଦିବସକୁ ଆନନ୍ଦ, ଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବା ସହ ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ ।

ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରାଯିବା ସହ ଏହି ଜାତୀୟ ଉତ୍ସବକୁ ସମ୍ମାନ ଓ ମର୍ଯ୍ୟାଦାର ସହିତ ଜାତୀୟତାବୋଧ ବଜାୟ ରଖି ଜିଲ୍ଲାସ୍ତରୀୟ ଉତ୍ସବ ପାଳନରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ, ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ମୁଖ୍ୟଅତିଥି ପୂର୍ବାହ୍ନ ୮.୩୦ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ ଓ ଉଦବୋଧନ ଦେବେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ , ପୁରସ୍କାର ବିତରଣ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ । ମୁଖ୍ୟଅତିଥି ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ଭିନ୍ନକ୍ଷମ ବିଦ୍ୟାଳୟରେ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ ପରେ ରକ୍ତଦାନ ଶିବିରରେ ଯୋଗ ଦେବେ । ବୈଠକରେ ଡିଏସପି, ଡିଆଇବି, କନିଷ୍ଠ ଯନ୍ତ୍ରୀ, ପୂର୍ତ୍ତ (ରାସ୍ତା ଓ ଗୃହ), ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ, ଡେପୁଟି ଡାଇରେକ୍ଟର ଉଦ୍ୟାନ କୃଷି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ୱାଟକୋ ସାଧାରଣ ପରିଚାଳକ, ସହକାରୀ ଅଗ୍ନିଶମ ଅଧିକାରୀ ପ୍ରମୁଖଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ମତପୋଷଣ କରିଥିଲେ ।

# ସମ୍ପାଦକୀୟ



ଜୀବନରେ ଖୁସି ରହିବାକୁ ହେଲେ ବସ୍ତୁ କିମ୍ବା ମଣିଷ ସହିତ ନୁହଁ, ଏକ ଲକ୍ଷ୍ୟ ସ୍ଥିର କର ଏବଂ ତା' ସହିତ ଜଡ଼ିତ ହୁଅ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ଅପରେସନ ମାଦୁରୋ

ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକା ଅପହରଣ କରିନେଇଛି। ପରେ ଅବଶ୍ୟ ତାଙ୍କୁ ଗିରଫ କରି ନ୍ୟୁୟର୍କ ଜେଲରେ ରଖାଯାଇଛି। ମାଦୁରୋଙ୍କ ନେତୃତ୍ୱରେ ଡ୍ରଗ୍ସ ସାମ୍ରାଜ୍ୟ ଗଠନ ପ୍ରୟାସକୁ ଆମେରିକା ବିରୋଧ କରିଆସିଛି। ଆମେରିକାକୁ ନିଷିଦ୍ଧ ନିଶାଦ୍ରବ୍ୟ ପ୍ରେରଣରେ ତାଙ୍କର ଭୂମିକା ଦୃଷ୍ଟିରୁ ସେ ବିଚାରର ସମ୍ମୁଖୀନ ହେବେ ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅଭିଯୋଗ କେତେଦୂର ସତ ଓ ମିଛ ତାହା ଭିନ୍ନ କଥା। ଅସଲରେ ବିଶ୍ୱରେ ସବୁଠାରୁ ଅଧିକ ଖଣିଜ ତୈଳ ଭେନେଜୁଏଲାରେ ଗଚ୍ଛିତ ଥିବାରୁ ତାହାକୁ ଆମେରିକା ଆକ୍ତିଆର କରିବାକୁ ଚାହେଁ। କିନ୍ତୁ ବିଧିବଦ୍ଧ ଭାବେ ନିର୍ବାଚିତ ରାଷ୍ଟ୍ରପତିଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଗିରଫ କରି ଆମେରିକା ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତାରେ ହସ୍ତକ୍ଷେପ କରିଛି, ଯାହାକି ଅନ୍ତଃରାଷ୍ଟ୍ରୀୟ ଆଇନ ଓ ଜାତିସଂଘ ସନନ୍ଦର ଖୋଲା ଉଲ୍ଲଂଘନ। ଟ୍ରମ୍ପ ପ୍ରଶାସନର ଏହି କାର୍ଯ୍ୟକୁ ବିଶ୍ୱର ଅନେକ ରାଷ୍ଟ୍ର ସମେତ ୱାଶିଂଟନରେ ମଧ୍ୟ ବିରୋଧ କରାଯାଇଛି।

ଭେନେଜୁଏଲାର ଘଟଣାକ୍ରମ ଓ ଆମେରିକାର ଅଭିଯୋଗକୁ ତର୍ଜମା କଲେ ଇରାକର ରାଷ୍ଟ୍ରପତି ସଦାମ ହୁସେନଙ୍କ ବିରୋଧରେ ଅନୁରୂପ ମିଥ୍ୟା ଆରୋପ ମାଧ୍ୟମରେ ଗ୍ରହଣ କରାଯାଇଥିବା ସାମରିକ କାର୍ଯ୍ୟନୁଷ୍ଠାନ ସାମ୍ନାକୁ ଆସିଯିବା ସ୍ୱାଭାବିକ। ସମସ୍ତ ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଥିଲେ ମଧ୍ୟ ବିଶ୍ୱ ଜନସମୁଦାୟ କିମ୍ବା ଜାତିସଂଘ ଆମେରିକାକୁ ଦୋଷାରୋପ କରି ନ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟ କି ଅଲ୍ କାଏଦା ସଂଗଠନର ମୁଖ୍ୟ ଓସାମା ବିନ ଲାଡେନକୁ ପାକିସ୍ତାନର ଆବୋଟାବାଦ୍‌ରୁ ଗିରଫ ସକାଶେ ଆମେରିକାର ସ୍ୱତନ୍ତ୍ର ବାହିନୀ ଯେଭଳି ଯୋଜନା ପ୍ରସ୍ତୁତ କରିଥିଲେ ମାଦୁରୋଙ୍କ କ୍ଷେତ୍ରରେ ତାହା ଅନୁଭୂତ ହୋଇଥିଲା। ସେ ସୁରକ୍ଷିତ ବଳୟରେ ଥିଲେ ମଧ୍ୟ ମାତ୍ର ୫ ଘଣ୍ଟାର ଅପରେସନରେ ରାଷ୍ଟ୍ରପତି ଦମ୍ପତିଙ୍କୁ ହେଲିକପ୍ଟର ମାଧ୍ୟମରେ ଉଠାଇ ନିଆଯାଇଥିଲା। ଏହି ଘଟଣାର ୮ ଘଣ୍ଟା ପୂର୍ବରୁ ଚୀନ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସ୍ୱତନ୍ତ୍ର ଦୂତଙ୍କ ସହ ମାଦୁରୋଙ୍କ ଆଲୋଚନା ହୋଇଥିଲା। ଭେନେଜୁଏଲାର ୯୦ ପ୍ରତିଶତ ତୈଳ ଚୀନ କିଣୁଥିବାରୁ ଏହି ସାକ୍ଷାତକୁ ଏକ ସ୍ୱାଭାବିକ ପ୍ରକ୍ରିୟା କୁହାଯାଇପାରେ। କିନ୍ତୁ ଏଥିସହିତ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ହଠାତ୍ ଯୋଡ଼ିବା ଠିକ୍ ହେବ ନାହିଁ।

ଭେନେଜୁଏଲାର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଉପରାଷ୍ଟ୍ରପତି ହେଲସି ରୋଡ୍ରିଗ୍ସ ଶାସନ ଭାର ହାତକୁ ନେଇଛନ୍ତି। ମାଦୁରୋଙ୍କ ନିର୍ବାଚନକୁ ନେଇ ଆମେରିକା ପକ୍ଷରୁ ହୋଇଥିବା ଅଭିଯୋଗ ଯେ ଅସତ୍ୟ ତାହା ଟ୍ରମ୍ପଙ୍କ ପରବର୍ତ୍ତୀ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। ଯଦିବା ସେ ନିର୍ବାଚନ ଜାଲିଆତି କରି ବିଜୟୀ ହୋଇଛନ୍ତି ପରିବର୍ତ୍ତିତ ପରିସ୍ଥିତିରେ ବିରୋଧୀଦଳକୁ କ୍ଷମତାସୀନ କରାଇବା ପାଇଁ ଆମେରିକା ପକ୍ଷରୁ ଦାବି କରାଯାଇଥା'ନ୍ତା। କିନ୍ତୁ ବିରୋଧୀ ଦଳ ଭାବେ ମାରିଆ କୋରିନାଙ୍କ ପ୍ରତି ସେଭଳି ଜନସମର୍ଥନ ନାହିଁ। ତେଣୁ ସେ ରାଷ୍ଟ୍ରପତି ହୋଇପାରିବେନି ବୋଲି ଟ୍ରମ୍ପ ସିଧାସଳଖ ମନା କରିଦେଇଛନ୍ତି। କାରଣ ଟ୍ରମ୍ପଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ମାରିଆ ନୋବେଲ ଶାନ୍ତି ପୁରସ୍କାର ହାସଲ କରିଥିଲେ। ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଆମେରିକା ପକ୍ଷରୁ ଯେଉଁ ଅଭିଯୋଗ କରାଯାଉଛି ତାହା ସଂପୂର୍ଣ୍ଣ ଅସତ୍ୟ ଓ ନିରାଧାର।

ରୁଷ, ଚୀନ ଓ ଫ୍ରାନ୍ସ ଭଳି ବହୁ ରାଷ୍ଟ୍ର ଟ୍ରମ୍ପଙ୍କ ସାମରିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିବା ସହ ଜାତିସଂଘ ନିରାପତ୍ତା ପରିଷଦ ବୈଠକ ଡକାଇଛନ୍ତି। ଯେହେତୁ ଆମେରିକା ଭିଟୋ କ୍ଷମତାର ଅଧିକାରୀ ଏ ପ୍ରକାର ବୈଠକରେ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ଊଣା। କିଛି ଭିଟୋ ଅଧିକାରୀ ରାଷ୍ଟ୍ରଙ୍କ ପାଇଁ ଜାତିସଂଘର ଭୂମିକା ଦିନକୁ ଦିନ ଦୁର୍ବଳ ହେବାର ଲାଗିଛି। ଭେନେଜୁଏଲା ପରେ ମେକ୍ସିକୋ, କ୍ୟୁବା ଓ କଲମ୍ବିଆକୁ ଆମେରିକା ଚେତାବନୀ ଶୁଣାଇଛି। ଯେତେଦୂର ମନେହୁଏ ଏବେ ମଧ୍ୟ ଆମେରିକାର ପ୍ରାଧାନ୍ୟ ଓ ପତିଆରା ଅକ୍ଷୁଣ୍ଣ ରହିଛି। ●

## ବେପରବାୟ 'ଆମ ବସ'

'ଆମ ବସ' ଚଳାଚଳର ଦ୍ରୁତଗତି ଭିତ୍ତିପ୍ରଦ। ବିଶେଷକରି କଟକ ଓ ଭୁବନେଶ୍ୱର ପରି ଜନଗହଳିପୂର୍ଣ୍ଣ ସହରରେ ଏହି ବସର ଗତିଶୀଳତା ଦେଖିଲେ ରାସ୍ତାରେ ଥିବା ପଥଚାରୀ ହୁଅନ୍ତୁ ବା ଅନ୍ୟ ଯାନବାହନ, ଜୀବନବିକଳରେ ବାଟଛାଡ଼ି ଦେବାକୁ ବାଧ୍ୟ ହେଉଛନ୍ତି। ଏପରିକି ବୟସ୍କ ପଥଚାରୀଟିଏ ରାସ୍ତାରେ ନିଜକୁ ସୁରକ୍ଷିତ ମଣୁନାହିଁ। ଅପେକ୍ଷାକୃତ କମ ବସ ଭଡ଼ା ଦେବାକୁ ପଡୁଥିବାରୁ ଏହି ସେବା ପ୍ରତି ଲୋକଙ୍କର ଆକର୍ଷଣ ଥିଲେ ମଧ୍ୟ ତାହା ଆଉ 'ଆମ ବସ' ହୋଇ ନାହିଁ, 'ସରକାରଙ୍କ ବସ'ରେ ପରିଣତ ହୋଇଛି।

ଗତ ଦେଢ଼ବର୍ଷ ମଧ୍ୟରେ 'ଆମ ବସ'ର ଖାମଖିଆଲ ଓ ଅନିୟନ୍ତ୍ରିତ ଯାତାୟାତ ଯୋଗୁଁ ଅନ୍ୟୂନ ୨୪ ଟି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି, ଯାହାର କୌଣସି ପରିସଂଖ୍ୟାନ ନାହିଁ। ଆହତଙ୍କୁ ୫୦ ହଜାର ଟଙ୍କା ସରକାର ଦେଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେ ଅକର୍ମଣ୍ୟ ହୋଇଛନ୍ତି ତାହାର ହିସାବ ରଖୁଛି ବା କିଏ? 'ଆମ ବସ'ର କ୍ରମାଗତ ଦୁର୍ଘଟଣା ସଂପର୍କରେ ଗଣମାଧ୍ୟମ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାହାର କୌଣସି ପ୍ରତିକାର ହେଉନାହିଁ। ସରକାରୀ ବ୍ୟବସ୍ଥା ଉପରେ ସରକାରଙ୍କ କଟକଣା ନ ରହିବା କ୍ଷୋଭର ବିଷୟ।

ଶନିବାର ରାଜଧାନୀରେ ହୋଇଥିବା 'ଆମ ବସ' ଦୁର୍ଘଟଣା ନିଶ୍ଚୟ ସମସ୍ତଙ୍କ ଆଖି ଖୋଲି ଦେଇଥିବ। ଦିନ ୧୧ ଟାରେ ରୁପାଲି ଛକ ରାଜଧାନୀର ଅପେକ୍ଷାକୃତ ଅଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ପ୍ରଚଳିତ ଟ୍ରାଫିକ ବ୍ୟବସ୍ଥା ସବୁକାଳେ ଅଧିକ ସତର୍କ ଓ ସଜାଗ। ଛକରେ ସିଗନାଲ ବନ୍ଦ ଥିବାରୁ ଯାନବାହନ ଅଟକି ରହିଥିଲେ। ହଠାତ୍ ସିଗନାଲ ପଡ଼ିଯିବା କଥା ନିଆରା। 'ଆମ ବସ' ନିଜର ବେଗକୁ ନିୟନ୍ତ୍ରଣ କରି ନପାରି ସାମ୍ନାରେ ଥିବା ଅଟୋରିକ୍ସାକୁ ଧକ୍କା ଦେଲା, ତାହା ଏକପ୍ରକାର ଅପେକ୍ଷାରତ ସ୍କୁଲବସରେ ପିଟି ହୋଇଗଲା। ଅଟୋର ସାମ୍ନା ଚକ ବସର ନିମ୍ନ ଅଂଶରେ ପଶିବାରୁ ଚାଳକର ଘଟଣାସ୍ଥଳରେ ମୃତ୍ୟୁ ଘଟିଲା। ଯାତ୍ରୀ ମଧ୍ୟ ଗୁରୁତର ଆହତ ହେଲେ। ଏପ୍ରକାର ଅସାବଧାନତା ଆଦୌ କ୍ଷମଣୀୟ ନୁହେଁ। କ୍ଷମାପ୍ରାର୍ଥନା ଅର୍ଥହୀନ। କ୍ରମାଗତ ଭାବେ 'ଆମ ବସ'ର ତ୍ରୁଟିପୂର୍ଣ୍ଣ ଗାଡ଼ିଚାଳନା ସଂପର୍କରେ ଦୃଷ୍ଟିଆକର୍ଷଣ କରାଯାଇଛି। ସରକାର ସହାୟତା ରାଶି ଘୋଷଣା କରୁଛନ୍ତି। ଅଥଚ ପରିସ୍ଥିତି ଅପରିବର୍ତ୍ତିତ ରହିଛି। ●

# ଗାନ୍ଧୀଙ୍କ 'ତୃତୀୟ ପଥ'

ଡକ୍ଟର ଅବଶ ପରିଡ଼ା

ଆଧୁନିକ ରାଜନୀତି କେବଳ କ୍ଷମତା, ଶ୍ରେଣୀ ସଂଘର୍ଷ କିମ୍ବା ନିର୍ବାଚନ ପ୍ରତିଯୋଗିତାରେ ସୀମିତ ନାହିଁ। ଜାଣତ ବା ଅଜାଣତରେ ଆମ ଦୈନନ୍ଦିନ ଜୀବନର ପସନ୍ଦ ଓ ନାପସନ୍ଦ ମାଧ୍ୟମରେ ରାଜନୀତି ଏବେ କାର୍ଯ୍ୟ କରୁଛି। ସରଳରେ କହିବାକୁ ଗଲେ ଆମ ପରିଚୟ, ଶରୀରର ବେଶଭୂଷା, ଦୈନନ୍ଦିନ ଅଭ୍ୟାସ ଏପରିକି ନୈତିକ ପ୍ରତିଶ୍ରୁତିବଦ୍ଧତାକୁ ମଧ୍ୟ ରାଜନୀତି ଆକାର ଦେଉଛି। ଲୋକପ୍ରିୟ ସମାଜଶାସ୍ତ୍ରୀ ଆନ୍ଥୋନି ଗିଡେନ୍ସଙ୍କ 'ଆଧୁନିକତା ଓ ଆତ୍ମ-ପରିଚୟ' ତତ୍ତ୍ୱରେ ଏହି ପରିବର୍ତ୍ତନର ନାଁ ଥିଲା 'ଜୀବନ ରାଜନୀତି' ବା 'ଲାଇଫ୍ ପଲିଟିକ୍ସ'।

ମୂଳତଃ ପାରମ୍ପରିକ ରାଜନୀତି ହେଉଛି 'ମୁକ୍ତିବାଦ' ଚିନ୍ତାଧାରା ଉପରେ ଆଧାରିତ। ଜନସାଧାରଣଙ୍କ ଦାରିଦ୍ର୍ୟ, ସମସ୍ୟା ଓ ଅତ୍ୟାଚାର ଭଳି ବାହ୍ୟ ପ୍ରତିବନ୍ଧକରୁ ମୁକ୍ତ କରିବା ସହିତ ସୁଯୋଗ ଓ ସମାନତା ଭଳି ଉପାଦାନ ଉପରେ ଏହା ଗୁରୁତ୍ୱ ଦିଏ। ଅପରପକ୍ଷେ ବ୍ୟକ୍ତିବିଶେଷ ନିଜର ପରିଚୟ, ଶରୀର ଏବଂ ଜୀବନଶୈଳୀ ବିଷୟରେ ନେଉଥିବା ନିଷ୍ପତ୍ତି ସହିତ 'ଜୀବନ ରାଜନୀତି' ଜଡ଼ିତ। ଗିଡେନ୍ସଙ୍କ ମତରେ ଆଧୁନିକତାର ଶେଷ ଭାଗରେ ଆମେ ଅଛୁ। ତେଣୁ ନିରନ୍ତର ଭାବରେ ନିଜ ପରିଚୟ ଓ ଅସ୍ତିତ୍ୱ ଉପରେ ଚିନ୍ତନ କରିବାକୁ ଆମେ ବାଧ୍ୟ ହେଉଛେ। ଆମ ପାଇଁ ପରିଚୟ ସତେଯେପରି ଏକ ଅସମାପ୍ତ ପ୍ରକଳ୍ପ। ଅନେକ ଯୁକ୍ତି କରନ୍ତି ଯେ ଲୋକପ୍ରିୟ ଜୀବନ ରାଜନୀତି ଧାରଣା ହେଉଛି 'ତୃତୀୟ ପଥ' ବା 'ଥାର୍ଡ଼ ୱେ' ରାଜନୈତିକ ଦର୍ଶନର ଏକ ଅଂଶ। 'ତୃତୀୟ ପଥ' ହେଉଛି ଏକ କେନ୍ଦ୍ରବାଦୀ ରାଜନୈତିକ ଦର୍ଶନ। ଚୁମ୍ବକରେ କହିଲେ ସାମାଜିକ ନ୍ୟାୟ ସହ ମୁକ୍ତବଜାର ପୁଞ୍ଜିବାଦର ମିଶ୍ରଣ ଏବଂ 'ଦାୟିତ୍ୱ ସହିତ ଅଧିକାର'ର ଗୁରୁତ୍ୱ ଭଳି ଧାରଣା ହେଉଛି ଏହି ଦର୍ଶନର ମେରୁଦଣ୍ଡ। ପୃଥିବୀରେ ଏହାକୁ ପାରମ୍ପରିକ ବାମପନ୍ଥୀ ସମାଜବାଦ ଓ ଦକ୍ଷିଣପନ୍ଥୀ ନବ-ଉଦାରବାଦର ବିକଳ୍ପ ଭାବରେ ମଧ୍ୟ ବ୍ୟାଖ୍ୟା କରାଯାଇଛି। ଏହାର ପ୍ରୟୋଗ ଓ ପ୍ରଚାରକୁ ଟୋନି ବ୍ଲେୟାର, ଗେରହାର୍ଡ ସ୍ରୋଡର୍ ଓ ବିଲ୍ କ୍ଲିଣ୍ଟନଙ୍କ ଭଳି ନେତାମାନଙ୍କ ସମର୍ଥନ ମିଳିଥିଲା।

ଉଭୟ 'ଜୀବନ ରାଜନୀତି' ଓ 'ତୃତୀୟ ପଥ'ର ଧାରଣା ରାଜନୀତି ଓ ସମାଜଶାସ୍ତ୍ରୀୟ ତତ୍ତ୍ୱରେ ପ୍ରବେଶ କରିବାର ବହୁପୂର୍ବରୁ ମହାତ୍ମା ଗାନ୍ଧୀ ଏହାକୁ ଅଭ୍ୟାସ କରିସାରିଥିଲେ। ଏକ ଶତାବ୍ଦୀ ତଳେ ପ୍ରୟୋଗ ହୋଇଥିବା ଗାନ୍ଧୀଙ୍କ 'ଜୀବନ ରାଜନୀତି' ଓ 'ତୃତୀୟ ପଥ'ର ଧାରଣା କାଳ୍ପନିକ ନୁହେଁ, ବରଂ ପାହାଡ଼ ଭଳି ପୁରୁଣା। ରାଜନୀତିରେ ସାଧାରଣତଃ ଦୁଇ ପ୍ରକାରର ସ୍ୱର ଥାଏ। ପ୍ରଥମ 'ପୁଞ୍ଜିବାଦ', ଯାହା କୁହେ ଯେ 'ବଜାର ସବୁକିଛି ସମାଧାନ କରିବ'। ଅନ୍ୟଟି ହେଉଛି 'ସମାଜବାଦ', ଯାହା ବିଶ୍ୱାସ କରେ ଯେ, 'ରାଷ୍ଟ୍ର ହିଁ ସବୁକିଛି ନିୟନ୍ତ୍ରଣ କରିବ'। ଗାନ୍ଧୀଙ୍କ 'ତୃତୀୟ ପଥ' କିନ୍ତୁ ଏହି ଉଭୟଙ୍କଠାରୁ ଭିନ୍ନ ଏବଂ ଏକ ସକ୍ଷମ ବିକଳ୍ପ। ତେଣୁ ଏହି ପରିପ୍ରେକ୍ଷୀରେ ଗାନ୍ଧୀଙ୍କ 'ତୃତୀୟ ପଥ' କୁହେ ଯେ 'ବଜାର ଓ ରାଷ୍ଟ୍ର ନୁହେଁ, ପ୍ରଥମେ ବ୍ୟକ୍ତି ନିଜ ଉପରେ ନିୟନ୍ତ୍ରଣ କାହିଁକି ରଖୁ ନାହିଁ। ସମ୍ପତ୍ତିର ସଂଚୟ ନୁହେଁ କିମ୍ବା ସମ୍ପତ୍ତିର ପୁନଃବଣ୍ଟନ ନୁହେଁ, ବରଂ ବ୍ୟକ୍ତିର ଇଚ୍ଛା ପ୍ରଥମେ ହ୍ରାସ କର'। କିନ୍ତୁ ସତ କଥା ହେଉଛି ଆଧୁନିକ ରାଜନୀତି ହେଉଛି ଅତ୍ୟଧିକ ଇଚ୍ଛା, ଯେମିତିକି ଅଧିକ ଭୋଟ ପାଇବା, ଅଧିକ ସମ୍ବଳର ମାଲିକାନା ଓ ବ୍ୟବହାର କରିବା। ଏହାସହିତ ଅଧିକ ରାଜନୈତିକ ସ୍ଲୋଗାନରେ ଲୋକଙ୍କୁ ବୋକା ବନେଇବା ଉପରେ ପର୍ଯ୍ୟବସିତ।

ଏହି ପରିପ୍ରେକ୍ଷୀରେ ମ୍ୟାକ୍ସ ୱେବରଙ୍କ 'ରାଜନୀତି ହେଉଛି ଆଧୁନିକତାର ଏକ ଲୁହା ପିଞ୍ଜରା' - ଉକ୍ତି ଆମକୁ ପ୍ରାସଙ୍ଗିକ ଲାଗିପାରେ। ଏହି ଧାରଣା କୁହେ ଯେ ଆଧୁନିକ ସମାଜ ପାଇଁ 'ଦକ୍ଷତା' ଏବେ 'ନୈତିକତା'ଠାରୁ ଶକ୍ତିଶାଳୀ ଏବଂ 'ଉନ୍ନତି' 'ସଦ୍‌ଗୁଣ'ଠାରୁ ଢେର ଆଗରେ ଅଛି। କିନ୍ତୁ ଗାନ୍ଧୀବାଦୀ ବିକାଶ ମଡେଲରେ ଏହାର ସମାଧାନ କଥା ଉଲ୍ଲେଖ ଅଛି। କୌଣସି ବିପ୍ଳବ ମାଧ୍ୟମରେ ସାମାଜିକ ଓ ବ୍ୟକ୍ତିଗତ ମୂଲ୍ୟବୋଧକୁ ସଜଡ଼ା ଯାଇପାରିବ ନାହିଁ। ଏହି ପିଞ୍ଜରାକୁ ଭାଙ୍ଗିବାକୁ ହେଲେ ପ୍ରଥମେ ନିଜ ଜୀବନଶୈଳୀକୁ ପରିବର୍ତ୍ତନ ଓ ପରୀକ୍ଷଣ କରିବା ଆବଶ୍ୟକ। ବରିଷ୍ଠ ଗାନ୍ଧୀ ସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ସଦ୍ୟ ପ୍ରକାଶିତ ଅନେକ ରିପୋର୍ଟ ଓ ଶୈକ୍ଷିକ ସର୍ଭେରେ ମହାତ୍ମା ଗାନ୍ଧୀଙ୍କୁ ଜଣେ ସ୍ୱତନ୍ତ୍ର ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ଉଲ୍ଲେଖ କରାଯାଇଛି। ଗାନ୍ଧୀଙ୍କ ନେତୃତ୍ୱ ମୂଳତଃ ବ୍ୟକ୍ତିଗତ ଜୀବନଶୈଳୀ ପରୀକ୍ଷଣରେ ନିହିତ ଥିଲା। ତାଙ୍କର ଆଭିମୁଖ୍ୟକୁ 'ବ୍ୟବହାରିକ ଆଦର୍ଶବାଦ' କୁହାଯାଏ। ଏକ ଗଣ-ଆଧାରିତ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ରାଜନୈତିକ ସକ୍ରିୟତା ସହିତ ନୈତିକ ଶୃଙ୍ଖଳାକୁ ଏହି ଆଦର୍ଶବାଦ ଏକୀକୃତ କରିଥିଲା।

ଗାନ୍ଧୀଙ୍କ 'ତୃତୀୟ ପଥ' ଆମ ପାଇଁ ପ୍ରାସଙ୍ଗିକ ନା ଅଦରକାରୀ? ଏହାକୁ ନେଇ ଅନେକ ବିତର୍କ ହୁଏ। ଏହି ପ୍ରଶ୍ନର ଉତ୍ତରରେ ଶ୍ରୀପରିଡ଼ା କୁହନ୍ତି ଯେ ଆମ ପାଇଁ ଏହା ଅସୁବିଧାଜନକ। ଆଧୁନିକ ରାଜନୀତିରେ ଗୋଟିଏ ପ୍ରଶ୍ନକୁ ନେଇ ସବୁବେଳେ ଦ୍ୱନ୍ଦ୍ୱ। ତାହା ହେଉଛି 'ଯଦି ସମସ୍ୟା ବ୍ୟବସ୍ଥାରେ ନାହିଁ, ବରଂ ଆମର ଇଚ୍ଛାରେ ଅଛି, ତେବେ କ'ଣ ହେବ? ଦ୍ରୁତ ରାଜନୀତି, ବାଧ୍ୟତାମୂଳକ ଆଦର୍ଶବାଦ, ଜବରଦସ୍ତ ଜାତୀୟତାବାଦ ସହିତ ଅନୈତିକତାକୁ ପରୋକ୍ଷରେ ଗ୍ରହଣ କରିଥିବା ବ୍ୟବସ୍ଥାରେ ନୈତିକ ଭାବରେ ବଞ୍ଚିବା ହେଉଛି ସବୁଠାରୁ ମୌଳିକ କାର୍ଯ୍ୟ। କେବଳ ରାଷ୍ଟ୍ର ଓ ବଜାର ମଧ୍ୟରେ ଏକ ଅର୍ଥନୈତିକ ଆପୋସ ପ୍ରସ୍ତାବ ନୁହେଁ, ଗାନ୍ଧୀ ଏକ ସଭ୍ୟତାମୂଳକ ଉପାୟ ପ୍ରଦାନ କରିଥିଲେ। ଯେଉଁଠାରେ ଆତ୍ମସଂଯମ ଓ ସମ୍ପ୍ରଦାୟ ମଧ୍ୟରେ ରଶି ହେଉଛି ନୀତିଶାସ୍ତ୍ର। ଏହା ହିଁ 'ତୃତୀୟ ପଥ'।

ରାଜନୀତିକୁ କେବଳ ନୀତିନିୟମ କିମ୍ବା ଆନ୍ଦୋଳନରେ ଘଟୁଥିବା ଏକ ଘଟଣା ବା ଉପାଦାନ ଭାବରେ ଗାନ୍ଧୀ କେବେ ବି ବିଚାର କରୁ ନ ଥିଲେ। ତାଙ୍କ ପାଇଁ, 'ଆଇ' ବା 'ସ୍ୱୟଂ' ଥିଲା ପ୍ରଥମ ରାଜନୈତିକ ସ୍ଥାନ। ସ୍ୱ-ରାଜନୀତିର ଜଣେ ପ୍ରବର୍ତ୍ତକ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ। ମହାତ୍ମା ଗାନ୍ଧୀଙ୍କ 'ସ୍ୱ-ରାଜନୀତି' ପ୍ରତି ଆଭିମୁଖ୍ୟ ବ୍ୟକ୍ତିର 'ସ୍ୱ-ଶାସନ' ଭଳି ଏକ ବିପ୍ଳବୀ ଧାରଣା ଉପରେ କେନ୍ଦ୍ରିତ ଥିଲା। ଏହି ଧାରଣା ବିନା ଏକ ଜାତି ପାଇଁ ରାଜନୈତିକ ସ୍ୱାଧୀନତା ଥିଲା ଅସମ୍ଭବ। ଗାନ୍ଧୀଙ୍କ ପାଇଁ ରାଜନୀତି କେବଳ କ୍ଷମତା ହାସଲ କରିବା ନୁହେଁ, ବରଂ ଆତ୍ମପରିବର୍ତ୍ତନ ଏବଂ ସମାଜସେବାର ଏକ ଉପକରଣ। ତାଙ୍କର ଏହି ଚିନ୍ତାଧାରା ପ୍ଲାଟୋ, ଆରିଷ୍ଟୋଟଲ, ଲକ୍ ଠାରୁ ଅଳ୍ପ ଭିନ୍ନ ଥିଲା ବେଳେ ଆଧୁନିକ ସମାଜଶାସ୍ତ୍ରୀ ଫୁକୋଙ୍କ ତତ୍ତ୍ୱ ଗାନ୍ଧୀଙ୍କ ସ୍ୱ-ଅନୁଶାସନ ସହ ସାମଞ୍ଜସ୍ୟ ଅଛି।

ମହାତ୍ମା ଗାନ୍ଧୀ କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ବରଂ ଆତ୍ମନିର୍ଭରତା ଓ ଅହିଂସାର ଏକ ବୃହତ୍ତର ଦର୍ଶନର ଅଂଶ ଭାବରେ ନିରାମିଷ ଭୋଜନକୁ ପ୍ରୋତ୍ସାହିତ କରିଥିଲେ। ଗାନ୍ଧୀଙ୍କ ମତ ଥିଲା ଯେ ବାଧ୍ୟବାଧକତା ନୁହେଁ, ଆନ୍ତରିକ ପ୍ରେରଣା ଭାବରେ ଉପବାସ ହେଉଛି ଏକ ସମାଧାନ। ଉଭୟ ନିରାମିଷ ଭୋଜନ ଓ ଉପବାସ ହେଉଛି ଉପନିବେଶିକ ଉପଭୋକ୍ତାବାଦ ପ୍ରତି ପ୍ରତିରୋଧ ଓ ଆତ୍ମନିୟନ୍ତ୍ରଣର ଏକ ପ୍ରୟୋଗ। ଗାନ୍ଧୀଙ୍କ ଏହି ବ୍ୟକ୍ତିଗତ ବ୍ୟବହାର ହେଉଛି ବର୍ତ୍ତମାନର ଏକ ନୈତିକ ଓ ରାଜନୈତିକ ଆବଶ୍ୟକତା ବୋଲି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିଜ ରିପୋର୍ଟରେ ଉଲ୍ଲେଖ କରିଛି। ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ 'ଭେଗାନୁଆରି' ଭଳି ଆଧୁନିକ ଆନ୍ଦୋଳନଗୁଡ଼ିକ ଲୋକପ୍ରିୟ ହେଉଛି, ଯେଉଁଠି ପ୍ରାଣୀ-ଶିଳ୍ପ କୃଷିକୁ ରାଜନୈତିକ ସ୍ତରରେ ସମାଲୋଚନା କରାଯାଉଛି। ୨୦୨୬ ସୁଦ୍ଧା ବିଶ୍ୱବ୍ୟାପୀ ୨୫ ନିୟୁତରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ଏହି ଆନ୍ଦୋଳନ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ସାମ୍ପ୍ରତିକ ସ୍ଥିତିରେ 'ଭାରତର 'ନିରାମିଷ ଜାତୀୟତାବାଦ' ଦକ୍ଷିଣପନ୍ଥୀ ହିନ୍ଦୁ ଗୋଷ୍ଠୀମାନଙ୍କ ପାଇଁ ପରିଚୟ ସାବ୍ୟସ୍ତ କରିବାର ଏକ ଉପକରଣ ପାଲଟିଛି। ସେହିପରି ଗାନ୍ଧୀଙ୍କ ଖଦି ପ୍ରଚାର କେବଳ ପ୍ରତୀକାତ୍ମକ ନ ଥିଲା, ବରଂ ଏହା ଥିଲା ବିଶ୍ୱ ପୁଞ୍ଜିବାଦର ଏକ ଭୌତିକ ସମାଲୋଚନା। ସମ୍ଭବତଃ ସେଥିପାଇଁ ସ୍ଥାନୀୟ ବସ୍ତ୍ର ଧ୍ୟାନପୂର୍ବକ ପୋଷାକ କିଣିବା ଏବଂ ସରଳତାକୁ ପର୍ଯ୍ୟବସିତ କରି 'ସ୍ଲୋ ଫେସନ' ଆନ୍ଦୋଳନ ଏବେ ଉଭା ହୋଇଛି। ଶହେରୁ ଅଧିକ ଦେଶରେ ଏହି ଆନ୍ଦୋଳନ ଏବେ ବ୍ୟାପକ। ଆମ ଦେଶରେ 'ସ୍ଲୋ ଫ୍ୟାଶନ'ର ଧାରଣା ମହାତ୍ମା ଗାନ୍ଧୀଙ୍କ ଖଦି ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ। ତେଣୁ ଆମେ କ'ଣ ପିନ୍ଧୁଛେ, କ'ଣ ଖାଉଛୁ ଏବଂ କ'ଣ ବ୍ୟବହାର କରୁ, ତାହା ଏକ ଆଦର୍ଶ ରାଜନୈତିକ ଆଲୋଚନା ହୋଇପାରିବ, ଯଦି ଆମେ ଏହାକୁ ନୈତିକ ଉପାୟରେ ପ୍ରୟୋଗ କରିବା।

ସନ୍ଦେହ ହେଉଛି ଯେ ଗାନ୍ଧୀଙ୍କ ଜୀବନ ରାଜନୀତି ଏବଂ 'ତୃତୀୟ ପଥ' ଆଜିର ରାଜନୈତିକ ପରିବେଶରେ ଖାପ ଖାଇବ ନାହିଁ। ମାଗଣା ବଣ୍ଟନ, ଉପହାର, ଅପ୍ରାସଙ୍ଗିକ ଆନ୍ଦୋଳନ ଓ ରାତାରାତି ବିକାଶର ପ୍ରତିଶ୍ରୁତି ଯୋଗୁଁ ଏହା ପଛରେ ପଡ଼ିଯାଇଛି। କିନ୍ତୁ ଗାନ୍ଧୀ ଆଜି ବି ଆମକୁ ପ୍ରଶ୍ନ କରୁଛନ୍ତି ଯେ ସରକାର ପରିବର୍ତ୍ତନ କରିବା ପୂର୍ବରୁ ନାଗରିକମାନେ ସେମାନଙ୍କର ଅଭ୍ୟାସ କାହିଁକି ପରିବର୍ତ୍ତନ କରୁନାହାନ୍ତି? ରାଜନୀତିରେ ସର୍ଟକଟକୁ ଭଲ ପାଉଥିବା ଏହି ଯୁଗରେ ଏକ ନୈତିକତାର ଲମ୍ବା ରାସ୍ତା ଉପରେ ଜିଦ୍ ଧରିଥିବାରୁ ଗାନ୍ଧୀ ଆମ ପାଇଁ ଏକ ପୁରୁଣା ବିଚାର। ରାଷ୍ଟ୍ରର ସଂସ୍କାର ନୁହେଁ, ବ୍ୟକ୍ତିର ଆତ୍ମ ସଂସ୍କାର ହେଉଛି ସବୁଠାରୁ କଠିନ ପଥ। ସମ୍ଭବତଃ ସେଥିପାଇଁ ପ୍ରସ୍ତାବିତ 'ତୃତୀୟ ପଥ' ଆମପାଇଁ ହାସ୍ୟାସ୍ପଦ। କିନ୍ତୁ କହିଲେ ଦେଖି ଏହା ଆଜିର ଆବଶ୍ୟକତା ନୁହେଁ କି? ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଷାଠିଏ ପରର ଜୀବନ

ସରୋଜ କୁମାର ଶତପଥୀ

ପୂର୍ବରେ ଯେବେ ମଣିଷକୁ ୬୦ ବର୍ଷ ଛୁଉଁ ଥିଲା, ସେ ସମୟରେ ଏକ ସାଧାରଣ ଧାରଣା ଥିଲା, 'ଏବେ ଆମ ଜୀବନ ବୋଝ ହେଲା, ଶରୀର ଦୁର୍ବଳ ହେଲା, ଆରାମ କରିବା ସମୟ ଆସିଗଲା।' ୬୦ ବର୍ଷ ପରେ ଲୋକେ ଆତ୍ମନିବୃତ୍ତି, ଧାର୍ମିକ ଚିନ୍ତା ଓ ପରଲୋକ ଚିନ୍ତନରେ ନିଜକୁ ବ୍ୟସ୍ତ ରଖୁଥିଲେ। ସେମାନଙ୍କ ପାଇଁ ବୃଦ୍ଧାବସ୍ଥାର ଅର୍ଥ ହେଲା ଦେହ ଦୁର୍ବଳ, କାର୍ଯ୍ୟକ୍ଷମତା ଶେଷ ଆଉ ବିଶ୍ରାମ କରିବାର ସମୟ। କିନ୍ତୁ ବର୍ତ୍ତମାନ ସେହି ଚିନ୍ତାଧାରା ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ଆଜିର ଯୁଗରେ ୬୦ ବର୍ଷର ବ୍ୟକ୍ତି ନିଜକୁ ବୃଦ୍ଧ ମନେ କରୁ ନାହାନ୍ତି, ବରଂ ସେମାନେ ନିଜକୁ 'ବରିଷ୍ଠ ଯୁବକ' ଭାବେ ଦେଖୁଛନ୍ତି। ଅର୍ଥାତ୍ ୬୦ ବର୍ଷ ପରେ ମଧ୍ୟ ଲୋକମାନେ ସକ୍ରିୟ, ଚଳଚଞ୍ଚଳ ଓ କାର୍ଯ୍ୟକ୍ଷମ ରହୁଛନ୍ତି।

ଏହି ପରିବର୍ତ୍ତନ ପଛରେ ଅନେକ ସାମାଜିକ, ଶାରୀରିକ ଓ ମାନସିକ କାରଣ ରହିଛି। ଆୟୁ ବୃଦ୍ଧି, ସୁସ୍ଥ ଶାରୀରିକ ଅବସ୍ଥା ଓ ସାମାଜିକ ମନୋଭାବର ପରିବର୍ତ୍ତନ ପାଇଁ ଗତ କିଛିଦଶନ୍ଧି ଧରି ଲୋକମାନେ ଅଧିକ ଦୀର୍ଘ ଓ ସୁସ୍ଥ ଜୀବନ ବିତାଉଛନ୍ତି। ବୟସର ଗଣନାଠାରୁ କାର୍ଯ୍ୟକ୍ଷମତା ଓ ସକ୍ରିୟତା ଉପରେ ଅଧିକ ଜୋର ଦିଆଯାଉଛି। ୬୦ ବର୍ଷ ପରେ ମଧ୍ୟ ଜୀବନ ସକ୍ରିୟ ଓ ଚଳଚଞ୍ଚଳ ରହିବାର ପ୍ରବୃତ୍ତି ପ୍ରାୟ ଗତ ୨୦ ରୁ ୨୫ ବର୍ଷ ମଧ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଇଛି ଏବଂ ଆଜି ଏହାକୁ ସମାଜ 'ଦ୍ୱିତୀୟ ଯୁବାବସ୍ଥା' ଭାବେ ସ୍ୱୀକାର କରୁଛି। ୧୯୯୦ ଦଶକ ପୂର୍ବରୁ ହାରାହାରି ଆୟୁ ସାଧାରଣତଃ ୬୫-୭୦ ବର୍ଷ ମଧ୍ୟରେ ଥିଲା। ତେଣୁ ୬୦ ବର୍ଷକୁ 'ଶେଷ ଅଧ୍ୟାୟ' ଭାବି ନିଆଯାଉଥିଲା। ୨୦୦୦ ମସିହା ପରେ ଚିକିତ୍ସା, ଖାଦ୍ୟ ଅଭ୍ୟାସ, ସ୍ୱାସ୍ଥ୍ୟ ଓ ସଚେତନତା ବଢ଼ିବା ସହିତ ଜୀବନ ଆୟୁ ୭୫-୮୦ ବର୍ଷ ହୋଇ ଯାଇଛି। ଏହା ଫଳରେ ଲୋକେ ୬୦କୁ 'ବୃଦ୍ଧାବସ୍ଥା' ଭାବେ ନଦେଖି 'ମଧ୍ୟବୟସ' ଭାବେ ଦେଖୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ସଂସ୍ଥାମାନେ ୨୦୦୨ ମସିହାରୁ 'ସକ୍ରିୟ ବାର୍ଦ୍ଧକ୍ୟ'(ଆକ୍ଟିଭ୍ ଏଜିଙ୍ଗ) ଧାରଣାକୁ ଆଧୁନିକ ଭାବେ ଗଭୀରତାର ସହିତ ସ୍ୱୀକାର କରିଛନ୍ତି ଏବଂ ଏହା ପରଠାରୁ ଜଗତରେ ଏକ ନୂଆ ଧାରା ଚାଲିଛି। ୨୦୧୦ ପରେ ଆଧୁନିକ ଜୀବନଶୈଳୀ ଯୋଗୁଁ ଏହି ଧାରଣା ଆହୁରି ବଢ଼ି ଯାଇଛି। ସକ୍ରିୟ ବାର୍ଦ୍ଧକ୍ୟ ହେଉଛି ଜୀବନସାରା ଶାରୀରିକ, ମାନସିକ ଓ ସାମାଜିକ ଭାବରେ ନିୟୋଜିତ ରହିବାର ପ୍ରକ୍ରିୟା, ଯାହା ବୟସ ସହିତ ଜଣଙ୍କର ଜୀବନର ଗୁଣବତ୍ତା ବୃଦ୍ଧି କରେ। ଏହା ସୁସ୍ଥ ଅଭ୍ୟାସ, ନିରନ୍ତର ଶିକ୍ଷା, ସାମାଜିକ ସଂଯୋଗ ଓ ସମାଜରେ ଯୋଗଦାନ କରିବାରେ ସକ୍ଷମ ହେବା ମାଧ୍ୟମରେ ସ୍ୱାସ୍ଥ୍ୟ ଓ ନିରାପତ୍ତା ଭଳି ସୁଯୋଗକୁ ସର୍ବୋତ୍କୃଷ୍ଟ କରିବା ସହିତ ଜଡ଼ିତ। ପୂର୍ବେ ବୟସ ବଢ଼ିଲେ ଲୋକେ ପଛକୁ ଦେଖୁଥିଲେ - ଏପର୍ଯ୍ୟନ୍ତ ମୁଁ କେତେ କଲି। ଆଜିର ମଣିଷ ଆଗକୁ ଦେଖୁଛନ୍ତି - ଏବେ ମୋର ସମୟ ଆସିଲା କିଛି ନୂଆ କରିବାର।

ବୃଦ୍ଧାବସ୍ଥା ବିଜ୍ଞାନୀ(ଜେରୋଣ୍ଟୋଲଜିଷ୍ଟ) ମାନେ ବୟସର ସଂଜ୍ଞାକୁ ସଂକଳିତ ଭାବେ ତିନିଟି ମୁଖ୍ୟ ଶ୍ରେଣୀରେ ବାଣ୍ଟିଛନ୍ତି। ପ୍ରଥମଟି ହେଲା, ଯୁବ-ବୟସ୍କ(ୟଙ୍ଗ ଓଲ୍ଡ), ଯେଉଁମାନଙ୍କ ବୟସ ପ୍ରାୟ ୬୦ ରୁ ୭୪ ବର୍ଷ। ଏମାନେ ଅଧିକାଂଶ ସ୍ୱାସ୍ଥ୍ୟସମ୍ପନ୍ନ, ସ୍ୱାଧୀନ ଓ ସକ୍ରିୟ। ଏହି ବୟସର ଲୋକମାନେ ଅବସର ନେଇ ନୂଆ ରୁଚି, ସେବାକାର୍ଯ୍ୟ କିମ୍ବା ଭ୍ରମଣ ଆଦି କରନ୍ତି। ୨ୟଟି ହେଲା ମଧ୍ୟ-ବୃଦ୍ଧ(ମିଡିଲ୍ ଓଲ୍ଡ), ଯେଉଁମାନଙ୍କର ବୟସ ହାର ପ୍ରାୟ ୭୫ ରୁ ୮୪ ବର୍ଷ। ଏହି ଶ୍ରେଣୀରେ ସ୍ୱାସ୍ଥ୍ୟ ଓ ଶକ୍ତି କିଛିମାତ୍ରାରେ କମିବା ଆରମ୍ଭ କରେ। ସେମାନଙ୍କ କିଛି ଦୈନିକ କାମରେ ସେମାନେ ସହାୟତା ଲୋଡ଼ିଥା'ନ୍ତି, କିନ୍ତୁ ମନୋବଳ ଦୃଢ଼ ଥାଏ। ଏହି ଶ୍ରେଣୀର ଲୋକମାନେ ପରିବାର ଓ ନାତି-ନାତୁଣିଙ୍କ ସହିତ ସମୟ ବିତାନ୍ତି। ତୃତୀୟ ତଥା ଶେଷ ପର୍ଯ୍ୟାୟ ହେଲା ପ୍ରବୃଦ୍ଧ ବୃଦ୍ଧ(ଓଲ୍ଡ ଓଲ୍ଡ), ଯେଉଁମାନଙ୍କର ବୟସ ୮୫ ବର୍ଷ ଓ ତଦୂର୍ଦ୍ଧ୍ୱ। ଏମାନଙ୍କଠାରେ ଅଧିକ ସ୍ୱାସ୍ଥ୍ୟ ଜଟିଳତା, ଶାରୀରିକ ଦୁର୍ବଳତା ଏବଂ ସେବା ଆବଶ୍ୟକତା ଥାଏ, କିନ୍ତୁ ଅନେକେ ମନୋବଳ, ଆସ୍ଥା ଓ ଅନୁଭବରେ ସମୃଦ୍ଧ ଥା'ନ୍ତି।

ଏଣୁ ୬୦ ପର ଜୀବନକୁ 'ପତନର ଅବଧି' ଭାବେ ନୁହେଁ ବରଂ ଏକ 'ନୂଆ ଆରମ୍ଭ' ଭାବେ ଉପଲବ୍ଧି କରିବା ହେଉଛି ଆମ ସାମାଜିକ ମନୋଭାବର ପରିଣାମ। ଆଧୁନିକ ଚିକିତ୍ସା ବିଜ୍ଞାନ ଓ ସ୍ୱାସ୍ଥ୍ୟ ସଚେତନତା ଆଜିର ଲୋକଙ୍କୁ ଦୀର୍ଘ ଓ ସୁସ୍ଥ ଜୀବନ ଦେଇଛି। ନିୟମିତ ଅଭ୍ୟାସ, ସଠିକ ଖାଦ୍ୟ, ଯୋଗ ଓ ଧ୍ୟାନ ଆଜି ଜୀବନର ଅଂଶ ହୋଇଛି। ଏହା ଦେହ ଓ ମନକୁ ଯୁବସୁଲଭ ରଖୁଛି। ସେଥିପାଇଁ ଆଗ ତୁଳନାରେ ଆଜି ଲୋକମାନେ ଅଧିକ ଦିନ ବଞ୍ଚୁଛନ୍ତି ଏବଂ ଅଧିକ ସୁସ୍ଥ ଅଟନ୍ତି।

ପୂର୍ବରୁ ବୃଦ୍ଧ ଲୋକମାନଙ୍କୁ ଦୁର୍ବଳ, ନିଷ୍କ୍ରିୟ ଓ ବୋଝ ବୋଲି ମନେ କରା ଯାଉଥିଲା। କିନ୍ତୁ ଆଜି ସେହି ଧାରଣାକୁ ଆଧୁନିକ ବୃଦ୍ଧ ପିଢ଼ି ଭାଙ୍ଗି ଦେଇଛନ୍ତି। ଅନେକେ ୬୦ ପରେ ମଧ୍ୟ ପାହାଡ଼ ଚଢ଼ୁଛନ୍ତି, ଭ୍ରମଣ କରୁଛନ୍ତି, ସାଇକେଲ ଚଳାଉଛନ୍ତି, ଯାହା ଏକ ସକାରାତ୍ମକ ସନ୍ଦେଶ ଦେଉଛି ଯେ ବୟସ କେବଳ ଏକ ସଂଖ୍ୟା ମାତ୍ର। ଯେକୋଣସି ବୟସରେ ମଣିଷ ସ୍ୱପ୍ନ ଦେଖିପାରେ, ସକ୍ରିୟ ରହିପାରେ, ପ୍ରେମ କରିପାରେ, ଶିଖିପାରେ ଓ ନିଜକୁ ଉନ୍ନତ କରିପାରେ। ●

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# କାଗଜ କପ ସ୍ୱାସ୍ଥ୍ୟ ପ୍ରତି ବିପଦ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଚା ପିଇବା ପାଇଁ ଆଗେ ବ୍ୟବହାର କରାଯାଉଥିଲା ଚାଇନାମାଟି ବା ସେରାମିକ୍ ତିଆରି କପ୍ କିମ୍ବା କାଚ ଗ୍ଲାସ। କିନ୍ତୁ ବର୍ତ୍ତମାନର 'ବ୍ୟବହାର କର ଏବଂ ଫିଙ୍ଗିଦିଅ' ଯୁଗରେ ସେଗୁଡ଼ିକର ଚାହିଦା କମିଯାଇଛି, ବିଶେଷ କରି, ଚା' ଦୋକାନ, ହୋଟେଲ ଆଦିରେ। ଏବେ ଏହାର ସ୍ଥାନ ନେଇଛି ମୁଖ୍ୟତଃ କାଗଜ ତିଆରି କପ, ଥରେ ବ୍ୟବହାର କଲା ପରେ ଏହି ଶସ୍ତା ଜିନିଷଗୁଡ଼ିକୁ ଫିଙ୍ଗିଦିଆଯାଉଛି। ଅତଏବ ତାହାକୁ ପୁନଃ ବ୍ୟବହାର ପାଇଁ ପରିଷ୍କାର କରି ସାଇତିବା ଦରକାର ପଡୁନାହିଁ। ତେବେ ଏଗୁଡ଼ିକ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଲାଣି।




କାଗଜ ତିଆରି କପ୍‌ରେ ଚା' କିମ୍ବା କଫି ଆଦି ଗରମ ତରଳ ପଦାର୍ଥ ଭରିଲେ ତାହା ଭିଜି ନଯିବା ପାଇଁ ସେଥିରେ ଦିଆଯାଇଥାଏ 'ପଲିଇଥିଲିନ୍' (Polyethylene) ନାମକ ଏକ ପ୍ଲାଷ୍ଟିକ ବୋଳା। ବୈଜ୍ଞାନିକମାନଙ୍କ ମତରେ ଏହି ଉଷ୍ମ ପାନୀୟଗୁଡ଼ିକ ତାହାର କ୍ଷୟ ଘଟାଇ ସୂକ୍ଷ୍ମପ୍ଲାଷ୍ଟିକ୍ କଣିକା (Microplastic) ଏବଂ ବାଇ ଫିନାଇଲ୍ – ଏ (Biphenef A) ପର୍‌ଫ୍ଲୋରୋଆଲ୍‌କାଇଲ-ପଲିଫ୍ଲୋରୋ ଆଲ୍‌କାଇଲ୍ ପଦାର୍ଥ' (Perflyroalysys – polyfloro alkye substances) ଥାଲେଟ୍ (Phthalo-e) ଆଦି ବିଷାକ୍ତ ରସାୟନମାନ ଉତ୍ପନ୍ନ କରିଥା'ନ୍ତି। ଏହା ଆମ ଶରୀର ମଧ୍ୟକୁ ପ୍ରବେଶ କରି ସେଠାରେ ଜମା ହେବାକୁ ଲାଗନ୍ତି ଏବଂ ହର୍‌ମୋନୀୟ ବିଶୃଙ୍ଖଳା, ବନ୍ଧ୍ୟାତ୍ୱ, ଉଚ୍ଚ ରକ୍ତଚାପ, ଚୟାପଚୟ ବିଶୃଙ୍ଖଳା, ଏପରିକି କର୍କଟ ରୋଗର ମଧ୍ୟ ଆଶଙ୍କା ବୃଦ୍ଧି କରିନ୍ତି। ଏପରିସ୍ଥଳେ, ଏହାର ବ୍ୟବହାର ଯେତେଦୂର ସମ୍ଭବ ନ କରିବା ଭଲ।

ଖଡଗପୁରସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର' ସିଭିଲ୍ ଇଂଜିୟରିଂ ବିଭାଗର ପ୍ରଫେସର ଡକ୍ଟର ସୁଧା ଗୋଏଲ୍ ଓ ଏନ୍‌ଭାର୍ଣ୍ଣମେଣ୍ଟାଲ୍ ଇଂଜିନିୟରିଂ ଏଣ୍ଡ ମ୍ୟାନେଜ୍‌ମେଣ୍ଟ ବିଭାଗର ଗବେଷକ ବେଦ ପ୍ରକାଶ ଓ ଅନୁଜା ଯୋଶେଫ୍ ଆଦିଙ୍କ ଅଧ୍ୟୟନରୁ ଜଣାପଡ଼ିଛି ଯେ କାଗଜ ତିଆରି କପ୍‌ରେ ଚା' ପିଇଲେ ୧୫ ମିନିଟ୍ ମଧ୍ୟରେ ଏହାର ୧୦୦ ମିଲିଲିଟରରେ ୨୫୦୦୦ ପର୍ଯ୍ୟନ୍ତ ସୂକ୍ଷ୍ମପ୍ଲାଷ୍ଟିକ୍ କଣିକା ସୃଷ୍ଟି ହୁଅନ୍ତି। ଏଗୁଡ଼ିକ ରକ୍ତସ୍ରୋତ ଦେଇ ବିଭିନ୍ନ ଅଙ୍ଗ ନିକଟରେ ପହଞ୍ଚିଯାଆନ୍ତି।

ପ୍ରଫେସର ଗୋଏଲ୍‌ଙ୍କ କହିବା ଅନୁସାରେ ଏବର ପ୍ରାୟ ୨୫୦୦୦ ମାଇକ୍ରନ (୧୦ ମାଇକ୍ରୋ ମିଟରରୁ ୧୦୦ ମାଇକ୍ରୋମିଟର) ଆକୃତିର ସୂକ୍ଷ୍ମକଣିକାଗୁଡ଼ିକ ପଲିଇଥିଲିନ୍‌ରୁ ସୃଷ୍ଟି ହୁଅନ୍ତି ୮୫ ରୁ ୯୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ। ଏଣୁ ଆମେ ଦିନକୁ ପ୍ଲାଷ୍ଟିକ ବୋଳାଦିଆ କାଗଜ କପ୍‌ରେ ଚା' ବା କଫି ପିଇଲେ ଉକ୍ତ କଣିକାରୁ ପ୍ରାୟ ୭୫୦୦୦ ସୂକ୍ଷ୍ମକଣିତା ଆମ ଶରୀର ମଧ୍ୟକୁ ପ୍ରବେଶ କରନ୍ତି।

ଏସବୁ ଦୃଷ୍ଟିରୁ ବିଚାର କଲେ ଏପ୍ରକାର କାଗଜ ତିଆରି କପ୍ ସର୍ବଥା ବର୍ଜନୀୟ ବୋଲି ମତ ଦିଅନ୍ତି ସେଠାରେ ନିର୍ଦ୍ଦେଶକ ଥିବା ପ୍ରଫେସର ବୀରେନ୍ଦ୍ର କିଶୋର ତିୱାରୀ। ଅତଏବ ଏହା ବଦଳରେ ପାରମ୍ପରିକ ତଥା ବହୁବାର ବ୍ୟବହାରକ୍ଷମ ସେରାମିକ୍, କାଚ ବା ଷ୍ଟୋନ୍‌ଲେସ୍ ଷ୍ଟିଲ ଆଦି କପ୍‌ରେ ଚା', କଫି, ସୁପ୍ କିମ୍ବା ଅନ୍ୟ କୌଣସି ଉଷ୍ମ ପାନୀୟ ପିଇବା ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ନିରାପଦ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଜନଗର ମହିଳା ବିଡିଓଙ୍କୁ ବିଜେପି ନେତା ଓ କର୍ମୀଙ୍କ ଆକ୍ରମଣ ଘଟଣା

# ଗିରଫଦାରୀ ଦାବିରେ ଡିଜିପିଙ୍କୁ ବିଜେଡିର ଦାବିପତ୍ର



କଟକ,୫ ।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ମହିଳା ବିଡିଓ ତିଲୋତ୍ତମା ପୃଷ୍ଟିଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଭିତରେ ପଶି ବିଜେପି ନେତା ଲଳିତ କୁମାର ବେହେରା ଏବଂ ଦଳୀୟ କର୍ମୀମାନେ ଆକ୍ରମଣ କରିବା ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ। ଏହି ଘଟଣାରେ ଏତଲା ପଞ୍ଜୀକରଣ ସହ ଶ୍ରୀ ବେହେରାଙ୍କ ସମେତ ସିସିଟିଭି ଫୁଟେଜ୍‌ରେ ଦେଖାଯାଉଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ ଓ ଗିରଫ କରିବା ପାଇଁ ବିଜେଡି ଦାବି କରିଛି।

ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡିଜିପି ୱାଇ.ବି ଖୁରାନିଆଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଇନଶୃଙ୍ଖଳା ଏଡିଜି ସଂଜୟ କୁମାରଙ୍କୁ ଭେଟି ବିଜେଡି ପ୍ରତିନିଧି ଦଳ ଏହି ଦାବିପତ୍ର ପ୍ରଦାନ କରିବା ସହ ଉପରୋକ୍ତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ବାରମ୍ବାର ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ କେବଳ ବ୍ୟକ୍ତିଗତ ଆପରାଧିକ କାର୍ଯ୍ୟ ନୁହେଁ, ବରଂ ଆଇନ ଉପରେ ସିଧା ଆକ୍ରମଣ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ପ୍ରକାଶଥାଉକି ଗତ ୩ ତାରିଖରେ ରାଜନଗର ବିଧାନସଭାର ବିଜେପି ପ୍ରାର୍ଥୀ ଶ୍ରୀ ବେହେରାଙ୍କ ନେତୃତ୍ୱରେ ୩୦-୪୦ରୁ ଅଧିକ ବିଜେପି କର୍ମୀ ବଳପୂର୍ବକ ବିଡିଓଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି ସରକାରୀ କାର୍ଯ୍ୟରେ ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ଚାପ ପକାଇଥିଲେ। ସମ୍ପୃକ୍ତ ମହିଳା ବିଡିଓ ଏଭଳି ବେଆଇନ କାର୍ଯ୍ୟ କରିବାକୁ ମନା କରିବାରୁ ଶ୍ରୀ ବେହେରା ଉତ୍‌କ୍ଷିପ୍ତ ହୋଇ ଟେବୁଲରୁ କମ୍ପ୍ୟୁଟର୍ ଉଠାଇ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ଏବଂ ଅନ୍ୟ ବିଜେପି କର୍ମୀମାନେ ମଧ୍ୟ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହୋଇଛି। ବରିଷ୍ଠ ନେତା ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱରେ ଏହି ପ୍ରତିନିଧିଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ରାଜନଗର ବିଧାୟକ ଧ୍ରୁବ ସାହୁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀ, ପ୍ରିୟବ୍ରତ ମାଝୀ, ପ୍ରଫୁଲ୍ଲ ସିଂହ, ମଧୁସୂଦନ ସାହୁ, ସୟଦ ଏକାମ୍ର ହୁସେନ, ମହମ୍ମଦ ସକିଲ, ପୂର୍ବତନ ମେୟର୍ ଅନୀତା ବେହେରା, ପ୍ରଫୁଲ୍ଲ ବେହେରା, ସ୍ମୃତିରଂଜନ ନାୟକ ପ୍ରମୁଖ ବିଜେଡି ନେତୃବୃନ୍ଦ ଯୋଗ ଦେଇଥିଲେ।

## ଶ୍ରୀନଅରରେ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ

ପୁରୀ, ୫।୧(ସମିସ): ପୁଷ୍ୟା ନକ୍ଷତ୍ରଯୋଗରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ଶ୍ରୀନଅରଠାରେ ସୋମବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଏଥିରେ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟି ପୂଜା ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଏବଂ ମହାରାଣୀଙ୍କ ବନ୍ଦାପନା ପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହ ଆଶୀର୍ବାଦ ଦେଇଥିଲେ। ବିଜେ କାହାଳୀ, ତେଲିଙ୍ଗି ବାଜା ଓ ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଥିଲା। ଏ ସମ୍ପର୍କରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ। ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ। ଏହାପରେ ଅଭିଷେକ ନୀତି ସମ୍ପନ୍ନ ହୁଏ। ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ। ଗଜପତି ଗାଦି ଘରକୁ ବିଜେ କରନ୍ତି। ଷୋଳଶାସନ ବ୍ରାହ୍ମଣମାନେ ଆଣିଥିବା ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥା'ନ୍ତି। ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥା'ନ୍ତି।

## ସିଆର୍‌ଆର୍‌ଆଇ ଥାନା ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, ୫ ।୧(ସମିସ): ମଦ ଦୋକାନୀଙ୍କଠାରୁ ଲାଞ୍ଚ ନେବା କଟକ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକଙ୍କୁ ମହଙ୍ଗା ପଡ଼ିଛି। ଗତକାଲି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବେଳେ ଆଜି ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି ପୁଲିସ ଡିଜି। କେବଳ ନିଲମ୍ବନ କରିନାହାନ୍ତି, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ପ୍ରୋସିଡିଂ) ନେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ଶ୍ରୀ ବାରିକ ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ ରହିବେ। ସୁରୁଖୁରୁରେ ବ୍ୟବସାୟ ଚଳାଇବା ପାଇଁ ସଂପୃକ୍ତ ଥାନା ଅଞ୍ଚଳର ଥିବା ଜଣେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କୁ ଶ୍ରୀ ବାରିକ ଲାଞ୍ଚ ଟଙ୍କା ମାଗିଥିଲେ। ରବିବାର ସକାଳୁ ରାଜମହଲ ଛକରେ ୪୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ପରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ୟୁନିଟ୍-୧ସ୍ଥିତ ସରକାରୀ କ୍ୱାର୍ଟର୍ ସମେତ ବିଭିନ୍ନ ଠିକଣାରେ ଚଢ଼ଉ କରି ୪ଲକ୍ଷ ୯୬ ହଜାର, ଦାମୀ ଘଣ୍ଟା, ଶିଶୁପାଳଗଡ଼ରେ ୩ ମହଲା କୋଠା, କେନ୍ଦ୍ରାପଡ଼ା ଡେରାବିଶସ୍ଥିତ ପୈତୃକ ଗାଁରେ ୨ ମହଲା କୋଠା ଠାବ କରିଥିଲା। ପରେ ବିଜୟଙ୍କୁ ଗିରଫ କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗ୍ରେଟର ନୋଏଡ଼ା...

ଯକୃତ ଭଳି ଜଟିଳ ରୋଗର ଶୀଘ୍ର ଚିହ୍ନଟ କରାଯାଇପାରିବ। ଏହି କେନ୍ଦ୍ରରେ ଥିବା ଏଆଇ ଟୁଲ୍ ଏକ୍ସରେ, ଅଲ୍‌ଟ୍ରାସାଉଣ୍ଡ, ସିଟି ସ୍କାନ, ଏମଆରଆଇ ରିପୋର୍ଟ, ଲାବୋରାଟୋରୀ ଇନଭେଷ୍ଟିଗେସନରେ ଡାକ୍ତରଙ୍କୁ ସହାୟତା କରିବ। ସରକାରୀ ହସ୍ପିଟାଲରେ ଡାକ୍ତର ଏବଂ ରୋଗୀଙ୍କୁ ସିଧାସଳଖ ଏଆଇ-ଆଧାରିତ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି କ୍ଲିନିକର ଉଦ୍ଦେଶ୍ୟ।

ଏହି ଅବସରରେ ଜିଆଇଏମଏସ ନିର୍ଦ୍ଦେଶକ ତଥା ପ୍ରଫେସର ଏବଂ ଶିଶୁ ରୋଗ ବିଶେଷଜ୍ଞ ଡ. ରାକେଶ କୁମାର ଗୁପ୍ତା କହିଛନ୍ତି ଯେ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଏହା ନୂତନ ସୁଯୋଗ ଏବଂ ପ୍ରବେଶ ପ୍ରଦାନ କରିବ । ସେ ଏହାକୁ ସମୟର ଆବଶ୍ୟକତା ବୋଲି ଉଲ୍ଲେଖ କରିଥିଲେ। ଏହି କ୍ଲିନିକ ସ୍ୱାସ୍ଥ୍ୟସେବା ସମାଧାନ କ୍ଷେତ୍ରରେ ଦେଶରେ ଏକ ପ୍ରମୁଖ ଜାତୀୟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଏହି ଉଦଘାଟନୀ ସମାରୋହରେ ଦେଶ ଓ ବିଦେଶରୁ ପ୍ରାୟ ଶହେରୁ ଅଧିକ ବିଶେଷଜ୍ଞ ସାମିଲ ହୋଇଥିଲେ।

### ଇନ୍‌ଷ୍ଟାଗ୍ରାମରେ ସେକ୍ସ...

ପୁଲିସ ଏହା ଖବର ନ ପାଇବ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସୂଚନା ଅନୁଯାୟୀ, ଇନଷ୍ଟାରେ ସିମରନ ଲୁବାନିଙ୍କ ନାମରେ ଏକ ପେଜ ରହିଛି। ଏଠାରେ ପଞ୍ଜାବନ ଦୁଗରି ଚୌକ କୋଠାର ଠିକଣା ରହିଛି। ଏଥିରେ ସବୁ ଭିଡିଓ ପୋଷ୍ଟ କରାଯାଉଛି। ଏହି ପେଜ୍‌ରେ ଅନେକ ଯୁବତୀ ନିଜର ଅଶ୍ଳୀଳ ଭିଡିଓ କରି ଅପଲୋଡ କରିଛନ୍ତି। ଗ୍ରାହକଙ୍କୁ ଟାଣିବା ପାଇଁ ଏନଆରଆଇ ଭାବି ନାମରେ ମଧ୍ୟ ରିଲ୍ ରହିଛି। ଆଉ କିଛି ପୋଷ୍ଟରେ ଆପତ୍ତିଜନକ ଭାଷା ବ୍ୟବହାର କରାଯାଇଛି। ରିଲ୍ ମାଧ୍ୟମରେ ଦର ମଧ୍ୟ ଜଣାଇ ଦିଆଯାଉଛି। ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଣି କୋଠାକୁ ଆସିବାକୁ କୁହାଯାଉଛି। ଆଗ୍ରହୀ ବ୍ୟକ୍ତିଙ୍କୁ ମେସେଜ କରି କେଉଁ ଅଞ୍ଚଳରେ ଯୁବତୀ ଦରକାର ବୋଲି ପଚରା ଯାଉଛି। ପରେ ଏକ ଲିଙ୍କ ଦିଆଯାଉଛି। ଏଥିରେ ୩୦ ହଜାର ଭିଡିଓ ଏବଂ ୨୨ ହଜାର ଫଟୋ ଥିବା ଦାବି କରାଯାଇଛି।

### ସାରା ରାଜ୍ୟରେ...

ଧାନ ପରିବହନ ବାବଦକୁ କୁଇଣ୍ଟାଲ ପିଛା ୪୩ ପଇସା ମିଳୁଥିଲା; ମାତ୍ର ଏବେ ଏହାକୁ ୨୮ ପଇସାକୁ କମାଇ ଦିଆଯାଇଛି। ପୂର୍ବରୁ ଅରୁଆ ଚାଉଳ କରୁଥିବା ମିଲ୍‌ଗୁଡ଼ିକୁ ୧ ପ୍ରତିଶତ ସୁକ୍ତି ମିଳୁଥିଲା। ହେଲେ ରାଜ୍ୟ ସରକାର ଏହାକୁ ୦.୦୭ ପ୍ରତିଶତକୁ ଖସାଇ ଦେଇଛନ୍ତି। ସେହିପରି ପରିବହନ ଖର୍ଚ୍ଚ ମଧ୍ୟ ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ହ୍ରାସ କରି ଦିଆଯାଇଛି।

ମିଲର୍ସ ଆସୋସିଏସନ ସଭାପତି ମହେଶ ବଂଶଲ କହିଛନ୍ତି, ସରକାରୀ ସ୍ତରରେ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ସମସ୍ତ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ରହିବ। ପୂର୍ବରୁ ନଭେମ୍ବର ଓ ଡିସେମ୍ବରରେ ମୌଖିକ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ୫ ସପ୍ତାହ ବିତିଯାଇଥିଲେ ମଧ୍ୟ କୌଣସି ସରକାରୀ ଆଦେଶନାମା ଜାରି କରାଯାଇ ନାହିଁ। ତେଣୁ ସଂଘ ବାଧ ହୋଇ ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

ଅପରପକ୍ଷରେ ଖାଦ୍ୟ ଯୋଗାଣ ବିଭାଗ କହିଛି ଯେ ସେମାନେ ମିଲରଙ୍କ ଦାବି ସମ୍ପର୍କରେ ଅବଗତ ଅଛନ୍ତି। ଏହାର ସମାଧାନ ପାଇଁ ଅଧିକ ସମୟ ମାଗିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ଯେପରି ପ୍ରଭାବିତ ନ ହେବ, ସେଥିପାଇଁ ବିଭାଗ ଚେଷ୍ଟା କରୁଛି। ଅନ୍ୟପଟେ ମିଲରଙ୍କ ଏହି ନିଷ୍ପତ୍ତି ଯୋଗୁଁ ବର୍ତ୍ତମାନ ବିଶେଷକରି ପଶ୍ଚିମ ଓଡ଼ିଶାର ଜିଲାଗୁଡ଼ିକରେ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି। ସରକାରୀ ଭାବେ ଧାନ ରଖିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଚାଷୀ ଏବେ ଅନେକ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ଦେଖାଦେଇଛି।

### ୨ ଘଣ୍ଟା ଅଚଳ...

୯ଟାରୁ ୧୧ଟା ଯାଏଁ ରାଜ୍ୟବ୍ୟାପୀ ସରକାରୀ ହସ୍ପିଟାଲରେ ଓପିଡି ସେବାରେ ଡାକ୍ତରମାନେ ଯୋଗ ଦେଇନଥିବାରୁ ହସ୍ପିଟାଲରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ ବି ରୋଗୀମାନେ ଚିକିତ୍ସା ନପାଇ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ସରକାର ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ଅପରପକ୍ଷେ ଓମସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ଆମ ନ୍ୟାଯ୍ୟ ଦାବି ପୂରଣ ନେଇ ସରକକାର କୌଣସି ଆନ୍ତରକିତା ପ୍ରଦର୍ଶନ କରୁ ନାହାନ୍ତି। କେବଳ ଏକ ସଚିବ ସ୍ତରୀୟ କମିଟି ଗଠନ କରିଦେଇ ସରକାର ନିରବ ବସି ଯାଇଛନ୍ତି। ଆମ ଦାବି ନ ଶୁଣାଯିବା ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିବ। ଏହାସହ ଆଗାମୀ ଦିନରେ ଆମେ ସମୂହ ଇସ୍ତଫା ଦେବା ନେଇ ଯୋଜନା କରିଛୁ। ଏନେଇ ଜିଲ୍ଲାସ୍ତରରୁ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କଠାରୁ ନିର୍ଦ୍ଦିଷ୍ଟ ସମ୍ମତିପତ୍ର ଏକତ୍ର କରୁଛୁ। ୩୦ଟି ଯାକ ଜିଲ୍ଲାର ଫର୍ମ ଆମ ନିକଟରେ ପହଞ୍ଚିବା ପରେ ଆମେ ତାକୁ ସରକାରଙ୍କୁ ପ୍ରଦାନ କରିବା ନେଇ ଚରମ ପଦକ୍ଷେପ ନେବୁ ବୋଲି ସେ 'ସକାଳ'କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଆମକୁ ଆଲୋଚନାକୁ ଡାକିଲେ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଅପରପକ୍ଷେ ସରକାର ଯଦି ଦାବି ନ ଶୁଣନ୍ତି ତାହେଲେ, ୧୫ତାରିଖରୁ ସକାଳେ ୨ ଘଣ୍ଟା ଓ ଉପରବେଳା ସମ୍ପୂର୍ଣ୍ଣ ଓପିଡି ବନ୍ଦ କରାଯିବ। କେବଳ ଜରୁରିକାଳୀନ ସେବା ଜାରି ରହିବ। ଏହାପରେ ୨୭ରୁ ସମ୍ପୂର୍ଣ ଭାବେ ଓପିଡି ସେବା ବନ୍ଦ କରିବାକୁ ସଂଘ ବିଚାର କରୁଥିବା ଜଣାପଡ଼ିଛି।

ଏପଟେ ଡାକ୍ତରଙ୍କ ଆନ୍ଦୋଳନ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ଓମ୍‌ସାର ଦାବିକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏଥିପାଇଁ ଏକ ସଚିବସ୍ତରୀୟ କମିଟି ଗଠନ ହୋଇଥିବା ବେଳେ ଏହାର ପ୍ରଥମ ବୈଠକ ସରିଲାଣି। ଡାକ୍ତର ସଂଘର ଦାବିଗୁଡ଼ିକ ମଧ୍ୟରୁ ୨ଟି ଦାବି ପୂରଣ ନେଇ ସରକାର ମାନି ନେଇ ସାରିଛନ୍ତି। ସମସ୍ତ ସମସ୍ୟା ଆଲୋଚନା ମାଧ୍ୟମରେ ସମାଧାନ ହେବ। ରୋଗୀ ସେବାରେ ଡାକ୍ତରମାନଙ୍କର ଗୁରୁ ଦାୟିତ୍ୱ ରହିଛି। ରୋଗୀଙ୍କ ପାଇଁ ଡାକ୍ତର ଭଗବାନ ସଦୃଶ। ତେଣୁ ନିଜ ବୃତ୍ତିକୁ ସମ୍ମାନ ଜଣାଇ ଡାକ୍ତରମାନେ ରୋଗୀସେବାରେ ଯୋଗ ଦିଅନ୍ତୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

### ମକର ଯାଏଁ...

ଉପକୂଳରେ ସାମୟିକ ଭାବେ ଶୀତ କମିବ। ତେବେ ୧୧ରେ ଶୀତ ପୁଣି ଲେଉଟିବ। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ନୟାଗଡ଼, ଢେଙ୍କାନାଳ ଓ ଆଭ୍ୟନ୍ତରୀଣ ଗଞ୍ଜାମରେ କୁହୁଡ଼ି ରହିବ। ଆଭ୍ୟନ୍ତରୀଣ ଜିଲ୍ଲାରେ କିଛି କିଛି ସ୍ଥାନରେ କୁହୁଡ଼ି ରହିବ। ତେବେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ଓ କଟକରେ କୁହୁଡ଼ି ସମ୍ଭାବନା କମ୍ ରହିଛି। ମକର ସଂକ୍ରାନ୍ତି ପରେ ବାୟୁର ଦିଗ ପରିବର୍ତ୍ତନ ଯୋଗୁଁ ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର ସମେତ ଦକ୍ଷିଣ ଉପକୂଳ ଅଞ୍ଚଳରେ ଶୀତ କମିବ। ମୋଟାମୋଟି ଭାବେ ଆଗକୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟରେ ପ୍ରାୟ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ଏହା ଫଳରେ ଶୀତ ବଢ଼ିବ। ଅନ୍ୟପଟେ ଶୀତର ପ୍ରଭାବ ବଢ଼ିବା ସହ କୁହୁଡ଼ି ପ୍ରଭାବ ହ୍ରାସ ପାଇବ। ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ମଧ୍ୟରେ ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, କଟକ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ନେଇ ଆଶଙ୍କା କରାଯାଇଥିବା ବେଳେ ଏହା ପରେ କୁହୁଡ଼ି କମିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ା ୮.୮, ରାଉରକେଲା ୯, ସେମିଳିଗୁଡ଼ାଠାରେ ତାପମାତ୍ରା ୯.୪, ଜି ଉଦୟଗିରି ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

### ସନ୍ଧ୍ୟା ୬ରୁ...

(ସିପିସିବି)ର ରିପୋର୍ଟ ଅନୁସାରେ ବାଲେଶ୍ୱର ଦେଶର ସବୁଠୁ ପ୍ରଦୂଷିତ ସହର ତାଲିକାରେ ଏକ ନମ୍ବରରେ ରହିଛି। ଏପରିକି, ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ରେ ଦିଲ୍ଲୀକୁ ବି ବାଲେଶ୍ୱର ପଛରେ ପକାଇ ଦେଇଛି। ଜିଲ୍ଲାରେ ସଡ଼କ କାମ ଜନିତ ଧୂଳି, କଳକାରଖାନା, ବେଆଇନ ଇଟାଭାଟି ଆଦି ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ତେଣୁ, ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସ୍‌ଏସ୍) ଧାରା ୧୬୩ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷେଧାତ୍ମକ ପଦକ୍ଷେପ ନିଆଯାଇଛି।

ତଦନୁଯାୟୀ, ବାଲେଶ୍ୱର ଓ ନୀଳଗିରି ଉପ-ଜିଲ୍ଲାପାଳ ଏବଂ ବାଲେଶ୍ୱର ଆର୍‌ଟିଓ ପକ୍ଷରୁ କୋଇଲା, ଲଘୁ ଓ ଗୁରୁ ଖଣିଜ ଏବଂ ଫ୍ଲାଏଆସ୍ ଟ୍ରକ୍‌ମାନଙ୍କର ଦିନରେ ଚଳାଚଳ ଉପରେ ପୃଥକ ନିୟନ୍ତ୍ରଣ ଜାରି କରାଯିବ। ଏଥିସହିତ ବିନା ତାର୍ପୋଲିନ୍ ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ ଓ ଅନ୍ୟାନ୍ୟ ରାସ୍ତାରେ ଚଳାଚଳକୁ ଅନୁମତି ମିଳିବ ନାହିଁ। ଯଥୋଚିତ ଅନୁମତି ବିନା କୌଣସି ଇଟାଭାଟି ଚାଲିବ ନାହିଁ। ଏନ୍‌ଏଚ୍‌ଏଆଇ ଏବଂ ଜାତୀୟ ରାଜପଥ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମସ୍ତ ନିର୍ମାଣସ୍ଥଳରେ ନିୟମିତ ପାଣି ସିଞ୍ଚନକୁ ସୁନିଶ୍ଚିତ କରିବେ। ପୁଲିସ, ପୌରପାଳିକା/ ୟୁଏଲବି, ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ଏବଂ ଆରଟିଓଙ୍କୁ ଏହି ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ବାଲେଶ୍ୱର ଓ ନୀଳଗିରି ଉପଜିଲ୍ଲାପାଳ ପ୍ରତିଦିନ ନିରୀକ୍ଷଣ କରି ରିପୋର୍ଟ ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରିବେ।

### ଉମର ଖାଲିଦ...

ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଏହି ୫ ଜଣ ହେଲେ ଗୁଲଫିଶା ଫାତିମା, ମୀରନ ହାଇଦର, ସିଫା ଉର ରହେମାନ, ମହମ୍ମଦ ସଲିମ ଖାନ ଏବଂ ସଦବ ଅହମଦ। ଏମାନେ ସମସ୍ତେ ୨୦୨୦ରୁ ଜେଲରେ ଅଛନ୍ତି।

ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ବେଞ୍ଚ ଆଜି ଉପରୋକ୍ତ ଆଦେଶ ଦେଇଛନ୍ତି। ଖାଲିଦ ଓ ଇମାମଙ୍କ ଜାମିନ ଆବେଦନକୁ ଖାରଜ କରି ଖଣ୍ଡପୀଠ କହିଲେ ଯେ ଏହି ଦୁଇ ଜଣଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ। ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବା ଲାଗି ଏମାନେ ଷଡ଼ଯନ୍ତ୍ର କରୁଥିଲେ ବୋଲି ଦିଲ୍ଲୀ ପୁଲିସ ଯେଉଁ ଯୁକ୍ତି ଦର୍ଶାଇଛି, ସେଥିରେ କୋର୍ଟ ସନ୍ତୁଷ୍ଟ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କୁ ଜାମିନ ଦିଆଯାଇ ପାରିବ ନାହିଁ। ଦୀର୍ଘ ଦିନ ହେଲା ବିନା ବିଚାରରେ ଜେଲରେ ଅଛନ୍ତି ବୋଲି ଜାମିନ ପାଇଁ ହକଦାର ନୁହନ୍ତି। ସେମାନଙ୍କ ବିରୋଧରେ ହୋଇଥିବା ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ସମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି କୁହାଯାଇପାରିବ ନାହିଁ।

ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଅନ୍ୟ ୫ ଜଣଙ୍କୁ ଜାମିନ ଦିଆଯାଥିଲେ ମଧ୍ୟ ସେମାନଙ୍କ ବିରୋଧରେ ଥିବା ଅଭିଯୋଗର ଗୁରୁତ୍ୱ ହ୍ରାସ ହୋଇନାହିଁ। ୧୨ଟି ସର୍ତ୍ତ ସହିତ ଏମାନଙ୍କୁ ଜାମିନ ପ୍ରଦାନ କରାଯାଇଛି। ଯଦି ଏହି ସର୍ତ୍ତଗୁଡିକର ଉଲ୍ଲଂଘନ ହୁଏ, ତେବେ ଅଭିଯୁକ୍ତଙ୍କ ଶୁଣାଣି ପରେ ଟ୍ରାଏଲ କୋର୍ଟରେ ଏମାନଙ୍କ ଜାମିନକୁ ପ୍ରତ୍ୟାହାର କରାଯିବ।

କୋର୍ଟଙ୍କ ଏହି ରାୟ ଫଳରେ ଉମର ଓ ଇମାମ ଆଗାମୀ ଏକ ବର୍ଷ ପାଇଁ ଜାମିନ ଆବେଦନ କରିପାରିବେ ନାହିଁ ବୋଲି କୁହାଯାଉଛି। ତେବେ ସେମାନଙ୍କ ମାମଲାରେ ସାକ୍ଷ୍ୟଗ୍ରହଣ ଏକ ବର୍ଷ ପୂର୍ବରୁ ଶେଷ ହେଲେ ସେମାନେ ଜାମିନ ପାଇଁ ଆବେଦନ କରିପାରିବେ ବୋଲି ସୁପ୍ରିମ କୋର୍ଟ କହିଛନ୍ତି।

ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଏମାନଙ୍କୁ ଜାମିନ ଦେବାକୁ ମନା କରିଦେଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ଏହି ଅଭିଯୁକ୍ତମାନେ ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଉମର ଜାମିନ ପାଇଁ ତଳ କୋର୍ଟରୁ ଆରମ୍ଭ କରି ସୁପ୍ରିକୋର୍ଟ ପର୍ଯ୍ୟନ୍ତ ୬ଥର ଆବେଦନ କରିସାରିଛନ୍ତି। ସୂଚନାଯୋଗ୍ୟ ୨୦୨୦ ଫେବୃଆରୀରେ ଦିଲ୍ଲୀ ଦଙ୍ଗା ହୋଇଥିଲା ଓ ଏଥିରେ ୫୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୭୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ୭୫୦ରୁ ଅଧିକ ଏଫ୍‌ଆଇଆର୍ ଦାଏର କରାଯାଇଥିଲା। ପୁଲିସର କହିବା ଅନୁଯାୟୀ ୨୦୨୦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ଅଭିଯୁକ୍ତମାନେ ଦଙ୍ଗା କରିବାକୁ ଚାହିଁଥିଲେ ଓ ଏଥିରେ ସଫଳ ମଧ୍ୟ ହୋଇଥିଲେ। ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାନ ଆଇନ (ଆତଙ୍କବାଦ ବିରୋଧ ଆଇନ ) ଅନୁଯାୟୀ ମାମଲା ଦାୟର କରାଯାଇଥିଲା।

### ମାର୍ଚ୍ଚରେ ଡିଲ୍...

ମାତ୍ର ପୁଣିଥରେ ଅକ୍ଟୋବରରେ ପରୀକ୍ଷା ତାରିଖ ଘୋଷଣା ସହ ପୂର୍ବରୁ ଛାପା ହୋଇଥିବା ପ୍ରଶ୍ନପତ୍ର ଅନୁସାରେ ପରୀକ୍ଷା କରିବାକୁ ସ୍ଥିର ହେବା ପରେ ଦଲାଲଙ୍କ ଆଶା ଉଜ୍ଜୀବିତ ହୋଇଥିଲା। ପୁଣି ଡିଲ୍ ଆରମ୍ଭ ହେବା ସହ ଜୋର୍‌ସୋର୍‌ରେ ଚାକିରି କିଣାବିକା ଚାଲିଥିଲା।

ସୂଚନା ଅନୁସାରେ, ସେପ୍ଟେମ୍ବରରେ ହେବାକୁ ଥିବା ପୁନଃ ପରୀକ୍ଷା ପାଇଁ ସିଲିକନ୍ ଟେକ୍ ଲ୍ୟାବ୍ ଏମଡି ସୁରେଶ ନାୟକ ୫ଟି ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓପିଆର୍‌ବିକୁ ପ୍ରଦାନ କରିଥିଲେ। ଏହାମଧ୍ୟରୁ ଓପିଆର୍‌ବି ୫ ନମ୍ବର ସେଟ୍ ଛାପିବା ପାଇଁ ଅନୁମୋଦନ କରିଥିଲା। ମାତ୍ର ସୁରେଶ ଏଠାରେ ମଧ୍ୟ ଠକ୍କତା କରିଥିଲେ। ଯେହେତୁ ଆଶାୟୀ ପରୀକ୍ଷାର୍ଥୀମାନଙ୍କୁ ସେଟ୍ ନମ୍ବର ୩ ପ୍ରଶ୍ନପତ୍ର ବଣ୍ଟା ସରିଥିଲା, ତେଣୁ ସୁରେଶ ଠକ୍କତା କରି ୫ ନମ୍ବର ସେଟ୍ ପରିବର୍ତ୍ତେ ୩ ନମ୍ବର ସେଟ୍ ଛାପିଥିଲେ। ୫ ନମ୍ବର ସେଟ୍ ଛାପିଥିଲେ ଡିଲ୍ ହୋଇଥିବା ୨୫ ଲକ୍ଷ ଟଙ୍କା ଲେଖାଏଁ ପରୀକ୍ଷାର୍ଥୀଙ୍କୁ ଫେରାଇବାକୁ ପଡ଼ିଥାଆନ୍ତା। ତେଣୁ ସେ ସେଟ୍ ନମ୍ବର ୩କୁ ଛାପିଥିଲେ ଓ ଏହା ହିଁ ପରୀକ୍ଷାରେ ବ୍ୟବହାର କରାଯାଇଥାଆନ୍ତା।

ତେବେ ବିଡ଼ମ୍ବନା ହେଉଛି, ଓପିଆର୍‌ବି ଏହି ଠକ୍କତା ସମ୍ପର୍କରେ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିଲା। ସତରେ ଓପିଆର୍‌ବି ଏ ସମ୍ପର୍କରେ ଅଜ୍ଞ ଥିଲା ନା ଜାଣିଶୁଣି ନିରବ ରହିଥିଲା, ତାହା ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଓପିଆର୍‌ବିର ଏସ୍ ବଳଭଦ୍ର ଦୀପ ଓ ସେକ୍‌ସନ୍ ଅଫିସର ଗୌତମ ପ୍ରସାଦ ବେହେରାଙ୍କୁ ସିବିଆଇ ପକ୍ଷରୁ ପଚରାଉଚରା କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ 'ସକାଳ'ରେ ପ୍ରକାଶ ପାଇଥିବା ପ୍ରତ୍ୟେକଟି ଖବର ସତ୍ୟ ସାବ୍ୟସ୍ତ ହୋଇଛି। ୨୦୨୫ ମାର୍ଚ୍ଚ ୬ରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ବାତିଲ ହୋଇଥିବା ନେଇ ପ୍ରଥମ ଥର ପାଇଁ 'ସକାଳ'ରେ ଖବର ପ୍ରକାଶ ପାଇଥିଲା, ଯାହା ଚାର୍ଜସିଟ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏହାସହ ସେପ୍ଟେମ୍ବରରେ ମଧ୍ୟ 'ସକାଳ'ର ଅନୁସନ୍ଧାନମୂଳକ ରିପୋର୍ଟରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପୁନର୍ବାର ପରୀକ୍ଷା ବାତିଲ ହୋଇଥିଲା। ଚାକିରି ପିଛା ୨୫ଲକ୍ଷର କାରବାର ହୋଇଥିବା ଏଥିରେ ଉଲ୍ଲେଖ ରହିଥିଲା।

**Jana Kalyan Pratisthan**
Land Must, Water Next, Food First for Tribes
Sivananda Nagar, Paralakhemundi, Dist: Gajapati, Odisha
Email: jkpratisthan@gmail.com
Web: www.janakalyanpratisthan.org

**REQUIREMENT**

A male candidate with 10th class (above 60%) is required for NGO as Office Assistant with knowledge and skills of computer operation, MS Office, All files, convertion, internet etc.
All interested candidates may contact: 9437012921

Sd/- Secretary

**ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗଜପତି**

ଆସନ୍ତା ତା. ୦୭.୦୧.୨୦୨୬ ରିଖ ଠାରୁ ତା. ୧୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡିୟମ, ପାରଳାଖେମୁଣ୍ଡି ପରିସରରେ ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ, କୃଷି ଉଦ୍ୟୋଗୀ, ଡିଲରମାନଙ୍କୁ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁରୋଧ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
ଗଜପତି

**AFFIDAVIT**
By virtue of an affidavit sworn before the Executive Magistrate, Cuttack, I, Santosh Kumar Samantaray, resident at Nuagarh, Telengapenth, Ps - Cuttack Sadar, Cuttack have changed my father 's name from Kunja Samantaray to Trilochan Samantaray. Hence afterwards my father 's name will be considered as **Trilochan Samantaray** instead of Kunja Samantaray for all purposes.

**AFFIDAVIT**
I Bijaya Laxmi Pradhan D/o- Ainthi Pradhan,W/o- Gouri Shankar Palai. At-Gopakuda, Post-Maluda, Dist-Puri, Odisha. Ichanged my surname Bijaya Laxmi palai to Bijaya Laxmi Pradhan. Both names same person i.e myself for all Purposes. Affidavit No- 57/03/01/2026

**AFFIDAVIT**
By virtue of an affidavit sworn before the Executive Magistrate, Berhampur, Ganjam on 31.12.2025, I, PADMINI SARABA EPPI, W/o- E. Jayaram Saraba & D/o.- Sundarshan Senapati permanent resident of Prem Nagar, Main Road, Near Shakti Cinema Hall Berhampur, P.S.: Bada Bazar, Dist.- Ganjam, have changed my name from E. PADMINI SARABA to PADMINI SARABA EPPI & correct DOB is 28.08.1977. Henceforth, I shall be known as **PADMINI SARABA EPPI** for all purposes.

**AFFIDAVIT**
I, Simadri Rama Prasad Prusty, S/o- Late Lakshminarayan Prusty Simadri, resident at Mahatmagandhi Road, Aska, Post / PS – Aska, Dist. – Ganjam, Odisha, PIN – 761110, declare by this Affidavit No. 0036 dated 05.01.2026 that now onwards I shall be known as **Ramprasad Prusty Simadri** for all future purpose.

**AFFIDAVIT**
I SANJAY JAIN,S/o Kamal Raj Jain, resident of At- Bell Road, PO-P.R.PETA,/Ps- Jeypore, DT- Koraput - 764003, Odisha declare by this Affidavit No.27 Dated - 05/01/2026,that now onwards I shall be known as **SANJAY KUMAR JAIN** for all future purpose.

**AFFIDAVIT**
By virtue of an affidavit sworn before the Executive Magistrate, Surada, Ganjam, Odisha, I, Meera Nayak, permanent resident of Vill- Bhaliagochha, P.O.- Suramani, P.S.- Surada, Dist.- Ganjam, Odisha, Pin- 761107 have changed the name of my minor daughter from ROSY NAYAK to SRIMAYI NAYAK. Henceforth, she shall be known as **SRIMAYI NAYAK** for all purposes.
**Meera Nayak**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Binaya Kumar Sasmal S/o. Dhoi Sasmal permanent resident of At- Dahipal, Nandigram, Naugaon, Dist- Jagatsinghpur, Odisha, Pin- 754113 have changed my name from Binaya Sasmal to Binaya Kumar Sasmal.Henceforth, I shall be known as Binaya Kumar Sasmal for all purposes.
**Binaya Kumar Sasmal**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Mohita Kumar Mahanta S/o. Late Indramanai Mahanta permanent resident of Vill/P.O.- Gojitangiri, PS- Patna, Dist- Keonjhar, Pin- 758016, Odisha have changed my name from Mohita Kumar Mohanta to Mohita Kumar Mahanta.Henceforth, I shall be known as Mohita Kumar Mahanta for all purposes.
**Mohita Kumar Mahanta**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Rukhshana Siddique W/o. Sk Wazid Siddique permanent resident of At/P.O.- Paramahansa, Via- Biribati, PS- Kandarpur, Dist- Cuttack, Odisha, Pin- 754100 have changed my name from Ruksana Bibi to Rukhshana Siddique.Henceforth, I shall be known as Rukhshana Siddique for all purposes.
**Rukhshana Siddique**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Salim Aziz Kachhi S/o. Late Aziz Dawood Kachhi permanent resident of At-Kesharpur, P.O.- Buxibazar, Dist- Cuttack, Pin- 753001, Odisha have changed my name from Salim Aziz to Salim Aziz Kachhi.Henceforth, I shall be known as Salim Aziz Kachhi for all purposes.
**Salim Aziz Kachhi**

**NOTICE**
By virtue of an affidavit sworn before the Notary Public, Cuttack, dated 19.12.2025, I, Subhadarshini Pattanaik, D/o. Mahendra Chandra Pattanaik permanent resident At-Vyasangar (M), P.O.- Jaipur Road, Dist- Jajpur, Odisha, Pin- 755019 have changed my name from Suradarshani Pattnayak to Subhadarshini Pattanaik. Henceforth, I shall be known as Subhadarshini Pattanaik for all purposes.
**Subhadarshini Pattanaik**

**ସତ୍ୟପାଠ**
ମୁଁ ବର୍ଷା ପ୍ରଧାନ ବୟସ-୨୩ ବର୍ଷ, ପିତା- ପ୍ରଭୁଦତ୍ତ ପ୍ରଧାନ, ନି-ଚୁଡଙ୍ଗସାହି, ମଧୁବନ ଲେନ୍, ପୁରୀ, ହାଲ ନିବାସୀ ଗ୍ରାମ/ପୋ.ଅ, ଥାନା- ରେଢାଖୋଲ, ଜିଲ୍ଲା- ସମ୍ବଲପୁର ସତ୍ୟପାଠ କରୁଅଛି ଯେ ପ୍ରକୃତରେ ମୋର ପିତାଙ୍କ ନାମ ପ୍ରଭୁଦତ୍ତ ପ୍ରଧାନ, ଯାହାକି ଇଂରାଜୀ ସ୍କେଲିଙ୍ଗରେ ତାଙ୍କର ସମସ୍ତ ନଥିପତ୍ରରେ Prabhudatta Pradhan ଉଲ୍ଲେଖ ଅଛି କିନ୍ତୁ ମୋର ଶିକ୍ଷାଗତ ସାର୍ଟିଫିକେଟ, ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଭୋଟର କାର୍ଡ ଇତ୍ୟାଦିରେ Prabhudutta Pradhan ଉଲ୍ଲେଖ ହୋଇଅଛି । ଯେ Prabhudutta Pradhan ଏବଂ Prabhudatta Pradhan ମୋର ପିତାଙ୍କ ନାମ ଅଟେ ଓ ଅନ୍ୟକେହି ନୁହନ୍ତି ।

**ଅସୁରଘାଟିକୁ ପ୍ଲାଷ୍ଟିକ୍‌ମୁକ୍ତ ପର୍ଯ୍ୟଟନସ୍ଥଳୀ ପାଇଁ ତତ୍ପରତା**

# ରାଇରଙ୍ଗପୁର ତହସିଲ ପକ୍ଷରୁ ସ୍ୱଚ୍ଛତା ସଚେତନତା



**ରାଇରଙ୍ଗପୁର, ୫।୧(ସମିସ)**

ସଚେତନତା ଅଭାବରୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବାମନଘାଟି ଉପଖଣ୍ଡର ରାଇରଙ୍ଗପୁର ବ୍ଲକଅନ୍ତର୍ଗତ ଗୋରୁମହିଷାଣୀ ନିକଟସ୍ଥ ଅସୁର ଘାଟି ଜଳପ୍ରପାତରେ ପ୍ଲାଷ୍ଟିକ ଆବର୍ଜନାରେ ଭରିଗଲାଣି। ଯାହାକୁ ନେଇ ରାଇରଙ୍ଗପୁର ତହସିଲ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ପର୍ଯ୍ୟଟନ ସ୍ଥଳୀ ନେଇ ତତ୍ପରତା ପ୍ରକାଶ ପାଇଛି। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଅସୁରଘାଟିରେ ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଗ୍ରାମବାସୀ ଓ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଛି।

ବନ ସବୁଜିମାରେ ଘେରା ଉକ୍ତ ପର୍ଯ୍ୟଟନ ସ୍ଥଳୀକୁ ନୂଆବର୍ଷରେ ବଣଭୋଜି କରିବାକୁ ଅନେକ ଲୋକଙ୍କ ସମାଗମ ହେଉଛି। ତେବେ ସଚେତନତା ଅଭାବରୁ ପ୍ଲାଷ୍ଟିକ ଅଳିଆ ଆବର୍ଜନାରେ ପର୍ଯ୍ୟଟନ ସ୍ଥଳୀଟି ଅସୁନ୍ଦର ଦେଖାଯାଉଛି। ଏହାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ନେଇ ପ୍ଲାଷ୍ଟିକ ମୁକ୍ତ ଘୋଷଣା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ରାଇରଙ୍ଗପୁର ତହସିଲ ପକ୍ଷରୁ କ୍ୟାମ୍ପ କୋର୍ଟ ଜରିଆରେ ଅସୁରଘାଟିର ୩୦ଟି ସ୍ଥାନରେ ପରିବେଶ ଉପଯୋଗୀ ଅସ୍ଥାୟୀ ଡଷ୍ଟବିନ ସ୍ଥାପନ କରାଯାଇଛି। ସମସ୍ତେ ଡଷ୍ଟବିନ ବ୍ୟବହାର କରିବା ସହ ଆଳିଆ ଆବର୍ଜନା ଏଠାରେ ପକାଇବାକୁ ସଚେତନ କରାଯାଇଛି। ଯଦ୍ୱାରା ପର୍ଯ୍ୟଟନ ସ୍ଥଳୀ ପ୍ଲାଷ୍ଟିକ ମୁକ୍ତ ହୋଇପାରିବ। ଏହି ସ୍ଥାନରେ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଡ଼ା ନିଷେଧାଦେଶ ଲାଗୁ ହେବା ସହ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକ ଅଳିଆ ମୁକ୍ତ ପାଇଁ ଯୋଜନା କରାଯାଇଛି।

**୩୦ଟି ସ୍ଥାନରେ ଲାଗିଲା ପରିବେଶ ଉପଯୋଗୀ ଅସ୍ଥାୟୀ ଡଷ୍ଟବିନ୍**

ଆନନ୍ଦ ବାଣ୍ଟନ୍ତୁ, ଅଳିଆ ଆବର୍ଜନା କରନ୍ତୁ ନାହିଁ, ପ୍ରକୃତିପ୍ରେମୀ ହୁଅନ୍ତୁ ବୋଲି ବାର୍ତ୍ତା ଦିଆଯାଇଛି। ସମସ୍ତ ଜନସାଧାରଣଙ୍କୁ ଅଖପାଖ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଓ ଆନନ୍ଦଦାୟକ ପରିବେଶ ବଜାୟ ରଖିବା ପାଇଁ ସଚେତନ କରି ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗ ଏହି ଅଭିଯାନର ଉଦ୍ଦେଶ୍ୟ ହାସଲ କରିବାରେ ସାହାଯ୍ୟ କରିବ ବୋଲି ତହସିଲଦାର ଶ୍ରୀ ବିଶ୍ୱାଳ ମତ ପ୍ରକାଶ କରିଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**କୁଆମରା, ୫।୧(ସମିସ):** ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ଗୋପବନ୍ଧୁ ନଗର ବ୍ଲକ ସାନବେଲାକୁଟି ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡଃ କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ପ୍ରମିଳା ପଣ୍ଡା, ମୁଖ୍ୟବକ୍ତା ରାଗଧା ଏସ୍‌ବି ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଡଃ ଅସୀମା ସାହୁ, ସମ୍ମାନିତ ଅତିଥି ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମହଲା, ଗୋପବନ୍ଧୁନଗର ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ, ପଶୁଦା କ୍ଲଷ୍ଟରର ସିଆରସିସି ଷ୍ଟାଲିନ ଦେ, ସ୍ଥାନୀୟ ସରପଞ୍ଚ ନିମାଇଁ ସୋରେନ, ପ୍ରେସ କ୍ଲବର ଉପସଭାପତି ଚିତ୍ତରଞ୍ଜନ ଦଳେଇ, ସାମ୍ବାଦିକ ଶାନ୍ତନୁ ମଡୁଆଳ, ଉଦଳା କାଉନସିଲର ଶରତ ଦାସ ପ୍ରମୁଖ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ବାର୍ଷିକ ଉତ୍ସବ ମାଧ୍ୟମରେ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସୂର୍ଯ୍ୟକାନ୍ତି ପୁହାଣ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ବଙ୍କିମ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ାର ଦୁଇ ଚାମ୍ପିଅନଙ୍କ ସମେତ ୫୪ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁଜୀ ଦୀପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଣତି ଦାସ, ଭବେନ୍ଦ୍ର ପାତ୍ର, ସୁଜାତା କର, ସୁଦର୍ଶନ ମଳିକ, ସୂର୍ଯ୍ୟସ୍ମିତା ଦାସ, କୈଶଲ୍ୟା ମହଲା, ଜ୍ୟୋତ୍ସ୍ନା ରାୟସିଂହ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ନୂତନ ବ୍ଲକ୍ ଶିକ୍ଷାଧିକାରୀଙ୍କ ଯୋଗଦାନ

**ଶୁଳିଆପଦା, ୫।୧(ସମିସ):** ଶୁଳିଆପଦା ବ୍ଲକର ପୂର୍ବତନ ଶିକ୍ଷା ଅଧିକାରୀ ମାଳତୀ ଟୁଡୁଙ୍କ ଅବସର ପରେ ଆଜି କୁଳିଅଣା ଶିକ୍ଷା ଅଧିକାରୀ ରଶ୍ମିରଞ୍ଜନ ଗିରି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ମାଳତୀ ଟୁଡୁ ଦୀର୍ଘ ୭ ବର୍ଷ ୪ ମାସ ଏହି ବ୍ଲକର ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରିଥିଲେ। ନୂତନ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱ ନେବା ସମୟରେ ଅଫିସର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଯଶିପୁର ଏନ୍‌ଏସି କାର୍ଯ୍ୟାଳୟ ଉଦ୍‌ଘାଟିତ



**ରାଇରଙ୍ଗପୁର, ୫।୧(ସମିସ):** ଯଶିପୁରବାସୀଙ୍କ ବହୁ ଦିନର ଦାବି ପୂରଣ ହୋଇଛି। ଯଶିପୁରକୁ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିବା ପରେ ନୂତନ ଅସ୍ଥାୟୀ କାର୍ଯ୍ୟାଳୟର ଉଦଘାଟନ ହୋଇଛି। ଧୋବାଡିହାସ୍ଥ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପୁରାତନ ସଭାଗୃହରେ ଅସ୍ଥାୟୀ ଏନ୍‌ଏସି କାର୍ଯ୍ୟାଳୟର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ, ଶ୍ରମ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ନୂତନ କାର୍ଯ୍ୟାଳୟ ଗୃହର ଉଦ୍‌ଘାଟନ କରିଛନ୍ତି। ଯଶିପୁରବାସୀଙ୍କ ପାଇଁ ଏହା ଏକ ଐତିହାସିକ ଓ ଗର୍ବର ଦିନ ଅଟେ। ଅସ୍ଥାୟୀ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ଏନଏସି କାର୍ଯ୍ୟାଳୟକୁ କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ଯଶିପୁର ଅଞ୍ଚଳର ସର୍ବାଙ୍ଗୀନ ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ। ଏନଏସି ଅନ୍ତର୍ଭୁକ୍ତ ୪ଟି ପଞ୍ଚାୟତର ରାସ୍ତା, ଆଲୋକୀକରଣ, ସ୍ୱଚ୍ଛତା ଓ ମୌଳିକ ସୁବିଧାର ଉନ୍ନତି ଏବେ ଗୁରୁତର ସହ କାର୍ଯ୍ୟକାରୀ କରାଯିବ। ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯଶିପୁର ବିଡିଓଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଠାରେ ଅସ୍ଥାୟୀ ଭାବେ କାର୍ଯ୍ୟ ଚାଲିବା ପରେ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ହେବା ପରେ ସେଠାକୁ ସ୍ଥାନାନ୍ତରିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ତଥା ଏନ୍‌ଏସି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମାଧବ ବିରୁଆ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ହେମନ୍ତ ନାୟକ, ସମିତି ସଭ୍ୟ ତଥା ଯଶିପୁର ବିକାଶ ମଞ୍ଚ ସମ୍ପାଦକ ସଞ୍ଜିତ ମହାନ୍ତଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଯଶିପୁର ଜନସାଧାରଣ, ବୁଦ୍ଧିଜୀବୀ, ଯୁବ ଗୋଷ୍ଠୀ, ବଣିକ ସଂଘ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ।

# ବାରିପଦାରେ ଆମ୍ଭେ ପଟିସାରିଆ ସମ୍ମିଳନୀ

**ବାରିପଦା, ୫।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ବରସାହି ବ୍ଲକ ଅନ୍ତର୍ଗତ ପଟିସାରୀ ଗ୍ରାମର ବ୍ୟକ୍ତିବିଶେଷଙ୍କ ଗହଣରେ 'ଆମ୍ଭେ ପଟିସାରିଆ' ସମ୍ମିଳନୀର ଦ୍ୱିତୀୟ ବର୍ଷର ଉତ୍ସବ ସ୍ଥାନୀୟ ଷ୍ଟାଡିୟମ ସଭାଗୃହରେ ପାଳିତ ହୋଇଯାଇଛି। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ପ୍ରଫେସର ପ୍ରିୟଦର୍ଶିନୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜର ଅବସରପ୍ରାପ୍ତ ପାଥୋଲଜି ବିଭାଗ ପ୍ରଫେସର ଡା ଚନ୍ଦ୍ରଶେଖର ମହାପାତ୍ର ଓ ସମ୍ମିଳନୀର ସମ୍ପାଦକ ତଥା ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ସୁକାନ୍ତ କୁମାର ଦ୍ୱିବେଦୀ, ଉପସଭାପତି ରାଜେନ୍ଦ୍ର ନାୟକ ଯୋଗ ଦେଇଥିଲେ। ଆମ୍ଭେ ପଟିସାରୀଆ ସମ୍ମିଳନୀର ସମ୍ପାଦକ ଡ. ଦ୍ୱିବେଦୀ ପଟିସାରୀ ଗ୍ରାମର ଇତିହାସ ବିଷୟରେ ସମ୍ୟକ ଜ୍ଞାନ ଓ ସମସ୍ତଙ୍କୁ ଗୋଟିଏ ପରିବାର ସଦସ୍ୟ ରୂପେ ଗ୍ରହଣ କରିବା ସହ ଗ୍ରାମକୁ ଏକତା ସୂତ୍ରରେ ବାନ୍ଧିବା, ମାଟି ଓ ମା'ର ଉନ୍ନତି ପାଇଁ ଧ୍ୟାନ ଦେବା, ସର୍ବୋପରି ପଟିସାରିଆ ପଣର ଭାଇଚାରା, ଆତ୍ମୀୟତା, ଭଲ ପାଇବାର ବନ୍ଧନକୁ ଆହୁରି ସୁଦୃଢ଼ କରି ଏକ ସୁସ୍ଥ ବଳିଷ୍ଠ ସମାଜ, ସମୃଦ୍ଧ ପଟିସାରିଆ ଗଠନରେ ବ୍ରତୀ ହେବାକୁ କହିଥିଲେ। ସ୍ୱତନ୍ତ୍ର ଅତିଥି ପ୍ରଫେସର ଡା: ମହାପାତ୍ରଙ୍କ ଏଭଳି ସମ୍ମିଳନୀ ଆମ ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଉଦାହରଣ ଓ ଜିଲ୍ଲାର ମାନଚିତ୍ରରେ ପଟିସାରୀ ଗ୍ରାମର ମାନ୍ୟତା ଖୁବ୍ ଉଚ୍ଚରେ। ଆଗାମୀ ବର୍ଷରେ ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ସଭାପତି ପ୍ରଫେସର ଆଚାର୍ଯ୍ୟ ପ୍ରତିଭାବାନ ବ୍ୟକ୍ତିବିଶେଷ କିପରି ଜିଲ୍ଲା ଓ ରାଜ୍ୟର ବିଭିନ୍ନ ପଦପଦୀରେ ଉପସ୍ଥାପିତ ହୋଇ ମଧ୍ୟ ନିଜ ଗାଁକୁ ଭୁଲି ନାହାନ୍ତି। ଏ ପ୍ରକାରର ସମ୍ମିଳନୀ ଭବିଷ୍ୟତରେ ମହାଦ୍ରୁମରେ ପରିଣତ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ଉପସଭାପତି ରାଜେନ୍ଦ୍ର ନାୟକ ଉପସ୍ଥିତ ଥିଲେ।



**୩ ଜଣଙ୍କୁ ଶ୍ରେଷ୍ଠ ପଟିସାରିଆ ସମ୍ମାନ**

ସମାଜ କ୍ଷେତ୍ରରେ ଉଲ୍ଲେଖନୀୟ କର୍ମକୁଶଳତା ଓ ଜିଲ୍ଲାରେ ବିବିଧ ସମ୍ମାନଜନକ ପଦପଦବୀରେ ଉତ୍କର୍ଷ କାର୍ଯ୍ୟଦକ୍ଷତା ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁନୀଲ କୁମାର ଦ୍ୱିବେଦୀ, ବଂଶୀଧର ନାୟକ ଓ ଅବସରପ୍ରାପ୍ତ ଯନ୍ତ୍ରୀ ଆଶୁତୋଷ ଆଚାର୍ଯ୍ୟଙ୍କୁ ୨୦୨୬ ପାଇଁ ଶ୍ରେଷ୍ଠ ପଟିସାରିଆ ମାନ୍ୟତା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ମେଧାବୀ ଛାତ୍ର ଅଙ୍କିତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୟୂରଭଞ୍ଜ ସିଟିଜେନ ଫୋରମର ସଭାପତି ପ୍ରଫେସର ପ୍ରଦୀପ୍ତ ପଣ୍ଡା, ଶୋଭନା ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଶାସକ ମାନସୀ ମହାନ୍ତି, ଦେବେନ୍ଦ୍ର ଦ୍ୱିବେଦୀ, ଅଚ୍ୟୁତ ମହାପାତ୍ର, ବୀରକିଶୋର ପରିଡ଼ା, ସଞ୍ଜୀବ ଦ୍ୱିବେଦୀ, ସୁବାସ ଦ୍ୱିବେଦୀ, ଅରବିନ୍ଦ ବେହେରା ଓ ପ୍ରଣତୀ ଆଚାର୍ଯ୍ୟ ପ୍ରମୁଖ ତାଙ୍କର ନୂତନ ପ୍ରସ୍ତାବ ଭବିଷ୍ୟତରେ କାର୍ଯ୍ୟକାରୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶିଳ୍ପପତି ଗିରିଜା ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ପୁଲିସ ଅଫିସର ସଙ୍ଘର ଅଧିବେଶନ

**ବାରିପଦା, ୫।୧(ସମିସ):** ଓଡ଼ିଶା ଅବସରପ୍ରାପ୍ତ ପୁଲିସ ଅଫିସର କଲ୍ୟାଣ ସମିତି ମୟୂରଭଞ୍ଜ ଆନୁକୂଲ୍ୟରେ ସଂଗଠନର ୯୬ତମ ଅଧିବେଶନ ସ୍ଥାନୀୟ ତକତପୁରସ୍ଥ ରୁଚି ଗେଷ୍ଟ ହାଉସରେ ସଭାପତି ଦିଲ୍ଲୀପ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହବାବୁ ବୈଠକ ପରିଚାଳନା କରିବା ସହିତ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ପ୍ରଥମେ ସଂଗଠନର ବରିଷ୍ଠ ସଭ୍ୟ ସବଇନ୍ସପେକ୍ଟର ଲାଲମୋହନ ମହାନ୍ତଙ୍କ ଗତ ୨୭ ତାରିଖରେ ଦେହାନ୍ତ ହୋଇଯାଇଥିବାରୁ ତାଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାଥନା କରାଯାଇଥିଲା। ସଂଗଠନର ବାର୍ଷିକୀ ଅଧିବେଶନ ଓ ବନ୍ଦ ହୋଇଥିବା ରକ୍ତଦାନ ଶିବିର ପୁଣି କିପରି ସଠିକ ମାର୍ଗରେ ଆସନ୍ତା ଫେବୃଆରୀ ମାସରେ କରାଯାଇପାରିବ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଯୁଗ୍ମ ସମ୍ପାଦକ ନବୀନ ଚନ୍ଦ୍ର ବିଶ୍ୱାଳ, ସଭ୍ୟ ଇନ୍ଦ୍ରମଣି ସି, ଦେବେନ୍ଦ୍ର ନାଥ ସି, ସୁନୀଲ ପଟ୍ଟନାୟକ, ଗୟାଧର ବେହେରା, ବସନ୍ତ ପ୍ରଧାନ, ପ୍ରଣକୃଷ୍ଣ ମହାପାତ୍ର, ମନ୍ମଥ ଗିରି, ଲକ୍ଷ୍ମୀଧର ମୁଖୀ, ଶୁକଦେବ ସିଂ, ପ୍ରହ୍ଲାଦ ନାୟକ, ଗୋପୀନାଥ ସାମଲ, ସୁଶାନ୍ତ ପଇଡ ଓ ଦେବଦାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ବାରିପଦା କଲେଜରେ ଅରବିନ୍ଦ ଦାସଙ୍କ ଶୋକସଭା

**ବାରିପଦା, ୫।୧(ସମିସ):** ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧକ୍ଷ ରାଜେଶ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ବାରିପଦା ମହାବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଭାପତି ଅରବିନ୍ଦ ଦାସଙ୍କ ଉଦ୍ଦେଶ୍ୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରାରମ୍ଭିକ ନାମ ବାରିପଦା ମହାବିଦ୍ୟାଳୟ ଥିଲା। ୧୯୮୧ରେ ବାରିପଦା ମହାବିଦ୍ୟାଳୟର ଶୁଭାରମ୍ଭ ହୋଇଥିଲା। ସେତେବେଳେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଥିଲେ ସ୍ୱର୍ଗତ ଅରବିନ୍ଦ ଦାସ। ମହାବିଦ୍ୟାଳୟ ପାଇଁ ତାଙ୍କର ଅବଦାନ ଅବର୍ଣ୍ଣନୀୟ। ସେହି ମହାନ ବ୍ୟକ୍ତି ରବିବାର ବାରିପଦାସ୍ଥ ଅମ୍ବିକାସାହି ବାସଭବନରେ ୮୭ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥି;ଏ। ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଆୟୋଜିତ ଶୋକସଭାରେ ସମସ୍ତେ ନିରବ ପ୍ରାର୍ଥନା କରିବା ସହିତ ମହାବିଦ୍ୟାଳୟ ପ୍ରତି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନର ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ସୁବ୍ରତ ପାତ୍ର, ସଞ୍ଜୟ ଖୁଣ୍ଟିଆ, ଅଟଳ ମହାନ୍ତ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ମହାବିଦ୍ୟାଳୟ ପ୍ରତି ତାଙ୍କର ମହାନ କାର୍ଯ୍ୟକୁ ମନେ ପକାଇଥିଲେ। ମହାବିଦ୍ୟାଳୟର ସମସ୍ତ କାର୍ଯ୍ୟ ସ୍ୱର୍ଗତ ଶ୍ରୀ ଦାସଙ୍କ ସମ୍ମାନାର୍ଥେ ଛୁଟି ବୋଲି ଅଧକ୍ଷ ଶ୍ରୀ ଷଡଙ୍ଗୀ ଘୋଷଣା କରିଥିଲେ।

## ଆମ ଖଟି ପକ୍ଷରୁ କମ୍ବଳ ବଣ୍ଟନ

**ବାରିପଦା, ୫।୧(ସମିସ):** ଶୀତ ପ୍ରକୋପ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ବାରିପଦା ହସ୍ପିଟାଲ ଛକ ଆମ ଖଟି ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଅସହାୟ, ଦୁଃଖୀ ଓ ନିରାଶ୍ରୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଟ୍ରଲି ଟାଣି ଗୁଜୁରାଣ ମେଣ୍ଟାଉଥିବା ଗରିବ ଲୋକଙ୍କୁ ଶୀତରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ସାମାଜିକ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆମ ଖଟିର ସଦସ୍ୟ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସାମ୍ବାଦିକ ସତ୍ୟଜିତ ସୋମ, କାଶୀନାଥ ରଣା, ସତ୍ୟବାନ ପାତ୍ର, ସତ୍ୟରଞ୍ଜନ ମହାନ୍ତି, ରଞ୍ଜନ ଗିରି, ସୁଶାନ୍ତ ଦାସ, ମଦନ ସାହୁ, ଦିଲ୍ଲୀପ ରାୟବାବୁ, ସତ୍ୟମ ଶିବମ୍ ସୁନ୍ଦରମ୍ ପାଣି, ବିନୋଦ ଦାସ, ନିମାଇଁ ତ୍ରିପାଠୀ ଓ ବଳିଆ ରଣା ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିବାବେଳେ ମାନବିକତା ଓ ସାମାଜିକ ଦାୟିତ୍ୱର ବାର୍ତ୍ତା ପ୍ରଚାର କରିଥିଲେ। ଆଗାମୀ ଦିନରେ ମଧ୍ୟ ଆମ ଖଟି ପକ୍ଷରୁ ଏପରି ସାମାଜିକ ଓ ମାନବିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବାରିପଦା ନଗରପାଳ ଶ୍ରୀ ମହାନ୍ତି କହିଛନ୍ତି।

**ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍**

## ରାଞ୍ଚିକୁ ହରାଇ ରାଉରକେଲା ଫାଇନାଲ୍‌କୁ ଉନ୍ନୀତ

**କରଞ୍ଜିଆ, ୫।୧(ସମିସ):** ଚଢ଼େଇଭଳର ଆଜାଦ ସ୍ପୋର୍ଟ୍ସ ଅଣ୍ଡ କଲଚରାଲ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ରାଞ୍ଚିର ୟୁସିସିକୁ ହରାଇ ରାଉରକେଲା କ୍ରିକେଟ ଆସୋସିଏସନ୍ ଫାଇନାଲରେ ପ୍ରବେଶ କରିଛି। ରାଉରକେଲା ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଖେଳରେ ୯ ୱିକେଟ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଞ୍ଚି ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୬ ରନ୍ କରି ୫୧ ରନରେ ପରାସ୍ତ ହୋଇଥଲା। ଖେଳକୁ ପ୍ରାଣନାଥ ଜେନା ଓ ସତ୍ୟପ୍ରସାଦ ରଥ ପରିଚାଳନା କରିଥିଲେ। ଅସଗୋର ଅଲ୍ଲୀ ଓ ଅବୁଦୁଲ ମଲ୍ଲିକ ଧାରା ବିବରଣୀ, କାର୍ତ୍ତିକ ବେହେରା, ଅଜୟ ବେହେରା, ଆବାସ ଅଲ୍ଲି ଓ ସୁମିତ ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସମ୍ପାଦକ ଏମଡି ସବୀର ଅଲ୍ଲୀ, ଏମଡି କାୟମ, ଏମଡି ତାଜ, ଏମଡି ରିୟାଯୁଦ୍ଦିନ, ସୁରେନ୍ଦ୍ର ବେହେରା ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ଅତିଥି ଭାବେ ସୁରେନ୍ଦ୍ର ବେହେରା, ନଦିଆ ବେହେରା ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ସୁକୁମାର ପତିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## କରଞ୍ଜିଆ କ୍ରୀଡ଼ା ସଂସଦର ବୈଠକ

**କରଞ୍ଜିଆ, ୫।୧(ସମିସ):** କରଞ୍ଜିଆ କ୍ରୀଡ଼ା ସଂସଦର ବୈଠକ ଦେଓ ନଦୀ କୂଳରେ ଅନୁଷ୍ଠିତ ହୋଇଛି। ସଂସଦର ଉପସଭାପତି ଡା. ଜନାର୍ଦ୍ଦନ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରଭାକର ବାଗସିଂ, ସହସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, କୋଷାଧକ୍ଷ ନଳିନୀ ଚନ୍ଦ୍ର ଘଣା, ଗୌରୀ ଶଙ୍କର ସିହ୍ନା, ସନ୍ତୋଷ ଦାସ, ଟୁଟୁ ମେହେର, ମନମୋହନ ସାମଲ, ସୁବାସ ମହାନ୍ତି, କାମିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରାତନ ଦିନର ଖେଳ ପଦ୍ଧତି ଓ ବର୍ତ୍ତମାନର ଖେଳ ପଦ୍ଧତିର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ହରେକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ମାଛକାନ୍ଦଣା ଘାଟିରେ ସିରିଜ୍ ଦୁର୍ଘଟଣା**

# ଘାଟି ତଳକୁ ଖସିଲା ୨ ଟ୍ରେଲର; ଜଣେ ମୃତ, ଜଣେ ଗୁରୁତର

**ରାଇରଙ୍ଗପୁର, ୫।୧(ସମିସ):** ଯଶିପୁର ଥାନା ଅନ୍ତର୍ଗତ ମାଛକାନ୍ଦଣା ଘାଟିରେ ସିରିଜ ଦୁର୍ଘଟଣା ଘଟିଛି। ଘାଟି ତଳକୁ ଦୁଇଟି ଟ୍ରେଲର ଖସି ପଡ଼ିବାରୁ ଜଣକର ମୃତ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତ୍ୱର ହୋଇଛନ୍ତି। ସୋମବାର ଭୋର ସମୟରେ ମାଛକାନ୍ଦଣା ଘାଟିରେ ଉକ୍ତ ସିରିଜ ଦୁର୍ଘଟଣା ଘଟିଛି।

୨୨୦ନଂ ଜାତୀୟରାଜପଥର ମାଛକାନ୍ଦଣା ଘାଟି ବଣମୁଣ୍ଡାରେ ଭାରସାମ୍ୟ ହରାଇ ୨ଟି ଲୁହା ପ୍ଲେଟ ବୋଝେଇ ଟ୍ରେଲର ଘାଟି ତଳକୁ ଓଲଟି ପଡ଼ିଥିଲା। ଗୋଟିଏ ଦୁର୍ଘଟଣାର ୧୦୦ ମିଟର ଦୂରରେ ଅନ୍ୟଏକ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଜଣେ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଟ୍ରେଲରରେ ଥିବା ଲୁହା ପ୍ଲେଟ ତଳେ ଚାଳକ ଜଣକ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଅନେକ ସମୟ ଲୁହା ପ୍ଲେଟ ତଳେ ଚାପି ହୋଇ ରହିବା ପରେ କଟର କାଟି ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟ ଜଣେ ଚାଳକଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତ୍ୱର ଥିବାରୁ ଟାଟା ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ଯଶିପୁର ଥାନା ପୁଲିସ ପହଞ୍ଚି ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଦୁଇଟି ଟ୍ରଲର ଯାଜପୁର ଅଞ୍ଚଳରୁ ଲୁହା ପ୍ଲେଟ ନେଇ ଝାଡ଼ଖଣ୍ଡକୁ ଯାଉଥିବା ସୂଚନା ରହିଛି। ତେବେ ରାତିରେ ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି ବୋଲି ସନ୍ଦେହ କରାଯାଉଛି। ମୃତ ଟ୍ରେଲର ଚାଳକଙ୍କ ପରିଚୟ ମିଳି ନ ଥିବା ଯଶିପୁର ଥାନା ଅଧିକାରିଣୀ ସଂଯୁକ୍ତା ମହାଳିକ ସୂଚନା ଦେଇଛନ୍ତି।





**ଜେଏମ୍‌ଏମ୍‌ର ଅଭିଯୋଗ**

# ମୋରଡ଼ାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ମୋରଡା, ୫।୧(ସମିସ)**



ମୋରଡ଼ା ନିର୍ବାଚନମଣ୍ଡଳୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ହୋଇଥିବାବେଳେ ଏଠାରେ ବିକାଶ ଠପ ହୋଇପଡ଼ିଥିବା ସାମ୍ବାଦିକ ସମ୍ମିଳନୀରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି। ମୋରଡା ବ୍ଲକ ଅଧୀନ ଘୋଳମୁଁହା ପଞ୍ଚାୟତର ରାଙ୍ଗାଦାଳାଙ୍ଗଠାରେ ଜେଏମଏମର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମୋରଡା ବ୍ଲକର କର୍ମକର୍ତ୍ତାଙ୍କ ସହିତ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା ପାଇଁ ସାମ୍ବାଦିକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ମୋରଡ଼ା ନିର୍ବାଚନମଣ୍ଡଳୀର ଅଧିକାଂଶ ସାମ୍ବାଦିକ ଉପସ୍ଥିତ ଥିଲେ। ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପ୍ରସଙ୍ଗ ଉଠାଇଥିଲେ ଜିଲ୍ଲା ସଭାପତି ଶ୍ରୀ ଦାସ। ୧୫ଟି ବିଦ୍ୟାଳୟ ଜଣେ ଶିକ୍ଷକରେ ଚାଲିଛି। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟରେ ଅଧିକାଂଶ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି। କିଶାନତାଣ୍ଡି, ଶୁଳିଆପଦା ବ୍ଲକର କୋଷ୍ଠା, ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ବିଭାଗରେ ଡାକ୍ତର ନ ଥିବାବେଳେ ଏକ୍ସରେ, ଅଲଟ୍ରାସାଉଣ୍ଡ ମେସିନ ନ ଥିବା ହେତୁ ସ୍ୱାସ୍ଥ୍ୟ ସେବା ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଲୋକେ ବିଶୁଦ୍ଧ ପାନୀୟଜଳ ମଧ୍ୟ ପାଉନାହାନ୍ତି। ଅନେକ ପଞ୍ଚାୟତରେ ପାଣି ଟାଙ୍କି ଥିବାବେଳେ ଶିଉଳି ଜମି ଯାଇଥିବାବେଳେ ବ୍ଲିଚିଂ ଦିଆଯାଉନାହିଁ। ଫଳରେ ଲୋକେ ବିଶୁଦ୍ଧ ପାନୀୟଜଳ ପାଇବାରେ ବଞ୍ଚିତ ହେଉଥିବା କହିଥିଲେ ଶ୍ରୀ ଦାସ। ସେହିପରି ମୋରଡା ନିର୍ବାଚନମଣ୍ଡଳୀରେ ବେକାରୀ ସମସ୍ୟା ବୃଦ୍ଧି ପାଉଛି। ମୋରଡା ଥାନା ପୁଲିସ ହିଟଲର ଶାସନ ଚଳାଉଥିବା ନେଇ ଶ୍ରୀ ଦାସ ବର୍ଷିଥିଲେ। ଭଦ୍ର ସମାଜରେ ମୋରଡା ପୁଲିସର ଜନସାଧାରଣଙ୍କ ଉପରେ ଅତ୍ୟାଚାରକୁ ନେଇ ଆଗାମୀ ଦିନରେ ଜେଏମଏମ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦାସ କହିଥିଲେ।

## ଆନନ୍ଦପୁରକୁ ରେଳପଥ ସଂଯୋଗ ପ୍ରସଙ୍ଗ

# ଡବଲ୍ ଇଞ୍ଜିନ୍ ସରକାର ଥାଇ ହେଉନି କାହିଁକି ?



ଗତବର୍ଷ ଅଗଷ୍ଟରେ ମା' ଧନେଇ ସେବାସଂଘ ପକ୍ଷରୁ କେନ୍ଦୁଝରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା

ଆନନ୍ଦପୁର, ୫।୧ (ସମିସ): ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପ୍ରସଙ୍ଗ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବ ବିଜେଡି ସରକାରକୁ ଏ ପ୍ରସଙ୍ଗରେ ବିଜେପି ନେତାମାନେ କଟାକ୍ଷ କରିଆସୁଥିବାବେଳେ ଏବେ ଡବଲ ଇଞ୍ଜିନ ସରକାର ସମୟରେ ଶାସନରେ ଥାଇ ବିଜେପି ହାତରେ ହୋଇପାରୁନି କାହିଁକି? ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ହୋଇଛି। ସାଧାରଣ ନିର୍ବାଚନରେ କେନ୍ଦୁଝର ସଂସଦୀୟ କ୍ଷେତ୍ରରୁ ବିଜେପିର ଅନନ୍ତ ନାୟକ ନିର୍ବାଚିତ ହୋଇଛନ୍ତି। ଡବଲ ଇଞ୍ଜିନ ସରକାରରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ସହଜ ହେବ ବୋଲି ଲୋକେ ଆଶା ବାନ୍ଧିଥିଲେ ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ରେଳପଥ ସମ୍ପ୍ରସାରଣ ସହ ଆନନ୍ଦପୁର ଉପଖଣ୍ଡ ଓ ଘଟଗାଁର ମା' ତାରିଣୀ ପୀଠକୁ ରେଳପଥ ସଂଯୋଗ ହେବ ବୋଲି ଚର୍ଚ୍ଚା ହୋଇଥିଲା। ବର୍ଷ ୨୦୨୪ ଯାଇ ୨୦୨୫ ଚାଲିଗଲା; ହେଲେ ଅଦ୍ୟାବଧି ଏନେଇ ସବୁଜ ସଙ୍କେତ କିମ୍ବା ନିର୍ଭର ପ୍ରତିଶ୍ରୁତି ମିଳିନାହିଁ। କେନ୍ଦୁଝର ଜିଲ୍ଲାରେ ୧୬୪.୮୨କିମି ରେଳପଥ ରହିଛି। ଯାଜପୁର-ବାଂଶପାଣି ରେଳପଥ କାର୍ଯ୍ୟକ୍ଷମ ହେବା ସହ ୨୦୦୯ରେ ପ୍ରଥମଥର ପାଇଁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା। ସମସ୍ତ ରେଳପଥ କେନ୍ଦୁଝର ଓ ଚମ୍ପୁଆ ଉପଖଣ୍ଡରେ ରହିଥିବା ବେଳେ ଆନନ୍ଦପୁରର ଜନସାଧାରଣ ଏଥିରୁ ବଞ୍ଚିତ ହୋଇଛନ୍ତି। ଆନନ୍ଦପୁର ଉପଖଣ୍ଡର ଲୋକେ ଯାଜପୁରରୋଡ ଓ ଭଦ୍ରକ ରେଳଷ୍ଟେସନ ଉପରେ ନିର୍ଭର କରୁଛନ୍ତି। ରେଳପଥ ନଥିବାରୁ ଏହି ଅଞ୍ଚଳର ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶ ହୋଇପାରୁନି। ୨୦୦୫ରେ ଯାଜପୁର-କେନ୍ଦୁଝରରୋଡ ଷ୍ଟେସନରୁ ଭାୟା ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼କୁ ରେଳପଥ ସଂଯୋଗ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ୨୦୧୩-୧୪ରେ ଜେକେରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ଯଶୀପୁରକୁ ରେଳପଥ ସଂଯୋଗ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ନିକଟରୁ ପ୍ରସ୍ତାବ ଆସିଥିଲା। ଏନେଇ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯାଇଥିଲା; ଯାହା ନାଲିଫିତା ତଳେ ରହିଛି।

ଜିଲ୍ଲାର ଟାଙ୍ଗିରିଆପାଳ ଷ୍ଟେସନରୁ ଆନନ୍ଦପୁର ଦେଇ ଭଦ୍ରକ ଓ ଧାମରା ବନ୍ଦରକୁ ରେଳପଥ ସଂଯୋଗ ହେଲେ ଉଭୟ ବ୍ୟବସାୟିକ ଓ ଯାତ୍ରୀ ସୁବିଧା ହୋଇପାରିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ୧୫ବର୍ଷ ହେଲା ବାରିଗାଁର ମା' ଧନେଇ ସେବାସଂଘ, ଆନନ୍ଦପୁର ବିକାଶ ପରିଷଦ, ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତିନିଥର ରେଳ ମନ୍ତ୍ରଣାଳୟକୁ ଆନନ୍ଦପୁରର ଦାବି ସମ୍ପର୍କରେ ବିଚାର କରିବାପାଇଁ ଅବଗତ କରାଯାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ଅଗ୍ରଗତି ହୋଇପାରୁନି। ଅନ୍ୟପକ୍ଷରେ ପୂର୍ବରୁ ରେଳପଥ ସଂଯୋଗ ପାଇଁ ହୋଇଥିବା ଆନ୍ଦୋଳନରେ ସାମିଲ ହୋଇଥିବା ଶାସକ ଦଳର ନେତାମାନେ ଏବେ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ରେଳପଥ ସଂଯୋଗ ଦାବି ଲୋକଙ୍କ ଭାବାବେଗ ସହ ଜଡ଼ିତ ବୋଲି ଆନନ୍ଦପୁର ବିକାଶ ପରିଷଦ ସଭାପତି ପ୍ରାଧ୍ୟାପକ ରମାକାନ୍ତ ନାୟକ କହିଛନ୍ତି। ନିକଟରେ ପ୍ରେସ୍ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ବାଣିଜ୍ୟ ମହୋତ୍ସବରେ ଏହି ଦାବି ଉଠିଥିଲା। ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଓ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଏହାକୁ ସମର୍ଥନ ଜଣାଇଥିଲେ। ଆନନ୍ଦପୁରକୁ ରେଳ ସଂଯୋଗ ହେଲେ ଅଞ୍ଚଳର ଦ୍ରୁତବିକାଶ ହୋଇପାରିବ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ସାଂସଦ ଅନନ୍ତ ନାୟକ ଏ ଦିଗରେ ଉଦ୍ୟମ ଜାରି ରଖିବେ ବୋଲି କହିଥିଲେ। ବହୁ ବର୍ଷର ଦାବି କେବେ ପୂରଣ ହେବ ବୋଲି ଆନନ୍ଦପୁରବାସୀ ପ୍ରଶ୍ନ କରିଛନ୍ତି।

## ମନ୍ତ୍ରୀଙ୍କ ଦ୍ୱାରା ଧାନସଂଗ୍ରହ ପ୍ରକ୍ରିୟାର ଜିଲ୍ଲାସ୍ତରୀୟ ସମୀକ୍ଷା

କେନ୍ଦୁଝର, ୫।୧(ସମିସ):

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ୨୦୨୫-୨୬ ବର୍ଷର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚଳିତବର୍ଷ ପାଇଁ ୧୩,୧୩,୦୦୦ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଜିଲ୍ଲାରେ ରଖାଯାଇଛି। ଗତ ୨୬ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୭୨,୯୪୭ ଟି ଟୋକନ୍ କରାଯାଇଥିବା ବେଳେ ପ୍ରାୟ ୧୯୫ ଜଣ ଚାଷୀଙ୍କଠାରୁ ୬୬୯୪.୫୬ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ବୈଠକ ପୂର୍ବରୁ ମନ୍ତ୍ରୀ ନରଣପୁର ଲ୍ୟାମ୍ପସ ପରିଦର୍ଶନ କରି ସେଠାରେ ଚାଷୀଙ୍କ ସହ ଆଲୋଚନା କରିବା ସହ ବ୍ୟବସ୍ଥାର ତଦାରଖ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ୮୨ଟି ପ୍ରାଥମିକ କୃଷି ସମବାୟ ସମିତି/ ବୃହତ ଆକାରର ଆଦିବାସୀ ବହୁମୁଖୀ ସମବାୟ ସମିତିରେ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ୯୫ ଜଣ ବହୁମୁଖୀ ଅଣବୈଷୟିକ କର୍ମଚାରୀ ଓ ୩୩ ଜଣ ବହୁମୁଖୀ ସହାୟକ କର୍ମଚାରୀ ନିଯୁକ୍ତ ହୋଇଥିବା ନେଇ ସୂଚନା ଦିଆଯାଇଛି। ଏମାନେ ମୁଖ୍ୟତଃ ସମିତିର ଦୈନନ୍ଦିନ ପରିଚାଳନା, ଋଣ ପ୍ରଦାନ ପ୍ରକ୍ରିୟା ଏବଂ ଚାଷୀମାନଙ୍କୁ ସହାୟତା କରିବା କାର୍ଯ୍ୟରେ ନିୟୋଜିତ ହେବେ। ଚାଷୀମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ଧାର୍ଯ୍ୟ ସମୟ ମଧ୍ୟରେ ସ୍ୱଚ୍ଛତାର ସହ ଯେପରି ଧାନ ସଂଗ୍ରହ କରାଯିବ ସେଥିପ୍ରତି ସତର୍କ ଏବଂ ଧ୍ୟାନ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସମେତ ବିଧାୟକ ଘସିପୁରା ବଦ୍ରିନାରାୟଣ ପାତ୍ର, ବିଧାୟକ ପାଟଣା ଅଖିଳଚନ୍ଦ୍ର ନାୟକ, ବିଧାୟକ ତେଲକୋଇ ଡଃ ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଡିଆରସିଏସ ପର୍ଶୁରାମ ପାତ୍ର ଏବଂ ଯୋଗାଣ ଓ ସମବାୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର




ଆନନ୍ଦପୁର, ୫।୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ୧, ୟୁନିଟ୍ ୨ ତରଫରୁ ସପ୍ତଦିବସୀୟ ସ୍ୱତନ୍ତ୍ର ସେବା ଶିବିର ଉଦଘାଟିତ ହୋଇଯାଇଛି। ଉଭୟ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ମିତା ପାତ୍ର ଏବଂ ଗଣେଶ ହେମ୍ବ୍ରମଙ୍କ ସଂଯୋଜନାରେ ୧୦୦ ଜଣ ସ୍ୱେଚ୍ଛାସେବୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଶିବିର ଆସନ୍ତା ୧୧ ତାରିଖ ଯାଏ ଚାଲିବ। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଉକ୍ତ ସପ୍ତଦିବସୀୟ ଶିବିରକୁ ଉଦଘାଟନ କରିଥିଲେ। ଅଧ୍ୟାପକ ବିଜୟ କୁମାର ସାହୁ, ସୁଧାକର ଜେନା, ସତ୍ୟବ୍ରତ ପତି, ମହେଶ୍ୱର ଜେନା, ଇଲାବତୀ ଖୁଣ୍ଟିଆ, ମହେଶ୍ୱର ପାତ୍ର, ରାଷ୍ଟ୍ରରଞ୍ଜନ ବାରିକ, କ୍ଷେତ୍ରବାସୀ ସୋରେନ ପ୍ରମୁଖ ସେବାଶିବିରର ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଉପଦେଶ ଦେଇଥିଲେ। ଶିବିରର ବିବିଧ କାର୍ଯ୍ୟପନ୍ଥା ସମ୍ପର୍କରେ କାର୍ଯ୍ୟକ୍ରମ ଅଧିକାରୀ ମାନେ ସୂଚନା ଦେଇଥିଲେ।

## ୨୦ ଫୁଟ୍ ତଳକୁ ଖସି ଟ୍ରାକ୍ଟର ଚାଳକ ମୃତ

ବାଲିବନ୍ଧ, ୫।୧ (ସମିସ): ଝୁମ୍ପୁରା ଥାନା ଅଧିନ ଅର୍ଶଳା-ଅଶୁକୀ ରାସ୍ତା ବାଞ୍ଝା ପୋଖରୀ ନିକଟରେ ସୋମବାର ଅପରାହ୍ନରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଟ୍ରାକ୍ଟରରେ ଚାପି ହୋଇ ଚାଳକଙ୍କ ମୃତ୍ୟୁ ହୋଇଛି। ଏନେଇ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗକ୍ରମେ ପୁଲିସ ତଦନ୍ତ କରୁଛି। ମୃତ ଚାଳକ ହେଲେ ଝୁମ୍ପୁରା



ଥାନା ଅର୍ଶଳା ପଞ୍ଚାୟତ ବଳଭଦ୍ରପୁର (ପାଟକୁଳ) ଗ୍ରାମର ଘାସିରାମ ମାଝୀଙ୍କ ପୁଅ ସାକିଲ (୨୫)। ଟ୍ରାକ୍ଟର ଇଞ୍ଜିନ ନଂ ଓଡି୨୨ପି ୦୦୧୮ ଏବଂ ଟ୍ରଲି ନଂ ଓଡି୦୯ଏଫ୬୫୫୯ରେ ଚାଳକ ଭାବେ କାମ କରୁଥିଲେ ସାକିଲ। ସାକିଲ ଟ୍ରାକ୍ଟର ଚଳାଇ ଅଶୁକୀରୁ ଅର୍ଶଳା ଅଭିମୁଖେ ଯାଉଥିଲେ। ଟ୍ରାକ୍ଟର କୌଣସି କାରଣବଶତଃ ଭାରସାମ୍ୟ ହରାଇ ଉକ୍ତ ପୋଖରୀ ନିକଟରେ ୨୦ ଫୁଟ ତଳକୁ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଚାଳକ ସାକିଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୁଲିସ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହ ମୃତଦେହକୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଗ୍ରୋସେରି ଦୋକାନରୁ ମଦ ଜବତ; ମାଲିକ ଗିରଫ



ତୁରୁମୁଙ୍ଗା, ୫।୧(ସମିସ): ପାଟଣା ଥାନା ପୁଲିସ ସୋମବାର ମେଦିନିପୁର ଗ୍ରାମରେ ଚଢ଼ଉ କରି ଏକ ଗ୍ରୋସେରି ଦୋକାନରୁ ବିପୁଳ ବିଦେଶୀ ଓ ଦେଶୀ ମହୁଲି ମଦ ଜବତ କରିବା ସହ ଦୋକାନ ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୋକାନୀ ହେଲେ ତନୟ କୁମାର ନାଏକ(୩୪)। ପୁଲିସ ୯୫ ଲିଟର ମହୁଲି ମଦ ସହ ୪ ଲିଟର ବିଦେଶୀ ମଦ ଜବତ କରିଛି। ଚଢ଼ଉରେ ଥାନାଧିକାରୀ କିରଣପ୍ରସାଦ ସାହୁ, ଏସ୍‌ଆଇ ଉଦିତ ସୋରେନ ସାମିଲ ଥିଲେ। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି। ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ଘଟଣାର ତଦନ୍ତ କରୁଛନ୍ତି।


ତୁରୁମୁଙ୍ଗା: କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମଣା ଓ ବାଉଁଶୁଳି ଲ୍ୟାମ୍ପସ୍‌ରେ ସୋମବାର ଧାନମଣ୍ଡିର ଶୁଭାରମ୍ଭ

## ଖଡ଼ିବିଲରେ ୧୫ତମ ମା' ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ଆନନ୍ଦପୁର, ୫।୧ (ସମିସ): ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଖଡିବିଲ ଖେଳପଡ଼ିଆଠାରେ ୧୫ତମ ମା' ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ବରିପାଳ ପ୍ରଥମ ବ୍ୟାଟିଂ କରି ୭ ଓଭରରେ ୭୩ ରନ କରିଥିବା ବେଳେ ଶାଳପଡା ୫.୧ ଓଭରରେ ୭୪ ରନ କରି ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶତ୍ରୁଘ୍ନ ସାହୁ, କ୍ରୀଡ଼ାବିତ ବଲୁ ପଟ୍ଟନାୟକ. ଧନେଇ ଯୁବ ସଭାପତି ବିଜୟ ମିଶ୍ର ଦାମୋଦର ଜେନା, ବରିଷ୍ଠ ନାଗରିକ ସୁକାନ୍ତ ଜେନା, ଯୁବ ସମାଜସେବୀ ଆମ୍ପାୟର ସୂର୍ଯ୍ୟମଣି ଜେନା, ଚିନ୍ମୟ ଜେନା, ବିଚିତ୍ର ପେରେଇ, ଚନ୍ଦନ ଜେନା ସ୍କୋରର ଶକ୍ତିରଞ୍ଜନ ପେରେଇ, ଦେବବ୍ରତ ପେରେଇ ଧାରା ବିବରଣୀ, ସୁରେଶ କୁମାର ଜେନା ସଭାପତି ସୁରେଶ କୁମାର ଜେନା, ସମ୍ପାଦକ ସିପୁନ ଜେନା, ମକରନ୍ଦ ଜେନା, ବାପି ଜେନା, ସନ୍ତୋଷ ପେରେଇ, ଫୁକୁନ ଜେନା, ଲିପୁ ଜେନା, ଆଲୋକ ଜେନା, ତପୁ ଜେନା, ଜଗନ ଜେନା, ମନୋଜ ଜେନା ସୁଶିଲ ଜେନା, ରାଜା ଦଳେଇ, ସୌମ୍ୟ ରଂଜନ ଜେନା ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ପରିଷଦର ସମ୍ବର୍ଦ୍ଧନା



ଆନନ୍ଦପୁର, ୫।୧ (ସମିସ): ଆନନ୍ଦପୁର ସବଡିଭିଜନରେ ଓଡ଼ିଶା ସରକାରଙ୍କ ଦ୍ୱାରା ନବନିଯୁକ୍ତ ଓକିଲଙ୍କୁ ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ସମର୍ଦ୍ଧନା ଓ ସ୍ୱାଗତ କାର୍ଯ୍ୟକ୍ରମ ସଭାପତି ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା ତଥା ପୂର୍ବତନ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ବ୍ରଜବନ୍ଧୁ ସାହୁ, ଦୟାନିଧି ଦାଶ, ହେମନ୍ତ ମଲ୍ଲିକ, ଜୟନ୍ତ ରାଜ, ଆଲୋକ ରାଉତ, ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ସୁଦର୍ଶନ ବଳ ଧନ୍ୟବାଦ ପ୍ରଦାନ କରିଥିଲେ। ଭଗବାନ ସାହୁ, ଝାନସୀରାଣୀ ଦାସ, କୈଳାସଚନ୍ଦ୍ର ନାୟକ, ପ୍ରାଣବନ୍ଧୁ ସାହୁ, ଟୁକୁନୁ ହେତା, ପ୍ରଦୀପ ଦାସ, ରଘୁନାଥ ପଣ୍ଡିତ, ଦୀଲିପ ସିଂ, କୀର୍ତ୍ତନ ସାହୁ, ବିନୋଦ ମିଶ୍ର, ମୁରଲୀଧର ମିଶ୍ର, ଗଗନ ବିହାରୀ ସିଂ, ଗଗନ ବିହାରୀ ଭଟ୍ଟାଚାର୍ଯ୍ୟ, ସାବିତ୍ରୀ ଦାସ, ଦାମୋଦର ଧଡା, ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

## ମାଛଗଡ଼ ଧାନମଣ୍ଡି ଆରମ୍ଭ



ତୁରୁମୁଙ୍ଗା, ୫।୧(ସମିସ): ସାହାରପଡା ବ୍ଲକ ମାଛଗଡ଼ ଧାନମଣ୍ଡିରେ ସୋମବାର ଧାନ କିଣାର ଶୁଭାରମ୍ଭ କାରାଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ଧାନକିଣା ପ୍ରକ୍ରିୟା ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ମାଛଗଡ଼ ସରପଞ୍ଚ ସୁନେଲି ଦାସ, ଖଡ଼ିକାପଦା ସରପଞ୍ଚ ମାଳତି ମାଝି, ଡାଳପକା ସରପଞ୍ଚ ଟୁନି ସିଂ, ସାହାରପଡ଼ା ସମିତିସଭ୍ୟ ନବକିଶୋର ସେଠୀ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହନ୍ତବର୍ମା, ବିଧାୟକ ପ୍ରତିନିଧି ନରେନ୍ଦ୍ର ମହାନ୍ତ, ବ୍ଲକ୍ ଅଧ୍ୟକ୍ଷା ରୀନା ନାଏକ, ଉପାଧ୍ୟକ୍ଷା ଛବିରାଣୀ ସେଠୀ ଯୋଗଦେଇଥିବା ବେଳେ ଏମ୍‌ଡି ରିତୁ ସାହାଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନରେ ୨୨ ଜଣ ଚାଷୀଙ୍କଠାରୁ ୭୦୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଗୁରୁବାର ଓ ରବିବାର ଛଡ଼ା ଅନ୍ୟ ଦିନରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବା ନେଇ ଦିନ ଧାର୍ଯ୍ୟ କାରାଯାଇଥିବା ସୂଚନା ଦିଆଯାଇଛି।

## ସଫେଇସାଥୀଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା



ଆନନ୍ଦପୁର, ୫।୧ (ସମିସ): ପରିବେଶ ରକ୍ଷା ତଥା ଏହାର ସ୍ୱଚ୍ଛତାରେ ସଫେଇସାଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସୂର୍ଯ୍ୟ ଉଦୟର ଢେର୍ ପୂର୍ବରୁ ସଫେଇ ସାଥୀମାନେ ସ୍ୱଚ୍ଛତା ପାଇଁ ଲାଗି ପଡ଼ି ନର୍ଦ୍ଦମାରେ ପଶି ଆମର ଯତ୍ନ ନେଉଥିବା ସଫେଇସାଥୀଙ୍କୁ ଆଜି ଫୁଲଚନ୍ଦନରେ ପୂଜା କରାଯାଇଛି। ଆଦର୍ଶ ସେବା ସଂଘ ପକ୍ଷରୁ ସୋମବାର ଘଷିପୁରାସ୍ଥିତ ହୋଟେଲ ଗାୟତ୍ରୀଠାରେ ସଫେଇସାଥୀଙ୍କୁ ସମ୍ମାନିତ କରିଥିଲେ। ପାରିଷଦ ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ରଣା, ସମ୍ବିତ ଦାସ, ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଧର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ କେଶଦୁରାପାଳ, ଦେଓଗାଁ, ଶୈଳଙ୍ଗ, ଘଷିପୁରା, ଖପରାଖାଇ, ଶାଳପଡ଼ା, କୋଡ଼ପଡ଼ା, ଆନନ୍ଦପୁର, ଫକିରପୁର, ଶାଳନିଆ ଆଦି ଅଞ୍ଚଳର ୧୩୭ ଜଣ ସଫେଇସାଥୀଙ୍କୁ ସମ୍ମାନିତ କରାଯାଇଛି। ସେହିପରି ଉପସ୍ଥିତ ସମସ୍ତ ସାଥୀଙ୍କୁ ଯଜ୍ଞପ୍ରସାଦ ସାହୁ ଶୀତବସ୍ତ୍ର ପ୍ରଦାନ କରି ସହଯୋଗ କରିଥିଲେ।

## କୁଶଳେଶ୍ୱର ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ



ଆନନ୍ଦପୁର, ୫।୧(ସମିସ): ଘଷିପୁରା ବ୍ଲକର ଦେଓଗାଁଠାରେ ଥିବା କୁଶଳେଶ୍ୱର ସରକାରୀ ହାଇସ୍କୁଲର ୧୯୭୭ ମସିହାର ପୁରାତନ ଛାତ୍ରଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ଭବନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସେହି ବ୍ୟାଚର ବହୁ ପୁରାତନ ଛାତ୍ର ପରସ୍ପର ମଧ୍ୟରେ ପୁରୁଣା ସ୍ମୃତିକୁ ମନେ ପକାଇ ଆଲୋଚନା କରିଥିଲେ। ଏହି ହାଇସ୍କୁଲରେ ବିଭିନ୍ନ ଅଞ୍ଚଳରୁ ଅଧ୍ୟୟନ କରୁଥିବା ଛାତ୍ରମାନେ ଉପସ୍ଥିତ ଥିଲେ। ପରେ ସମସ୍ତ ପୁରାତନ ଛାତ୍ର ଏକତ୍ରିତ ହୋଇ ଶ୍ରୀ କୁଶଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପ୍ରସାଦ ସେବନ କରିଥିଲେ। ପୁରାତନ ଛାତ୍ର ଭାଗୀରଥି ପୃଷ୍ଟି, ତପନ ଚକ୍ର, ବ୍ରଜକିଶୋର ଶର୍ମା, ମନ୍ମଥ ଓଝାଙ୍କ ସମେତ ୪୦ ଜଣ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ପୁରାତନ ଛାତ୍ର ବସନ୍ତ ପଣ୍ଡା, ମନୋରଞ୍ଜନ ପତି, ଅରୁଣ ଶିୟଳ, ସୁକାନ୍ତ ଦାସ ଆୟୋଜନ କରିଥିଲେ।

## ପାଟଣା ରେଞ୍ଜରେ ୨୫ ଟିକିଆ ହାତୀପଲର ଉତ୍ପାତ

# ପନିପରିବା ଚାଷ ନଷ୍ଟ, ଘର ଭାଙ୍ଗି ଖାଇଲେ ଧାନଚାଉଳ





ତୁରୁମୁଙ୍ଗା, ୫।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜକୁ ସୋମବାର ସକାଳୁ ୨୫ ଟିକିଆ ହାତୀପଲ କରଞ୍ଜିଆ ରେଞ୍ଜରୁ ଆସି ବ୍ୟାପକ ପନିପରିବା ଚାଷ ନଷ୍ଟ କରିଛନ୍ତି। ହାତୀପଲ ଡୁମୁରିଗୋଡ଼ା ନିକଟରେ ଏନଏଚ ୪୯ ପାରି ହୋଇ ରାଜପଥ ଉପରେ କିଛି ସମୟ ଧରି ଛିଡ଼ା ହେବାରୁ ମୁମ୍ବାଇ କଲିକତା ରାଜପଥରେ ଗାଡି ଚଳାଚଳରେ ବ୍ୟାହତ ହୋଇଥିଲା। ହାତୀପଲ ଆସିବା ବାଟରେ ଅଞ୍ଚଳରେ ପନିପରିବା ଚାଷ ନଷ୍ଟ କରିବା ସହ ଝାରବେଡ଼ା ଗ୍ରାମର ଡମ୍ବରୁଧର ନାଏକଙ୍କ ଗୋଟିଏ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ବନ ବିଭାଗ ପକ୍ଷରୁ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ତିଣ୍ଡା ବିଟ୍ ବନରକ୍ଷୀ ଅନିତା ସାହୁ ଘର ଭାଙ୍ଗିଥିବା ଡମ୍ବରୁଧର ନାଏକଙ୍କ କ୍ଷୟକ୍ଷତି ଆକଳନ କରିଛନ୍ତି। ଖୁବଶୀଘ୍ର ସହାୟତା ରାଶି ପ୍ରଦାନ କରାଯିବ ବୋଲି ବନପାଳ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ତ୍ରିବିନ୍ଧା ଗାଁ ନିକଟ ଆମ୍ବାଗାନ, ପରେ ଧରୁଆପଡ଼ା ନିକଟରେ ହାତୀପଲ ଡେରା ପକାଇଥିବା ବେଳେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତୀପଲଙ୍କ ଉପରେ ବନ ବିଭାଗ ନଜର ରଖିଛି।



## କରଞ୍ଜିଆ ବନଖଣ୍ଡକୁ ଫେରିଲେ ୨୫ଟିକିଆ ଝାଡ଼ଖଣ୍ଡୀ ହାତୀପଲ

# ୩ ଘର ଭାଙ୍ଗି ଖାଇଗଲେ ଧାନ ଚାଉଳ

କରଞ୍ଜିଆ,୫।୧(ସମିସ):

କରଞ୍ଜିଆ ବନଖଣ୍ଡର ୪ ବନାଞ୍ଚଳରେ ଶିମିଳିପାଳ ଓ ଝାଡ଼ଖଣ୍ଡୀ ହାତୀପଲଙ୍କ ବର୍ଷସାରା ଉପସ୍ଥିତି ନେଇ ବନ ବିଭାଗ ଓ ଗ୍ରାମବାସୀଙ୍କ ନିଦ ହଜିଯାଇଛି। ସାତକୋଶିଆ, ଠାକୁରମୁଣ୍ଡା ଓ ଦୁଧିଆଣି ବନାଞ୍ଚଳରେ ଶିମିଳିପାଳ ହାତୀପଲଙ୍କ ଅପେକ୍ଷା ଝାଡ଼ଖଣ୍ଡୀ ହାତୀପଲଙ୍କ ଦୌରାତ୍ମ୍ୟ ମାତ୍ରାଧିକ ଥିବା ଯୋଗୁଁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଶନିବାର ସୁଦ୍ଧା କରଞ୍ଜିଆ ବନଖଣ୍ଡରେ ୨୧ଟି ଶିମିଳିପାଳ ହାତୀ ଓ ଗୋଟିଏ ଝାଡ଼ଖଣ୍ଡୀ ଦନ୍ତା ଥିବା ସ୍ଥଳେ ଆଜି ରାତି ପ୍ରାୟ ୧.୩୦ରେ କେନ୍ଦୁଝର ବନଖଣ୍ଡରୁ ୨୫ଟିକିଆ ଝାଡ଼ଖଣ୍ଡୀ ହାତୀପଲ ବୈତରଣୀ ନଦୀ ପାରିହୋଇ କରଞ୍ଜିଆ ବନାଞ୍ଚଳର ଶୁକୁଳି ବ୍ଲକର ପାଣିଦେଉଳି, କୁସୁନପୁର, ଜାମବଣି ହୋଇ ଜାମୁଡି ହୁଡ଼ିରେ ଥିବା ଜଣାଯାଇଛି। ଆସିବା



ବାଟରେ କାଶିଆବେଡା ଗ୍ରାମରେ କବି ନାଏକଙ୍କ ଘର ଓ କୁସୁନପୁର ଗ୍ରାମରେ କୁଶ ମୁଣ୍ଡା ଓ ସୁରୁ ମୁଣ୍ଡାଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଛନ୍ତି।

ଉକ୍ତ ପଲରେ ୬ ଦନ୍ତା, ୧୧ ମାଈ ଓ ୮ ଛୁଆ ହାତୀ ରହିଛନ୍ତି। ବର୍ତ୍ତମାନ କ୍ଷେତରେ ଧାନ ନ ଥିବା ଓ ଭୋକ ବିକଳରେ ଲୋକଙ୍କ ଘର ଭାଙ୍ଗି ଧାନ ଖାଉଥିବା ଯୋଗୁଁ ଲୋକେ ନିଆଁ ଜାଳି ରାତି କଟାଉଛନ୍ତି। ସେହିପରି ଦୁଧିଆଣି ବନାଞ୍ଚଳର ଭଣ୍ଡା ସେକ୍ସନ ଉସ୍କିଠାରେ ଶିମିଳିପାଳର ଗୋଟିଏ ଦନ୍ତା, ୪ ମାଈ ଓ ୩ ଛୁଆ, ପାହାଡପୁରରେ ଗୋଟିଏ ଦନ୍ତା, ଯଶିପୁର ସେକ୍ସନର ଡୁମୁରଡିହାରେ ୧ ଦନ୍ତା, ୨ ମାଈ ଓ ୨ ଛୁଆ, କୁଦରବିଶିଦାରେ ଗୋଟିଏ ଦନ୍ତା ଥିବା ଜଣାଯାଇଛି। ସାତକୋଶିଆ ବନାଞ୍ଚଳ ଗୋଡଭଙ୍ଗା ସେକ୍ସନରେ ୧ ଦନ୍ତା, ସାତକୋଶିଆ ସେକ୍ସନର କମ୍ପାର୍ଟମେଣ୍ଟ ୨ରେ ୨ ଦନ୍ତା, ୨ ମାଈ ଓ ୨ ଛୁଆ ହାତୀଙ୍କ ଉପସ୍ଥିତି ଜଣାଯାଇଛି। ବନଖଣ୍ଡରେ ମୋଟ ୪୭ ହାତୀ ଥିବାବେଳେ ଚଲାପଥ ଅବରୋଧ ଓ ହାତୀପଲଙ୍କୁ ଉତ୍ତେଜିତ ନ କରିବା ପାଇଁ ବନଖଣ୍ଡ ଅଧିକାରୀ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି।

## ଟ୍ରକ୍ ଡ୍ରାଇଭରଙ୍କ ଦ୍ୱାରା ନାବାଳକ ଉଦ୍ଧାର



ହାଟଡ଼ିହୀ,୫।୧(ସମିସ): ନନ୍ଦିପଦା ଥାନା ହାଟଡ଼ିହୀ ଗ୍ରାମର ସୁଧାଂଶୁ ମଣ୍ଡଳ ନାମକ ଜଣେ ଟ୍ରକ ଡ୍ରାଇଭର ଢେଙ୍କା ପଞ୍ଚାୟତ ବଡ଼ ଆମ୍ବଗଡିଆ ନିକଟରୁ ଜଣେ ୧୦ ବର୍ଷୀୟ ନାବାଳକକୁ ଉଦ୍ଧାର କରିଛନ୍ତି। ଉକ୍ତ ବାଳକକୁ ଥାନା ମାଧ୍ୟମରେ ତା'ର ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ସକାଳ ପ୍ରାୟ ସାଢ଼େ ୮ ଟାରେ ସୋସୋ-ଢେଙ୍କା ରାସ୍ତାରେ ନାବାଳକଟି ଏକା ଚାଲି ଚାଲି ଯାଉଥିବା ଦେଖି ସୁଧାଂଶୁ ଗାଡ଼ି ଅଟକାଇ ପଚାରିଥିଲେ। ପିଲାଟି ଘର ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଉଚ୍ଛଦା ଗ୍ରାମର। ବାପା ନରୋତ୍ତମ ଓ ମାଆ କୌଶଲ୍ୟା ସୁତାର। ପରେ ଓଡ଼ିଶା ଡ୍ରାଇଭର ସଂଘ ମାଧ୍ୟମରେ ଜଣେ ଡ୍ରାଇଭର ବନ୍ଧୁଙ୍କ ସହଯୋଗରେ ପିଲାଟି କହୁଥିବା ତାଙ୍କ ଘର ଠିକଣା ଅନୁସାରେ ପରିବାର ଲୋକଙ୍କୁ ଖବର କରିଥିଲେ। ପୁଅକୁ ନେବା ପାଇଁ ମାଆ କୌଶଲ୍ୟା ଆସି ସୁଧାଂଶୁଙ୍କ ଘରେ ପହଞ୍ଚିଥିଲେ। ପୁଅଟି ସୋସୋ ଗ୍ରାମରେ ତା' ମାଉସୀ ଘରେ ପାଠ ପଢୁଛି ବୋଲି ମାଆ କୌଶଲ୍ୟା କହିଥିଲେ। ସବୁକଥା ବିଚାର କରି ଡ୍ରାଇଭର ସୁଧାଂଶୁ ଉଦ୍ଧାର କରିଥିବା ନାବାଳକକୁ କେବଳ ଥାନା ମାଧ୍ୟମରେ ହସ୍ତାନ୍ତର କରିବେ ବୋଲି କହିଥିଲେ। ପରେ ସୁଧାଂଶୁଙ୍କ ମାଆ ସହ ନାବାଳକର ମାଆ କୌଶଲ୍ୟା, କୌଶଲ୍ୟାଙ୍କ ସାଙ୍ଗରେ ଆସିଥିବା ହୃଦାନନ୍ଦ ଦାସ ଏବଂ ହାଟଡ଼ିହୀର ସକାଳ ପ୍ରତିନିଧି ସଞ୍ଜୀବ ମହାନ୍ତି ପ୍ରମୁଖ ପିଲାକୁ ନେଇ ଥାନାରେ ପହଞ୍ଚିଥିଲେ। କୌଶଲ୍ୟାଙ୍କ ଲିଖିତ ଶପଥନାମା ମାଧ୍ୟମରେ ଥାନା ଏଏସଆଇ ସୁଷମା ସୁନ୍ଦରୀ ସେଠୀ, କନେଷ୍ଟବଳ ନାରାୟଣ ସେଠୀଙ୍କ ଉପସ୍ଥିତିରେ କୌଶଲ୍ୟା ସୁତାରଙ୍କୁ ତାଙ୍କ ପୁଅକୁ ହସ୍ତାନ୍ତର କରାଯାଇଥିଲା।

## ପାନୀୟଜଳ ସମସ୍ୟାନେଇ ଦାବିପତ୍ର



କେନ୍ଦୁଝର,୫।୧(ସମିସ): କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ଗ୍ରାମର ଖମଣଗୋଡ଼ା ଏବଂ ରାଣୀଗୋଡ଼ା ସାହିରେ ପାନୀୟଜଳ ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ସମସ୍ୟାର ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ଏହାର ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ଏହି ଦୁଇ ସାହିରେ ପାଖାପାଖି ୨୦୦ ଲୋକ ବସବାସ କରୁଥିବାବେଳେ ପାନୀୟଜଳ ସୁବିଧା ନଥିବାରୁ ବାହାର ମଇଳା ପାଣି ପିଇବାକୁ ବାଧ୍ୟ ହେଉଥିବା ଅଭିଯୋଗ କରିଛନ୍ତି। ଯାହାଦ୍ୱାରା ସେମାନେ ବିଭିନ୍ନ ପ୍ରକାର ଜଳଜନିତ ରୋଗ ଏବଂ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଖରାଦିନ ଥିବାରୁ ଜଳକଷ୍ଟ ଅଧିକ ଦେଖାଦେଖା ଆଶଙ୍କା କରି ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି ଜଣାଇଛନ୍ତି। ବସୁଧା ଜଳ ମେଗା ପ୍ରକଳ୍ପ ଦ୍ୱାରା ଆଖପାଖ ଗାଁକୁ ଜଳଯୋଗାଣ ହେଉଥିଲେ ମଧ୍ୟ ଏହି ୨ ସାହିକୁ ପିଇବା ପାଣି ପହଞ୍ଚି ପାରୁନାହିଁ। ଫଳରେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ କରିବା ପାଇଁ ୱାର୍ଡମେମ୍ବର ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ବହୁ ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ପୁରୁଣା ଛାତ୍ରଛାତ୍ରୀଙ୍କ 'ବନ୍ଧୁ ପାଇଁ ଗଛଟିଏ'

ହାଟଡ଼ିହୀ,୫।୧(ସମିସ): ହାଟଡ଼ିହୀ ବ୍ଲକ୍ ମା' ଗଡ଼ଚଣ୍ଡୀଙ୍କ ପରିସରରେ ମୁଗୁପୁର ହାଇସ୍କୁଲର ୨୦୦୭ ମାଟ୍ରିକ୍ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଅବସରରେ "ବନ୍ଧୁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ଆଶୀର୍ବାଦ ଓଝା ଓ ସୁଧାଂଶୁ ଶେଖର ସାହୁଙ୍କ ସଫଳ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ସୁଶାନ୍ତ, ଦେବରଞ୍ଜନ, ବଳରାମ, ଆଶୀର୍ବାଦ, ସୁଧାଂଶୁ, ରାଜୁ, ନିଶିକାନ୍ତ, ଅବନୀ, ସୁନିତ, ନିରାକାର, ଜଗବନ୍ଧୁ, ସସ୍ମିତା, ଲିଜା, ଠୁନୁ, ଅନିତା, ଦୀପା, କୁଲୁରୁ, ପିଙ୍କି, ରମାକାନ୍ତ, ନୀଳମଣି, ଟୁଲୁ, ନିରଞ୍ଜନ, ଦୁଷ୍ମନ୍ତ ଓ ସୌମ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ "ବନ୍ଧୁ ପାଇଁ ଗଛଟିଏ" ଭାବନାକୁ ଆଧାର କରି ସମସ୍ତଙ୍କ ସହଭାଗିତାରେ ଆସନ୍ତା ୧୦ତାରିଖରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇ ପରିବେଶ ସୁରକ୍ଷାର ସନ୍ଦେଶ ଦେବେ ବୋଲି ଆଶୀର୍ବାଦ ଓଝା କହିଛନ୍ତି।

## ଗାନ୍ଧୀବାବୁଙ୍କୁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଶ୍ରଦ୍ଧାଞ୍ଜଳି



ବାରିପଦା, ୫।୧(ସମିସ): ବିଶିଷ୍ଟ ଆଇନଜୀବୀ, ସମାଜସେବୀ, ଦକ୍ଷ ସଂଗଠକ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ପ୍ରାକ୍ତନ ସାଧାରଣ ସମ୍ପାଦକ ଅରବିନ୍ଦ ଦାସ (ଗାନ୍ଧୀ ବାବୁ)ଙ୍କ ଦେହାନ୍ତ ଖବର ପାଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା। ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ ଦାସ, ବରିଷ୍ଠ ସଦସ୍ୟ ଜୀବନ ସାହୁ, ନିମାଇଁ ଚନ୍ଦ୍ର ଜେନା, ଲଲାଟେନ୍ଦୁ ବେହେରା, ବ୍ରଜରଞ୍ଜନ ପରିଛା, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହସମ୍ପାଦକ ଅମର ସେଠୀ, ରବୀନ୍ଦ୍ର ମହାନ୍ତି, ଅମ୍ବିକା ରାଉତ ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହିତ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ପତାକାକୁ ତାଙ୍କ ମରଶରୀର ଉପରେ ରଖି ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ସେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇ ୨୦୦୯ ପର୍ଯ୍ୟନ୍ତ ସୁସଂଗଠିତ ଭାବେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଇଥିଲେ। ତାଙ୍କ ନେତୃତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ, କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଖେଳକୁଦ ପ୍ରତିଯୋଗିତା ଉଲ୍ଲେଖନୀୟ ଓ ପରବର୍ତ୍ତୀ କର୍ମକର୍ତ୍ତା ଜିଲ୍ଲାରେ କ୍ରୀଡ଼ା ସହ ବାରିପଦା ଷ୍ଟାଡିୟମର ବିକାଶ କ୍ଷେତ୍ରରେ ଉନ୍ନତି ପାଇଁ ସଦାସର୍ବଦା ତାଙ୍କର ଉପଦେଶ ଲୋଡୁଥିଲେ। ତାଙ୍କ ଦେହାନ୍ତ ପରେ ମୟୂରଭଞ୍ଜ କ୍ରୀଡ଼ା ଜଗତରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବରିଷ୍ଠ ସଦସ୍ୟ ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

## ଶିକ୍ଷକ ମାଗୁଛନ୍ତି ଆଧାର କାର୍ଡ

## ମାନସିକ ଚାପ ଯୋଗୁଁ ବିଦ୍ୟାଳୟକୁ ଯାଉନାହାନ୍ତି ପିଲା



ପିଙ୍ଗୁ,୫।୧(ସମିସ): ଶିକ୍ଷକ ବାରମ୍ବାର ଆଧାର କାର୍ଡ ମାଗୁଥିବାରୁ କପ୍ତିପଦା ବ୍ଲକର ଶାଳଚୁଆ ପଞ୍ଚାୟତ ଅନ୍ତର୍ଗତ ସୋଲଗଡ଼ିଆ ଗ୍ରାମରେ ଥିବା ଚିରୁପଦା (ମାଝୀସାହି)ର ପିଲା ବିଦ୍ୟାଳୟ ଯିବାକୁ ଅମଙ୍ଗ ହେଉଛନ୍ତି। ଏହି ଗ୍ରାମର ବାସିନ୍ଦା ରାବଣ ହାଁସଦାଙ୍କ ୧୧ ବର୍ଷର ପୁଅ ସଞ୍ଜୀବ ଓ ୭ ବର୍ଷର ପୁଅ ରଣଜିତ ଆଜକୁ ଗୋଟିଏ ବର୍ଷ ଧରି ବିଦ୍ୟାଳୟକୁ ଯାଉ ନ ଥିବା କଥା ଗଣମାଧ୍ୟମକୁ ପରିବାରର ଲୋକେ ଜଣାଇଛନ୍ତି। ଏ ସମ୍ପର୍କରେ ସିଧାସଳଖ ରାବଣ ହାଁସଦାଙ୍କୁ ପଚାରିବାରୁ ସେ କହିଲେ, ଗ୍ରାମ ନିକଟରେ ଥିବା ସରକାରୀ ବିଦ୍ୟାଳୟରେ ତାଙ୍କର ଦୁଇପୁତ୍ର ନାମ ଲେଖାଇଛନ୍ତି। ବିଦ୍ୟାଳୟରେ ଶିକ୍ଷକ ପିଲାମାନଙ୍କୁ ନିୟମିତ ଆଧାର କାଡର୍ ମାଗିବାରୁ ମାନସିକ ଚାପରେ ଆଜକୁ ଗୋଟିଏ ବର୍ଷ ଧରି ପିଲାଏ ବିଦ୍ୟାଳୟ ଯାଉନାହାନ୍ତି। ବିଦ୍ୟାଳୟ ଉପସ୍ଥାନ ଖାତାରେ ଏହି ପିଲାଙ୍କ ନାମ ଗଡ଼ିଚାଲିଛି କି କଟିଯାଇଛି ତାହା ତାଙ୍କୁ ଜଣା ନ ଥିବା କହିଛନ୍ତି। ସେହିପରି ପରିବାରକୁ ମିଳିଥିବା ରାସନ କାଡର୍‌ରେ ପିଲାଙ୍କ ନାମ ଯୋଡ଼ା ଯାଇପାରୁ ନ ଥିବାରୁ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା ଚାଉଳ ପାଇବାରୁ ଉକ୍ତ ଦୁଇପୁତ୍ର ବଞ୍ଚିତ ଥିବାର ଜଣାଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଚୋରା ଗାଡ଼ି ଜବତ

ରାଇରଙ୍ଗପୁର,୫।୧(ସମିସ): ତିରିଂ ଥାନା ପୁଲିସ ପକ୍ଷରୁ ବିଭିନ୍ନ ସମୟରେ ଚୋରି ହୋଇଥିବା ଗାଡ଼ି ଜବତ କରିବାରେ ସଫଳତା ମିଳିଛି। ଚଢ଼ଉ କରି ୨ଟି ଟ୍ରାକ୍ଟର, ଗୋଟିଏ ଅଟୋ ଓ ଗୋଟିଏ ବ୍ୟାଟେରୀ ସ୍କୁଟି ଜବତ କରାଯାଇଛି। ତିରିଂ ଥାନା ଅଧିକାରୀ ପ୍ରଶାନ୍ତ ଜେନା ପାଟ୍ରୋଲିଂ କରିବା ବେଳେ ଗାଡ଼ି ଚୋର ଗ୍ୟାଙ୍ଗ ବାବଦରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଯାହାକୁ ନେଇ ଟିମ ସହ ଲୁଫୁ ଗ୍ରାମର ମାଝିଆ ଟୁଡୁ ଓରଫ ପ୍ରେମଙ୍କ ଘରେ ଚଢ଼ଉ କରିଥିଲେ। ସେ ଘରେ ଅନୁପସ୍ଥିତ ଥିବାବେଳେ ଘର ପଛରେ ଉକ୍ତ ଗାଡ଼ି ଥିବା ଦେଖିଥିଲେ। ସମସ୍ତ ଗାଡ଼ିର କାଗଜପତ୍ର ଦେଖାଇବାକୁ କହିବାରୁ ସେ ତାହା ଦେଖାଇବାରେ ବିଫଳ ହୋଇଛନ୍ତି। ଗାଡିଗୁଡ଼ିକ ଚୋରି କରି ବିକ୍ରି କରିବାକୁ ଯୋଜନା କରୁଥିବା ପୁଲିସ ସନ୍ଦେହ କରିଛି। ଯାହାକୁ ନେଇ ଗାଡି ଜବତ କରି ପୁଲିସ ତଦନ୍ତ ଜାରି ରଖିଛି।

## ବିବେକାନନ୍ଦ ପାଠକ ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ



ହାଟଡ଼ିହୀ,୫।୧(ସମିସ): କେନ୍ଦୁଝର ଜିଲ୍ଲା ନୂଆରମ୍ପାସ୍ଥିତ ବିବେକାନନ୍ଦ ପାଠକ ମଞ୍ଚର ଏକବିଂଶତିତମ ସ୍ୱନକ୍ଷତ୍ର ଉତ୍ସବ ବଡ଼ରମ୍ପାସ ଜପିଦାସ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବ୍ଲକ୍ ଅଧୀନ ପ୍ରାୟ ୪୦ଟି ବିଦ୍ୟାଳୟରୁ ୪ଶହ ପିଲା ଶ୍ରେଷ୍ଠ ପାଠକ ଚୟନ, ଓଡ଼ିଆ ଭାଷା ଜ୍ଞାନ, ଆଶୁ ଓଡ଼ିଆ କବିତା ଲିଖନ, ଗୀତ, ହାସ୍ୟ ବ୍ୟଙ୍ଗ, ପ୍ରଶ୍ନମଞ୍ଚ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶ୍ରେଷ୍ଠ ପାଠକ ଚୟନରେ ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ ଓ ଆନନ୍ଦପୁର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରଘୁଦୀପ୍ତି ନାୟକ, ଗୀତ ପ୍ରତିଯୋଗିତାରେ ଗୁରୁ ବାମନ ଚରଣ ପ୍ରଧାନ ଓ ରବିନାରାୟଣ ପଟ୍ଟନାୟକ, ହାସ୍ୟ ବ୍ୟଙ୍ଗରେ ଅଭିମନ୍ୟୁ ସାହୁ ଓ ଲିଟୁନ ବଳ ପ୍ରମୁଖ ବିଚାରକ ଥିଲେ। ସୁଶୀଳ ଶୁଭଦୀପ ଓ ଶୁଭଶ୍ରୀ ତନିମା ନାୟକ ପ୍ରଶ୍ନମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟ ସଞ୍ଚାଳକ ଭାବେ ଯୁବ ସମାଜସେବୀ ଧୀରେନ୍ଦ୍ର ଖଟୁଆ ରହିଥିଲା ବେଳେ ବର୍ଷୀୟାନ୍ ଶିକ୍ଷକ ରଘୁନାଥ ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ହାଟଡିହୀ ଶିକ୍ଷା ମଣ୍ଡଳର ଶିକ୍ଷାଧିକାରୀ ରାଜୀବ ଦଳେଇ, ବର୍ଷିୟାନ ଶିକ୍ଷକ ଅକ୍ଷୟ ଜେନା, ନାରାୟଣ ଲେଙ୍କା, ବିନୋଦ ପଣ୍ଡା, ହାସ୍ୟମୟୀ ରାଜ, ଦୀପ୍ତି ଦେବଦର୍ଶିନୀ ସୁତାର ଓ ପ୍ରଫେସର ଗୋପାଳକୃଷ୍ଣ ପ୍ରଧାନ ପଠନ ସଂସ୍କୃତିର ବୃଦ୍ଧି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବହୁସଂଖ୍ୟକ ଅଭିଭାବକ ପିତାମାତା ଓ ଜନସାଧାରଣ ସମାରୋହରେ ସାମିଲ ହୋଇଥିଲେ।

## ପୋଖରୀରେ ବୁଡ଼ି ନାବାଳିକା ମୃତ

ଯୋଡ଼ା,୫।୧(ସମିସ): କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ନାଡ଼ାପାଣି ଗ୍ରାମ୍ୟ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଥାନା ଆଇଆଇସି ଓସକେତନ ଭୋଇଙ୍କ ସୂଚନା ଅନୁଯାୟୀ, ସୋମବାର ସକାଳେ ଉକ୍ତ ଗ୍ରାମର ୧୪ ବର୍ଷୀୟା ନାବାଳିକା ଗାଧେଇବାକୁ ଯାଇଥିଲେ। କୌଣସି କାରଣରୁ ଗୋଡ଼ ଖସିଯିବାରୁ ପୋଖରୀ ମଧ୍ୟକୁ ଯାଇ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏନେଇ ଖବର ଦେବା ପରେ ପୁଲିସ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। ବାମେବାରି ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୧/୨୦୨୬ ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

## ରାତୁଆଁ ମଦ ଭାଟିରେ ଚଢ଼ଉ

ଆନନ୍ଦପୁର, ୫।୧(ସମିସ): ଆନନ୍ଦପୁର ଥାନା ଅନ୍ତର୍ଗତ କୋଡପଡ଼ା ପଞ୍ଚାୟତ ରାତୁଆଁ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ହୋଇଛି। ୩୦୦୦ କେଜି ପୋଚ ନଷ୍ଟ କରାଯାଇଥିବା ବେଳେ ୨୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଉକ୍ତ ଅଞ୍ଚଳରେ ଏଭଳି ଏକ ବେଆଇନ ଦେଶୀ ମଦ ଭାଟି ଚାଲିଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। କେନ୍ଦୁଝର ଅବକାରୀ ବିଭାଗ ଅଧୀକ୍ଷକ ତେଜରାଜ ଜେନିଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଅବକାରୀ ଇନ୍ସପେକ୍ଟର ବ୍ରଜଗୋବିନ୍ଦ ମଲ୍ଲିକ, ଏସଆଇ ପ୍ରିୟମ୍ବଦା ଓଝା, ଏଏସଆଇ ସୁଭସ୍ମିତା ପ୍ରଧାନ, କନେଷ୍ଟବଳ ସଞ୍ଜୀବ ସେଠୀ, ଜଗମୋହନ ବେହେରା ଓ ରେବତୀ ସାହୁ ପ୍ରମୁଖ ଚଢ଼ଉ ଦଳରେ ସାମିଲ ଥିଲେ।

## ଅଙ୍କୁରା ଘାଟରେ ଚଢ଼ଉ; ୪ ବାଲି ଟ୍ରାକ୍ଟର ଜବତ

ତୁରୁମୁଙ୍ଗା, ୫।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଟାଙ୍ଗରପଡା ଆରଆଇ ସର୍କଲ ଅଙ୍କୁରା ବୈତରଣୀ ନଦୀ ବାଲି ଘାଟରୁ ଟ୍ରାକ୍ଟର ଯୋଗେ ବେଆଇନ ବାଲି ଚୋରା ଚାଲାଣ ସମୟରେ ସୋମବାର ଅପରାହ୍ଣରେ ପାଟଣା ପୁଲିସ ଓ ବନ ବିଭାଗର ମିଳିତ ଟିମ୍ ଚଢ଼ଉ କରିଛନ୍ତି। ୪ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଜବତ ଟ୍ରାକ୍ଟରକୁ ରେଞ୍ଜ କାର୍ଯ୍ୟାଳୟ ଓ ପାଟଣା ଥାନାରେ ରଖାଯାଇ ଦୁଇଟି ମାମଲାରେ ତଦନ୍ତ ଜାରି ରହିଛି। ଗୋଟିଏ ଖାଲି ଟ୍ରାକ୍ଟରକୁ ଛାଡି ଦିଆଯାଇଛି। ଚଢ଼ଉରେ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ସମେତ ପାରା ଷ୍ଟାଫ୍ ସାମିଲ ଥିଲେ।

## ପରିବହନ ଓ ପୁଲିସ ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ

ମହୁଲଡିହା,୫।୧ (ସମିସ): ମଦ ନିଶାରେ ଗାଡ଼ି ଚଲାଇବା ଅପରାଧରେ ଗୋଟିଏ ଆର୍ଟିକା ଓ ୨ଟି ବାଇକ ଜବତ ହୋଇଛି। ୫୩ନଂ ରାଜ୍ୟ ରାଜପଥର ଚିଆଁବେଡା ଛକରେ ପରିବହନ ବିଭାଗ ଓ ମହୁଲଡିହା ଥାନା ପୁଲିସ ପକ୍ଷରୁ ଯାଞ୍ଚ କରାଯାଉଥିଲା। ଏହି ମିଳିତ ଯାଞ୍ଚ ସମୟରେ ୩ ଜଣ ଚାଳକ ତୁଙ୍ଗା ଫୁଙ୍କି ପାରି ନ ଥିଲେ। ସେମାନେ ମଦ ନିଶାରେ ଥିବା ଦେଖିବାକୁ ପାଇଥିଲେ ଯାଞ୍ଚ ଅଧିକାରୀ। ମହୁଲଡିହା ଥାନାରେ ତିନିଜଣ ଚାଳକଙ୍କ ନାମରେ ମୋକଦ୍ଦମା ରୁଜୁ ହେବା ସହ ଗାଡ଼ି ଜବତ ହୋଇଛି। ଏହି ଯାଞ୍ଚରେ ରାଇରଙ୍ଗପୁର ପରିବହନ ବିଭାଗ ଓ ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତରା ସମେତ ଥାନାର ଅନ୍ୟାନ୍ୟ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

## କେଶଦୁରାପାଳ ସ୍ୱାସ୍ଥ୍ୟକେନ୍ଦ୍ର: ଡାକ୍ତରଙ୍କୁ 'ହାରାସମେଣ୍ଟ' ଅଭିଯୋଗ

ଆନନ୍ଦପୁର, ୫।୧ (ସମିସ): ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିବା ପରେ ଚର୍ଚ୍ଚାର ବିଷୟ ହୋଇଛି। ଡାକ୍ତର ସୌଭାଗ୍ୟ ରଞ୍ଜନ କରଙ୍କ ମା' ବୋଲି ପରିଚୟ ଦେଇ ଜଣେ ମହିଳା କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେ କହିଥିଲେ ଯେ ତାଙ୍କ ପୁଅ ସୌଭାଗ୍ୟଙ୍କୁ ହାରାସ୍‌ମେଣ୍ଟ (ନିର୍ଯାତନା) ଦିଆଯାଉଛି। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ସୌଭାଗ୍ୟ ରଞ୍ଜନଙ୍କୁ ଡାକ୍ତରଖାନାକୁ ଡ୍ୟୁଟି କରିବାକୁ ପ୍ରବେଶ କରାଇ ଦେଉନାହାନ୍ତି। ଏପରିକି ପଇସା ଦେଲେ ଓପିଡିରେ ଚିକିତ୍ସା କରାଇ ନଦେବାକୁ କୁହାଯାଉଥିବା ମହିଳା ଜଣକ କହିଛନ୍ତି। ଘଟଣାକୁ ନେଇ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ରାଜେନ୍ଦ୍ର ମୁର୍ମୁଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଏହିଭଳି ଘଟଣାର କୌଣସି ସତ୍ୟତା ନାହିଁ। ଦୁଇ ଥର ତାଙ୍କୁ ଚିଠି କରିଛୁ କାର୍ଯ୍ୟରେ ଯୋଗଦେବା ପାଇଁ, ହେଲେ ସେ ଆସୁନାହାନ୍ତି ବୋଲି ପ୍ରତ୍ୟୁତ୍ତର ଦେଇଛନ୍ତି। ସୂଚନାଯୋଗ୍ୟ ଡାକ୍ତର ସୌଭାଗ୍ୟ ରଞ୍ଜନ କରଙ୍କୁ ଡିଏମ୍‌ଏଫ ସହାୟତାରେ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହର ଦୁଇ ଦିନ ଚିକିତ୍ସା ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି।

## ଉପଖଣ୍ଡ ଟ୍ରକ୍ ମାଲିକଙ୍କ ବନ୍ଧୁ ମିଳନ



ଚମ୍ପୁଆ, ୫।୧(ସମିସ): ଚମ୍ପୁଆସ୍ଥିତ ପବିତ୍ର ବୈତରଣୀ ନଦୀ ରାମତୀର୍ଥଠାରେ ଚମ୍ପୁଆ ଟ୍ରକ ମାଲିକ ତଫସିର ଆଲାମ, ପରବିନ ରାମ, ଅମିତ ପଣ୍ଡା, କୃଷ୍ଣ ସାହୁ, ଏମଡି ଫାଇଜାନ, ସୁରେନ୍ଦ୍ର ସାହୁ ଓ ଖୁସିଦ ଆଲାମଙ୍କ ମିଳିତ ସହଯୋଗରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଟ୍ରକ ମାଲିକ ସଂଘ ନିର୍ବାଚନକୁ ନେଇ ଏହି ବନ୍ଧୁ ମିଳନ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ପ୍ରାୟ ୬୦ ଟ୍ରକ ମାଲିକ ଏଥିରେ ଯୋଗ ଦେଇଥିଲେ। ମାଲ ପରିବହନ ନେଇ ଉପୁଜୁଥିବା ସମସ୍ୟା ଓ ଚମ୍ପୁଆ ଟ୍ରକ ମାଲିକଙ୍କୁ ଅଣଦେଖାକୁ ନେଇ ଅସନ୍ତୋଷ ରହିଥିବା ବେଳେ ଅଧାରୁ ଅଧିକ ଟ୍ରକ ମାଲିକ ନିୟମିତ ପରିବହନ ସୁବିଧା ପାଉ ନଥିବା ନେଇ ଆଲୋଚନା କରାଯାଇଥିଲା। ସବୁ ସମୟରେ ଟ୍ରକ ମାଲିକମାନେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟପକ୍ଷରେ ଏହି ବନ୍ଧୁ ମିଳନ ଚମ୍ପୁଆ ଟ୍ରକ ମାଲିକଙ୍କୁ ଏକତାସୂତ୍ରରେ ବାନ୍ଧି ରଖିବା ଲକ୍ଷ୍ୟ ନେଇ ଆୟୋଜନ କରାଯାଇଥିବା ବେଳେ ଟ୍ରକ ମାଲିକମାନେ ପରସ୍ପରକୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ।

## ରୟାଲ୍ସ ପ୍ରିମିୟର ଲିଗ୍‌ର ତୃତୀୟ ଦିବସ ମ୍ୟାଚ୍



ବାରିପଦା, ୫।୧(ସମିସ): ଷ୍ଟେସନ ଆଥଲେଟିକ ଆସୋସିଏସନ ପକ୍ଷରୁ ଚାଲିଥିବା ଏକାଦଶତମ ରୟାଲ୍ସ ପ୍ରିମିୟର ଲିଗ୍‌ର ତୃତୀୟ ଦିବସରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ କାଶୀନାଥ ରଣା ଓ ସମ୍ମାନିତ ଅତିଥି ଭାବେ ବାରିପଦା କ୍ରିକେଟ ଏକାଡେମୀ ସମ୍ପାଦକ ସୁଶାନ୍ତ ଦାସ, ଏପି ଟ୍ରେଡ଼ର ମାଲିକ ଅଯୋଧ୍ୟା ପୂର୍ତ୍ତି ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଆଥଲେଟିକ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ କ୍ଲବ୍‌ର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ଜଗନ୍ନାଥ ୱାରିୟର୍ ୭ ୱିକେଟରେ ଏମର୍ଜିଂ ଟାଇଟନ ଦଳକୁ ପରାସ୍ତ କରିଥିଲା ଓ ଯଶୋବନ୍ତ ମାଝୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ପରି ଚ୍ୟାଲେଞ୍ଜର ୭ ୱିକେଟରେ ଆଞ୍ଚୋଲ ରଣା ଦଳକୁ ପରାସ୍ତ କରିଥିଲା। ଅଭିଜିତ ବାରିକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚରେ ମା' ଅମ୍ବିକା ସୁପର ସ୍ମାସର ଦଳ ୯ ରନରେ ଭି ରୋର ଦଳକୁ ପରାସ୍ତ କରିଥିଲା ଓ ପ୍ରୀତିଦେବ ଜେନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚତୁର୍ଥ ମ୍ୟାଚରେ ମା ତାରିଣୀ ୱାରିୟର ୧୧ ରନରେ ଥ୍ରୀଲୋର ଦଳକୁ ପରାସ୍ତ କରିଥିଲା ଓ ରଥୁ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଳିଆ ଓ ତାପସ ଦେ ଖେଳ ପରିଚାଳନା କରିଥିଲେ।

# ଆମ କପ୍ତିପଦା ମହୋତ୍ସବ ପାଇଁ ଚୂଡ଼ାନ୍ତ ବୈଠକ

କପ୍ତିପଦା,୫।୧(ସମିସ)



ଆସନ୍ତା ୯ ତାରିଖରେ ଆରମ୍ଭ ହେବାକୁ ଥିବା ଆମ କପ୍ତିପଦା ମହୋତ୍ସବର ଚୂଡ଼ାନ୍ତ ବୈଠକ ବିଧାୟକ ଭାସ୍କର ମଢେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ମା'କୁ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ରେଶମା ଟେଟେ, ତହସିଲଦାର ଆଶିଷ ମହାପାତ୍ର, ଉପଦେଷ୍ଟା ପ୍ରବୀର ଚନ୍ଦ୍ର ସାଏ, ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସ୍ୱୟଂସହାୟିକା ଗୋଷ୍ଠୀ, ସାମ୍ବାଦିକ ଓ ସ୍ୱେଚ୍ଛାସେବୀ, ଯୁବକମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ହେବାକୁ ଥିବା ମହୋତ୍ସବ କିଭଳି ଶୃଙ୍ଖଳିତ ଭାବେ ହୋଇପାରିବ, ସେନେଇ ବିଧାୟକ ସମସ୍ତଙ୍କୁ ଜଣାଇବା ସହିତ ମୁଁ କପ୍ତିପଦା ବ୍ଲକ୍‌ର ଜଣେ ସଦସ୍ୟ ଓ ଏହି ବ୍ଲକ୍‌ର ବାସିନ୍ଦା। ୨୬ଟି ପଞ୍ଚାୟତକୁ ନେଇ ଗଠିତ ଏଇ ବ୍ଲକର କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ଏହି ମହୋତ୍ସବ ପାଳିତ ହେଉଛି। କରୋନା କଟକଣା ପାଇଁ ଏହା ବନ୍ଦ ହୋଇଯାଇଥିଲା। ଏ ବର୍ଷଠାରୁ ପୁଣି ନୂତନ ଭାବେ ଆରମ୍ଭ ହେଉଛି। ମୟୂରଭଞ୍ଜର ଲୁପ୍ତପ୍ରାୟ କଳା, ଲୁକ୍କାୟିତ କଳା ସଂସ୍କୃତିକୁ ଫେରାଇ ଆଣିବା ପାଇଁ ମହୋତ୍ସବ ଏକ ମାଧ୍ୟମ। ଏହାକୁ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ଏହାକୁ ବ୍ୟାପକ କରିବା ସହିତ ନାମିଦାମୀ କଳାକାରଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପ୍ରକାଶ କରିଥିଲେ। ସଭାପତି ତପନ ବାରିକ ଆସନ୍ତା ୯,୧୦, ଓ ୧୧ ତାରିଖ ଧାର୍ଯ୍ୟ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ୯ ତାରିଖ ମଧ୍ୟାହ୍ନରେ ଜଗନ୍ନାଥ ମନ୍ଦିରଠାରୁ ବାହାରି ହାଇସ୍କୁଲ ପର୍ଯ୍ୟନ୍ତ ଏକ ନଗର ପରିକ୍ରମା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସାଧାରଣ ସଭାରେ ଜିଲ୍ଲାରୁ ରାଜନେତା, ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀ ଯୋଗଦେବେ। ପରେ ପ୍ରତିଦିନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୯ ତାରିଖରେ ସୁନାମଧନ୍ୟ ଗାୟିକା ଶୁଭଶ୍ରୀ, ୧୦ରେ ବଙ୍ଗୀୟ ଗାୟିକା ଶର୍ମିଷ୍ଠା ସରକାର ଓ ୧୧ରେ ଗାୟିକା ଅଙ୍କିତା ପାତ୍ର, ଆଦିବାସୀ ଗାୟିକା ପାରାୟନୀ ସୋରେନ ଓ ବହୁଚର୍ଚ୍ଚିତ ଆଦିବାସୀ ସଂଗୀତ "ମାଙ୍ଗବୁରୁ ଆମୋଦ ଓକାରେ' ଗୀତର ଗାୟକ ମଙ୍ଗଲ ହାଁସଦା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭଗୀରଥ ଦେହୁରୀ ପୂର୍ବରୁ ଶୃଙ୍ଖଳାର ସହ ହୋଇଥିବା ମହୋତ୍ସବ ସମ୍ପର୍କରେ ଆଲୋଚନା କରି ଏବର୍ଷ ଶୃଙ୍ଖଳାର ସହ ଏହା ପାଳନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଦିନ ଅଞ୍ଚଳର ଚର୍ଚ୍ଚିତ ଛାତ୍ରଛାତ୍ରୀ, ବ୍ୟୋଜ୍ୟେଷ୍ଠ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ସହିତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ବିଭାଗରେ ଜଣେ ଜଣେ କର୍ମୀଙ୍କୁ ଦାୟିତ୍ୱ ଦିଆଯିବ ବୋଲି ସଭାପତି ମା'କୁ ସିଂ ପ୍ରକାଶ କରିଛନ୍ତି। ଶିକ୍ଷକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଶୁଭ ଖବର ମିଳିପାରେ। ପରିବାର ସଦସ୍ୟଙ୍କ ସହିତ ସମୟ ବିତାଇବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ଭଲ ରହିବ। ଭାଗ୍ୟ ଆପଣଙ୍କୁ ପୁରା ସାଥ୍ ଦେବ। ମାତାପିତାଙ୍କ ଆଶୀର୍ବାଦରୁ ଅଟକିଥିବା କାମ ପୂରା ହେବ। ଦୂରସ୍ଥାନକୁ ବୁଲିବାକୁ ଯାଇପାରନ୍ତି।

**ମିଥୁନ:** ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ସିଂହ:** ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ।

**କନ୍ୟା:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡୋଶୀଙ୍କ ସହ ସୁସମ୍ପର୍କ ବୃଦ୍ଧି ପାଇବ। ବନ୍ଧୁମିଳନ ଯୋଗ ରହିଛି। କିଛି ନୂଆ କରିବାକୁ ଚିନ୍ତା କରିବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ମଜାମସ୍ତି କରିବେ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବିଛା:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଲାଭବାନ ହେବେ।

**ଧନୁ:** ଦିନଟି ବ୍ୟସ୍ତଭିତରେ କଟିବ। ଶାରୀରିକ ସମସ୍ୟା ଦେଖା ଦେଇପାରେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ବନ୍ଧୁଙ୍କ ସହିତ ଦୂର ସ୍ଥାନ ବୁଲିବାକୁ ଯାଇପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିବ।

**ମକର:** ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଇଚ୍ଛା ମୁତାବକ କାମ କରନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ଅନ୍ୟକୁ ସାହାଯ୍ୟର ହାତ ବଢ଼ାଇ ପ୍ରଶଂସିତ ହୋଇପାରନ୍ତି। ଅଟକିଥିବା କାମ ପୂରା ହେବ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ।

**ମୀନ:** ଦିନଟି ଉତ୍ସାହପୂର୍ଣ୍ଣ ରହିବ। ଅଟକିଥିବା କାମ ପୂରା ହେବ। ଅଚାନକ ଖୁସି ଖବର ପାଇପାରନ୍ତି। ଅଫିସ୍‌ରେ ଭାବିଚିନ୍ତି କଥା କୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଦୀର୍ଘ ବର୍ଷ ପରେ ସାକ୍ଷାତ ହେବ।

- ୧୯୦୭-ରୋମ୍‌ରେ ପ୍ରଥମ ଥର ଡେ' କେୟାର ସେଣ୍ଟରର ଆରମ୍ଭ ହେଲା।
- ୧୯୨୯- ମଦର ଟେରେସା ରୋଗୀ ସେବା ପାଇଁ କଲିକତା ଆସିଲେ।
- ୧୯୪୬- ଭିଏତ୍‌ନାମରେ ପ୍ରଥମ ସାଧାରଣ ନିର୍ବାଚନ ଆରମ୍ଭ ହେଲା।
- ୧୯୬୭- ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍ ରେହମାନ୍‌ଙ୍କ ଜନ୍ମ।
- ୨୦୧୬- ଉତ୍ତର କୋରିଆ ସଫଳତା ପୂର୍ବକ ଥର୍ମୋନ୍ୟୁକ୍ଲିୟର୍ ହତିଆରର ପରୀକ୍ଷା କଲା।
- ୨୦୧୭- ହିନ୍ଦୀ ଫିଲ୍ମ ଅଭିନେତା ଓମ୍‌ପୁରୀଙ୍କ ଦେହାନ୍ତ।



## ଘୁଞ୍ଚିଲା 'ମେରେ ରହୋ'ର ରିଲିଜ୍


ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ପୁଅ ଜୁନୈଦ ଖାନ୍ ଓ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ 'ମେରେ ରହୋ' ଫିଲ୍ମରେ ଏକାଠି ନଜର ଆସିଥାନ୍ତେ। ଏହାର ସୁଟିଂ ଗତ ଅପ୍ରେଲ୍ ମାସରେ ସରି ଯାଇଥିଲା। ଡିସେମ୍ବର ୧୨ ତାରିଖରେ ଏହି ଫିଲ୍ମକୁ ରିଲିଜ୍ କରାଯାଇଥାନ୍ତା। ହେଲେ ଗତ ଡିସେମ୍ବର ମାସରେ ବିଗ୍ ବଜେଟ୍‌ର ଫିଲ୍ମଗୁଡ଼ିକ ରିଲିଜ୍ ହେବାରୁ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଥିବା ଜଣାପଡ଼ିଛି। ଡିସେମ୍ବରରେ 'ଧୁରନ୍ଧର' ରିଲିଜ୍ ହେବା ପରଠାରୁ ଏହା ବକ୍ସ ଅଫିସ୍‌କୁ କବ୍‌ଜା କରି ନେଇଛି। ଏହାର ଠିକ୍ ପରେ କାର୍ତ୍ତିକ୍ ଆର୍ଯ୍ୟନ୍ ଓ ଅନନ୍ୟା ପାଣ୍ଡେଙ୍କ ରୋମାଣ୍ଟିକ୍ କମେଡି ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି' ରିଲିଜ୍ ହୋଇଥିଲା। 'ଧୁରନ୍ଧର'ର ସଫଳତା ଆଗରେ କାର୍ତ୍ତିକ୍‌ଙ୍କ ଫିଲ୍ମ ମଧ ମାତ୍ ଖାଇ ଯାଇଛି। ଅପରପକ୍ଷରେ 'ମେରେ ରହୋ'ର ପ୍ରଯୋଜନା ଦାୟିତ୍ୱରେ ଅମିର୍ ଖାନ୍‌ଙ୍କ ପ୍ରଡକ୍ସନ୍ ହାଉସ୍ ରହିଛି। ଅମିର୍ ମଧ ଏହାର ପ୍ରମୋସନ୍ ଦାୟିତ୍ୱରେ ଅଛନ୍ତି। ତେଣୁ ଅମିର୍ ବକ୍ସ ଅଫିସ୍ ସ୍ଥିତିକୁ ଦେଖି ଏହାର ରିଲିଜ୍‌କୁ ଘୁଞ୍ଚାଇ ଦେଇଥିବା ଜଣାପଡ଼ିଛି। ଏହା ଏବେ ଆସନ୍ତା ଜୁଲାଇ ମାସରେ ପରଦାକୁ ଆସିବ ବୋଲି ଜଣାପଡ଼ିଛି। ଜୁନୈଦ ଶେଷଥର ପାଇଁ 'ଲଭ୍‌ୟାପା' ଫିଲ୍ମରେ ନଜର ଆସିଥିଲେ। 'ମେରେ ରହୋ' ତାଙ୍କର ଦ୍ୱିତୀୟ ଫିଲ୍ମ ହେବ। ସେହିଭଳି ସାଇପଲ୍ଲବୀ 'ମେରେ ରହୋ' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବେ।

## ୬୭ ଲେଖିଲେ ହଲୁଛି ସ୍କ୍ରିନ୍




ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳୁଛି ଗୁଗଲରେ ଏକ ସ୍ୱତନ୍ତ୍ର ସଂଖ୍ୟା ସର୍ଚ୍ଚ କରିବା ଦ୍ୱାରା ମୋବାଇଲ କିମ୍ବା କମ୍ପ୍ୟୁଟରର ସ୍କ୍ରିନ୍ ହଲୁଛି। ଭୂମିକମ୍ପ ସମୟରେ ଯେପରି ସ୍ଥିତି ଦେଖାଯାଏ ଏହା କିଛି ସେଭଳି ଅନୁଭୂତି ଦେଉଛି। ତେବେ ଏହା ହେଉଛି ଗୁଗଲର ଏକ ପ୍ରାଙ୍କ୍। ଏଥିରେ ଦେଖିବାକୁ ମିଳୁଛି ଯେ, ଗୁଗଲରେ ୬୭ ସଂଖ୍ୟା ଟାଇପ୍ କରି ସର୍ଚ୍ଚ କରିବା ଦ୍ୱାରା ମୋବାଇଲ କିମ୍ବା କମ୍ପ୍ୟୁଟରର ସ୍କ୍ରିନ୍ ହଲିବା ଆରମ୍ଭ କରୁଛି। କିଛି ଲୋକ ଗୁଗଲର ଏହି ଟ୍ରେଣ୍ଡକୁ ପରୀକ୍ଷା କରୁଛନ୍ତି। ପ୍ରକୃତରେ ଏଭଳି କିଛି ହେଉଛି କି ନାହିଁ ତାହା ଲୋକେ ଜାଣିବାକୁ ଚେଷ୍ଟା କରୁଛନ୍ତି। ହେଲେ ଏହା ପଛରେ କାରଣ କ'ଣ ଅଛି ତାହା ଅନେକ ଜାଣନ୍ତି ନାହିଁ। ସ୍ମାର୍ଟଫୋନ୍, କମ୍ପ୍ୟୁଟର ତଥା ପିସି ବ୍ରାଉଜରରେ ଯଦି ୬୭ ଟାଇପ୍ କରାଯାଏ, ସ୍କ୍ରିନ୍ ଅଚାନକ ହଲିବା ଆରମ୍ଭ କରେ। ପ୍ରଥମେ ଏହା ଯେକୌଣସି ବ୍ୟକ୍ତିଙ୍କୁ ଏଭଳି କାହିଁକି ହେଉଛି ବୋଲି ଆଶ୍ଚର୍ଯ୍ୟ କରିପାରେ। ସ୍କ୍ରିନ୍ ହଲିବା ବାସ୍ତବରେ ଗୁଗଲର ଏକ ପ୍ରାଙ୍କ୍। ଗୁଗଲ ଲଗାତାର ସର୍ଚ୍ଚ ଇଞ୍ଜିନ୍‌ରେ କିଛି ଭାଇରାଲ ଟ୍ରେଣ୍ଡକୁ ଆନିମେସନ୍ ମାଧ୍ୟମରେ ସାମିଲ କରିଥାଏ। ଏଭଳି ଆନିମେସନ୍ ପ୍ରୋସେସ୍‌କୁ ଗୁଗଲ୍‌ର ଇଷ୍ଟର ଏଗ୍ କୁହାଯାଉଛି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ଅନେକ ଲୋକ ସେୟାର୍ କରିଛନ୍ତି। ଏପରିକି ଲକ୍ଷାଧିକରୁ ଅଧିକ ଲୋକ ଏହାକୁ ଦେଖିସାରିଲେଣି। ଅନେକ ଏଭଳି ଏକ ଟ୍ରେଣ୍ଡକୁ ମଜାଦାର କହୁଛନ୍ତି।

ପ୍ଲାଷ୍ଟିକ୍‌ର ଛୋଟ ଛୋଟ ଖଣ୍ଡକୁ ମାଇକ୍ରୋପ୍ଲାଷ୍ଟିକ୍ କୁହାଯାଏ। ୫ ମିଲିମିଟରରୁ ଛୋଟ ପ୍ଲାଷ୍ଟିକ୍ ଖଣ୍ଡ ମାଇକ୍ରୋପ୍ଲାଷ୍ଟିକ୍ ଭାବେ ପରିଚିତ। ଏହା ଖାଲି ଆଖିକୁ ଦେଖା ଯାଏ ନାହିଁ। ମାଇକ୍ରୋପ୍ଲାଷ୍ଟିକ୍ ପୋଷାକ, ପ୍ଲାଷ୍ଟିକ୍ ଜିନିଷ, ପ୍ରସାଧନୀ ସାମଗ୍ରୀ ଏବଂ ପ୍ୟାକେଜିଂରୁ ମିଳିଥାଏ। ଅର୍ଥାତ୍ ଯେଉଁ ସବୁ ଜିନିଷକୁ ନିତିଦିନ ବ୍ୟବହାର କରାଯାଉଛି, ସେସବୁ ମାଧ୍ୟମରେ ମାଇକ୍ରୋପ୍ଲାଷ୍ଟିକ୍ ପବନ, ପାଣି ଏବଂ ମାଟିରେ ବ୍ୟାପି ଥାଏ। ତେବେ ଚୀନ୍‌ର ବୈଜ୍ଞାନିକମାନେ ମାଇକ୍ରୋପ୍ଲାଷ୍ଟିକ୍‌ରୁ ରକ୍ଷା ପାଇବା ଲାଗି ଏକ ସହଜ ଉପାୟ କହିଛନ୍ତି। ଯାହାକୁ ପ୍ରତ୍ୟେକ ବ୍ୟକ୍ତି ନିଜ ରୋଷେଇ ଘରେ ହିଁ ଆପଣାଇ ପାରିବେ। ୨୦୨୪ର ଏକ ଗବେଷଣାରୁ ଜଣାପଡ଼ିଛି ଯେ, ନଳ ପାଣିକୁ ଯଦି ଫୁଟାଇ



ଛଣାଯାଏ, ସେଥିରେ ଥିବା ମାଇକ୍ରୋପ୍ଲାଷ୍ଟିକ୍ ଏବଂ ନାନୋପ୍ଲାଷ୍ଟିକ୍ କଣିକା ବହୁ ମାତ୍ରାରେ କମିଯିବ। ଗବେଷକମାନେ ଏଥିପାଇଁ ପ୍ରଥମେ ପାଣିରେ ମାଇକ୍ରୋପ୍ଲାଷ୍ଟିକ୍ ଏବଂ ନାନୋପ୍ଲାଷ୍ଟିକ୍‌କୁ ମିଶାଇଥିଲେ। ଏହାପରେ ପାଣିକୁ ଫୁଟାଇ ଛଣାଗଲା। ଏଭଳି କରିବା ଦ୍ୱାରା ୯୦% ମାଇକ୍ରୋପ୍ଲାଷ୍ଟିକ୍ ହ୍ରାସ ପାଇଥିବା ଦେଖାଗଲା। ବିଶେଷକରି ଯେଉଁ ପାଣିରେ ଅଧିକ ମାତ୍ରାରେ କ୍ୟାଲସିୟମ୍ ଓ ମିନେରାଲ ଥିଲା ସେକ୍ଷେତ୍ରରେ ଏହା ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇଥିଲା। ତେବେ ଅଧିକ କ୍ୟାଲସିୟମ୍ ଓ ମିନେରାଲ ଥିବା ପାଣିକୁ ଫୁଟାଇବା ଦ୍ୱାରା କ୍ୟାଲସିୟମ୍ କର୍ବୋନେଟ୍ ବାହାରକୁ ଆସିଯାଏ, ଏଥିରେ ମାଇକ୍ରୋପ୍ଲାଷ୍ଟିକ୍‌ଗୁଡ଼ିକ ଲାଗିଯାନ୍ତି। ଏହାପରେ ପାଣିକୁ ଛାଣିବା ଦ୍ୱାରା ଏହା ବାହାରକୁ ବାହରିଯାଏ। ଏନେଇ ବୈଜ୍ଞାନିକଙ୍କ କହିବା କଥା, ଏ ଲାଗି କୌଣସି ମହଙ୍ଗା ଫିଲଟର୍‌ର ଆବଶ୍ୟକତା ନାହିଁ। ନଳ ପାଣିକୁ ଠିକ୍ ଭାବେ ଫୁଟାଇ ତାହାକୁ ଥଣ୍ଡା କରନ୍ତୁ। ପରେ ଏହାକୁ ଚା' ଛଣା ନଚେତ ସାଧାରଣ ଫିଲଟର୍‌ରେ ଛାଣି ଦିଅନ୍ତୁ। ଏଭଳି କରିବା ଦ୍ୱାରା ପାଣିରେ ଥିବା ପ୍ଲାଷ୍ଟିକ୍ କଣିକା ଦୂର ହୋଇଥାଏ। ଅନ୍ୟପଟେ ୨୦୨୫ର ଏକ ରିପୋର୍ଟ ଅନୁସାରେ, ପିଇବା ପାଣି ହେଉଛି ମାଇକ୍ରୋପ୍ଲାଷ୍ଟିକର ମୂଳ ଉତ୍ସ। କାରଣ ଏହାକୁ ବର୍ଜ୍ୟଜଳ ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଦୂର କରି ପାରୁ ନାହାନ୍ତି। ଗବେଷକଙ୍କ କହିବା କଥା, ସିଝାପାଣି ପିଇବା ଅଭ୍ୟାସ ସମସ୍ତଙ୍କର ରହିବା ଉଚିତ। ଅଧିକ ଲୋକ ଏହି ଉପାୟ ଅବଲମ୍ବନ କଲେ ମାଇକ୍ରୋପ୍ଲାଷ୍ଟିକ୍ ଆଶଙ୍କାକୁ ଅନେକ ପରିମାଣରେ କମ୍ କରାଯାଇପାରିବ। ସେହିପରି ଏହି ଗବେଷଣା ଏନଭାରମେଣ୍ଟାଲ ସାଇନ୍ସ ଏବଂ ଟେକ୍ନୋଲୋଜି ଲେଟର ପତ୍ରିକାରେ ପ୍ରକାଶିତ।




## ମାଟି ତଳେ ଛତୁ ଚାଷ





**ଏକ ନିୟନ୍ତ୍ରିତ କୋଠରିରେ ଛତୁ ଚାଷ କରାଯାଏ। ହେଲେ ଏବେ ଉନ୍ନତ ପଦ୍ଧତିରେ ମାଟି ତଳେ ବି ଛତୁ ଚାଷ ହୋଇପାରୁଛି। କର୍ଣ୍ଣାଟକ,ଡୋଡ୍ଡାବଲ୍ଲାପୁର ଅନ୍ତର୍ଗତ କେଞ୍ଚିଗାନାହଲ୍ଲୀର ପଦ୍ମିନୀ ଗୌଡ଼ା ମାଟି ତଳେ ପଲିଟନେଲ ପଦ୍ଧତିରେ ଛତୁ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।**

ଏକ ନିୟନ୍ତ୍ରିତ କୋଠରିରେ ଛତୁ ଚାଷ ପାଇଁ ଅଧିକ ଖର୍ଚ୍ଚ ହୁଏ। ତେଣୁ ଖର୍ଚ୍ଚ କମ୍ କରିବା ଉଦ୍ଦେଶ୍ୟରେ ପଦ୍ମିନୀ 'ପଲି ଟନେଲ' ପ୍ରଣାଳୀରେ ଦୁଗ୍ଧଛତୁ ଚାଷ କରୁଛନ୍ତି। ଏଥିପାଇଁ ସେ ମାଟିକୁ ୧୩.୫ ଫୁଟ ଗଭୀର ଖୋଳି ୭୨ ଫୁଟ ଲମ୍ବା ଏବଂ ୧୬ ଫୁଟ ଚଉଡ଼ାର ଏକ ହଲ୍ ତିଆରି କରିଛନ୍ତି। କାନ୍ଥକୁ କଂକ୍ରିଟରେ ମଜବୁତ କରିଛନ୍ତି। ଏହାଦ୍ୱାରା ପ୍ରାକୃତିକ ଉପାୟରେ ତାପମାତ୍ରା ଏବଂ ଆର୍ଦ୍ରତା ବଜାୟ ରହିହେବ। କୋଠରିକୁ ପାଣି ପଶିବାର ଭୟ କମ୍ ରହିବ। ଏହା ଉପରେ ସେ ଜିଆଇ ପାଇପ ବ୍ୟବହାର କରି ଏକ ତ୍ରିକୋଣୀୟ ଛାତ ମଧ ବନାଇଛନ୍ତି। ଏହାକୁ ନୀଳ ରଙ୍ଗର ପାରଦର୍ଶୀ ପଲିଥିନ୍ ସିଟ୍‌ରେ ଢଙ୍କା ଯାଇଛି। ଏହା ଦିନରେ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଆସିବାକୁ ଦିଏନି। ବିନା ବିଦ୍ୟୁତ୍‌ରେ ଏହା ଆର୍ଦ୍ରତା ବଜାୟ ରଖିଥାଏ। ଛତୁ ବୃଦ୍ଧିରେ ସହାୟକ ହୁଏ। ତେବେ ଗୋଟିଏ କୋଠରିରେ ୪,୮୦୦ଛତୁ ବ୍ୟାଗ୍ ରଖାଯାଇପାରିବ। ସାମାନ୍ୟ କୋଠରିରେ ବିଦ୍ୟୁତ ପାଇଁ ଖର୍ଚ୍ଚ ବହୁତ ଆସେ। ଏଥିରେ ସେହି ଚିନ୍ତା କମ୍ ଥାଏ। ଏହା ଖାଲି ଦୁଗ୍ଧ ଛତୁ ଚାଷ ପାଇଁ ଭଲ ତାହାନୁହେଁ, କୃଷି ସମ୍ପର୍କିତ ବ୍ୟବସାୟ ପାଇଁ ଅଧିକ ଲାଭଦାୟକ।

## ପିଭିସି ପାଇପ୍‌ରେ ସ୍ପ୍ରିଙ୍ଗ ଓନିୟନ୍

**ସହରାଞ୍ଚଳରେ ସ୍ଥାନର ଅଭାବ ଯୋଗୁଁ ଅଧିକାଂଶ ଛାତ କିମ୍ବା ବାଲ୍‌କୋନିରେ ଚାଷ କରନ୍ତି। ଏଥିପାଇଁ ସିମେଣ୍ଟ କୁଣ୍ଡ, ଗ୍ରୋବ୍ୟାଗ୍ ଆଦି ବ୍ୟବହାର କରାଯାଏ। ଏବେ କିନ୍ତୁ ପିଭିସି ପାଇପ୍‌ରେ ଚାଷ ସମ୍ଭବ। ସ୍ୱଳ୍ପ ସ୍ଥାନ ଏବଂ କମ୍ ପାଣି ଉପଯୋଗରେ ପିଭିସି ପାଇପ୍‌ରେ ସ୍ପ୍ରିଙ୍ଗ ଓନିୟନ୍ ଲଗାଇ ହେବ।**

ପାଇପ୍‌ରେ ମାଟି ସୀମିତ ରହୁଥିବାରୁ କୀଟର ପ୍ରଭାବ କମ୍ ଦେଖାଯାଏ। ଏଥିପାଇଁ ପ୍ରଥମେ ୪ରୁ ୬ଇଞ୍ଚର ପାଇପ୍ ନେଇ ପାଇପ୍ କ୍ୟାପ୍‌ରେ ଏହାର ଦୁଇମୁଣ୍ଡକୁ ବନ୍ଦ କରି ଦିଆଯାଏ। ଏଥିରେ ଉର୍ବର ମାଟି, କୋକୋପିଟ୍, ବାଲି ଏବଂ ଜୈବିକ ଖତ ମିଶାଇ ଦିଆଯାଏ। ଡ୍ରିଲ୍ ମେସିନ ସାହାଯ୍ୟରେ ପାଇପ୍‌ରେ ୮ରୁ ୧୦ ସେମି ଦୂରରେ ୨ରୁ୩ ଇଞ୍ଚ ଚଉଡ଼ାର କଣା କରିଏଥିରେ ପିଆଜ ବଲ୍ବ (ସ୍ପ୍ରିଙ୍ଗ ଓନିୟନ୍) ଲଗାଇ ପାରିବେ। ପାଣି ନ ଜମିବା ପାଇଁ ପାଇପ୍ ତଳେ ଛୋଟ ଛୋଟ କଣା କରି ପାରିବେ। ସ୍ପ୍ରିଙ୍ଗ ଓନିୟନ୍ ପାଇଁ ଅଧିକ ପାଣି ଆବଶ୍ୟକ ହୁଏନି। ଉପର ମାଟି ଶୁଖିଲେ ପାଣି ଦିଆଯାଏ। ୨୦ରୁ ୨୫ ଦିନ ଅନ୍ତରରେ ତରଳ ଜୈବିକ ଖତ କିମ୍ବା ଗୋମୂତ୍ର ଦେବା ଆବଶ୍ୟକ। ଖରା ପଡୁଥିବାସ୍ଥାନରେ ପାଇପ୍‌କୁ ରଖିବା ଭଲ। ୨୫ରୁ ୩୦ ଦିନ ମଧ୍ୟରେ ଉପରୁ ଏହାର ସବୁଜ ଅଂଶକୁ କାଟି ପାରିବେ।







## ସ୍ୱଳ୍ପ ମୂଲ୍ୟର ସାର ପ୍ରୟୋଗ ଯନ୍ତ୍ର

ଅଧିକ ଅମଳ ଆଶାରେ ଚାଷୀମାନେ ଜମିରେ ରାସାୟନକି ସାର ପ୍ରୟୋଗ କରନ୍ତି। ଏହାଦ୍ୱାରା ଖର୍ଚ୍ଚ ବଢ଼େ। ମାଟିର ଗୁଣବତ୍ତା ନଷ୍ଟହୁଏ। ପାରମ୍ପରିକ ପ୍ରଣାଳୀରେ ହାତରେ ସାର ସିଞ୍ଚନ ଦ୍ୱାରା ଗଛ ମୂଳକୁ ସଠିକ୍ ମାତ୍ରାର ସାର ପହଞ୍ଚି ପାରେନି। ଏଥିପାଇଁ ତେଲେଙ୍ଗାନା, ବଲ୍ଲାପୁରମ ଗାଁ'ର ତୁମ୍ମଲା ରାଣାପ୍ରତାପ ଏକ ଲୁହାର 'ଫର୍ଟିଲାଇଜର ଡିସପେନ୍‌ସର' ତଥା ସାର ପ୍ରୟୋଗ ଯନ୍ତ୍ର ତିଆରି କରିଛନ୍ତି। ୪,୫୦୦ଟଙ୍କାରେ ନିର୍ମିତ ଏହି ଯନ୍ତ୍ରରେ ୧୫ କିଗ୍ରା ସାର ରହିବା କ୍ଷମତା ଅଛି। ଏହାକୁ ପାରମ୍ପରିକ କୃଷି ଉପକରଣ ଏବଂ ତିନି ଦାନ୍ତ ଥିବା କଲ୍‌ଟିଭେଟର ସହ ସଂଯୋଗ କରି ଚଲାଯିବ। ସାରର ମାପ କମାଇବା ବା ବଢ଼ାଇବା ପାଇଁ ଏଥିରେ ସୁବିଧା ଅଛି। ଏହା ମାତ୍ର ୧୫ ମିନିଟ୍‌ରେ ୧୫ କିଲୋ ସାର ପ୍ରୟୋଗ କରିବ। ଏହାଦ୍ୱାରା ସାର ନଷ୍ଟ ହେବନି। ଧାଡ଼ିରେ କରାଯାଇଥିବା ଅନ୍ତଃଚାଷ ଏବଂ ସାର ପ୍ରୟୋଗ ଦୁଇଟି କାମ ଏକାସଙ୍ଗେ କରିବ। ଏହା ବିନା ମଜୁରିରେ ଗଛ ମୂଳରେ ସାର ପହଞ୍ଚାଏ। ଯନ୍ତ୍ରଟି ଲଙ୍କା, କପା ଏବଂ ମକା ଆଦି ଫସଲ ପାଇଁ ବହୁତ ଉପଯୋଗୀ।

- ଗଜାଧାନକୁ କାଦୁଅ ଜମିରେ ଡ୍ରମସିଡରରେ କିମ୍ବା ଛଟା ବୁଣା କରି ଦିଅନ୍ତୁ। ଚେରମାଟିକୁ ଧରିବା ପାଇଁ ଜମିରେ ପତଳା ପାଣିସ୍ତର ରଖନ୍ତୁ।
- ଚିନାବାଦାମରେ ଶୋଷକକୀଟ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠା ହଳଦିଆ ଯନ୍ତା ଲଗାନ୍ତୁ। ସଂକ୍ରମଣର ପ୍ରାଥମିକ ଅବସ୍ଥାରେ ୫ ମିଲି ନିମ୍ବ ତେଲ ଆଧାରିତ କୀଟନାଶକ ଆଜାଡିରାକ୍ଟିନ୍ ୦.୦୩%କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ।
- ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ ଟମାଟୋ ଗଛରେ ଝାଉଁଳା ରୋଗ ଦେଖାଦେଲେ ଲିଟର ପାଣିରେ ୨ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲୁପି ମିଶ୍ରଣ କରି ସିଞ୍ଚନ କରନ୍ତୁ।

## ଥଣ୍ଡା ଯୋଗୁଁ ଗଛ ବଢୁନଥିଲେ ...

**ଶୀତଋତୁରେ କମ୍ ତାପମାତ୍ରା, କୁହୁଡ଼ି ଫସଲକୁ ପ୍ରଭାବିତ କରେ। ତାପମାତ୍ରା ୧୦ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସିଲେ ଗଛ ବଢ଼େ ନାହିଁ। ଜମିରେ ଅଧିକ ପାଣି ଦେଲେ ଗଛ ମୂଳ ସଢ଼ି ହଳଦିଆ ପଡ଼ିଯାଏ। ତେଣୁ ଫସଲର ଦେଖାଶୁଣା କିପରି କରିବେ ଜାଣନ୍ତୁ।**



ଫସଲକୁ ସୁରକ୍ଷା ଦେବାକୁ ପ୍ରାକୃତିକ ଖତ, ଟ୍ରାଇକୋଡର୍ମା ମିଶ୍ରଣ ଏବଂ ଡବ୍ଲୁଡିଜି ସଲ୍‌ଫର ବ୍ୟବହାର କରି ପାରିବେ। ଏହା ଗଛକୁ ଉଷୁମ ରଖେ। ଗଛ ବଢୁ ନଥିଲେ ଜମିରେ ପାଣି ଜମିଛି କି ନାହିଁ ତର୍ଜମା କରିବା ଭଲ। ୨ କିଗ୍ରା ଟ୍ରାଇକୋଡର୍ମା, ୨ କିଗ୍ରା ଗୁଡ, କେଜିଏ ବେସନ ଏବଂ ୨୦୦ ଲିଟର ପାଣି ମିଶାଇ ୭ ଦିନ ଗୋଟିଏ ପାତ୍ରରେ ରଖି ଉକ୍ତ ମିଶ୍ରଣକୁ ଫସଲରେ ସିଞ୍ଚିଲେ କବକଜନିତ ସମସ୍ୟା ରୁହେନାହିଁ। ଗଛ ବୃଦ୍ଧି ହୁଏ। ସେହିପରି ଜମିରେ ଆର୍ଦ୍ରତା ଅଧିକ ହେଲେ, ଗଛ ବଢ଼େନାହିଁ। ଏନେଇ ଡବ୍ଲୁଡିଜି ସଲଫର୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ସିଞ୍ଚି ପାରିବେ। ସକାଳ ଏବଂ ସନ୍ଧ୍ୟାରେ ସିଞ୍ଚିବା ଭଲ। ୟୁରିୟା ସିଞ୍ଚିବା କ୍ଷତି ସାବ୍ୟସ୍ତ ହୋଇପାରେ। କୁହୁଡ଼ି ପଡ଼ିବା ସମୟରେ ସାର ସିଞ୍ଚନ ନ କରି ଅପରାହ୍ନରେ ପକାଇପାରିବେ।

# ବାଂଲାଦେଶରେ ନିଷିଦ୍ଧ ହେଲା ଆଇପିଏଲ୍ ପ୍ରସାରଣ

ଢାକା,୫।୧(ଏଜେନ୍ସି)

ଭାରତରେ ଚାଲିଥିବା ବିଶ୍ୱର ସବୁଠାରୁ ବୃହତ୍ ଓ ସର୍ବାଧିକ ଲୋକପ୍ରିୟ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ର ପ୍ରସାରଣକୁ ବାଂଲାଦେଶରେ ନିଷିଦ୍ଧ କରାଯାଇଛି। ଏ ସମ୍ପର୍କରେ ବାଂଲାଦେଶ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ସମସ୍ତ ପ୍ରସାରଣକାରୀ ସଂସ୍ଥାଗୁଡ଼ିକୁ ବିଧିବଦ୍ଧ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶୀ କ୍ରିକେଟର ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍ ଟିମ୍ କୌଣସି କାରଣ ନ ଦର୍ଶାଇ ବିଦା କରିବା ପରେ ବାଂଲାଦେଶ ସରକାରଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ପରାମର୍ଶଦାତା ଆସିଫ୍ ନଜରୁଲ ଆଇପିଏଲ୍ ପ୍ରସାରଣ ବନ୍ଦ କରିବାକୁ ଗତକାଲି ପରାମର୍ଶ ଦେଇଥିଲେ। ମୁସ୍ତାଫିଜୁରଙ୍କୁ ବାଦ୍ ଦେବା ପରେ ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶ କ୍ରିକେଟ ଦଳ ଖେଳିବାକୁ ଆସିବ ନାହିଁ ବୋଲି ଆଇସିସିକୁ ଜଣାଇ ଦିଆଯାଇଛି। ଏହା ପରେ ବାଂଲାଦେଶ ଖେଳିବାକୁ ଥିବା ମ୍ୟାଚ୍ ଗୁଡ଼ିକର ଭେନ୍ୟୁରେ ପରିବର୍ତ୍ତନ କରି ଭାରତ ବାହାରେ ଆୟୋଜନ କରିବାକୁ ମଧ୍ୟ ଆଇସିସିକୁ ବାଂଲା କ୍ରିକେଟ ବୋର୍ଡ ଅନୁରୋଧ କରିଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ବୋର୍ଡ ଏହି ଅନୁରୋଧ ଜଣାଇଛି ଓ ଆଇସିସି ଏହାକୁ ଗ୍ରହଣ ମଧ୍ୟ କରିଛି। ସୂଚନାଯୋଗ୍ୟ ବାଂଲାଦେଶରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ଉପରେ ଆକ୍ରମଣ ଓ ସେମାନଙ୍କୁ ହତ୍ୟା କରିବା ପରେ ଭାରତରେ ଏହାକୁ ବିରୋଧ କରାଯାଉଛି। ଏହି କ୍ରମରେ ମୁସ୍ତାଫିଜୁର ଜଣେ ବାଂଲାଦେଶୀ ହୋଇଥିବାରୁ ତାଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବାକୁ କିଛି ମୌଳବାଦୀ ସଂଗଠନ ଓ ଅନ୍ୟମାନେ ଦାବି କରିଥିଲେ। ବିସିସିଆଇ ଏହି ଦାବି ପରେ ହଠାତ୍ ମୁସ୍ତାଫିଜୁରଙ୍କୁ ଦଳରୁ ବାଦ୍ ଦେବାକୁ କୋଲକାତା ନାଇଟ୍ ରାଇଡର୍ସ ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିଲା। କେକେଆର୍ ମଧ୍ୟ ଏହାକୁ ତତ୍କ୍ଷଣାତ ଗ୍ରହଣ କରିନେଇଥିଲା। ଏହା ଫଳରେ ଭାରତରେ ଏହାକୁ ନେଇ ଯେଉଁ ବିରୋଧୀ ସ୍ୱର ଉଠିଥିଲା ତାହା ବନ୍ଦ ହୋଇଯାଇଥିଲା। କିନ୍ତୁ ଏହାର ପ୍ରଭାବ ବାଂଲାଦେଶ କ୍ରିକେଟ ଉପରେ ପଡ଼ିଥିଲା। ଏହି ଘଟଣାକୁ ବାଂଲାଦେଶ ସରକାର ଏକ ଅପମାନଜନକ ନିଷ୍ପତ୍ତି ବୋଲି ଗ୍ରହଣ କରୁଛି। ଏଣୁ ଯଦି ଜଣେ ବାଂଲାଦେଶୀ ଖେଳାଳିଙ୍କୁ ଭାରତ ସୁରକ୍ଷା ଦେଇପାରୁ ନାହିଁ, ସେହି ଦେଶର କ୍ରିକେଟ ଦଳକୁ କିପରି ସୁରକ୍ଷା ଯୋଗାଇବ ବୋଲି ସରକାର ଯୁକ୍ତି କରିଛନ୍ତି। ଏଣୁ ସୁରକ୍ଷା କାରଣରୁ ଭାରତରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଯିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।






ଆଇପିଏଲ୍ ପ୍ରସାରଣ ବନ୍ଦ ସମ୍ପର୍କରେ ଆଜି ବା ଜାନୁଆରୀ ୫ ତାରିଖ ସୋମବାର ବାଂଲାଦେଶ ସରକାରଙ୍କ ପକ୍ଷରୁ ଆସିଷ୍ଟାଣ୍ଟ ସେକ୍ରେଟାରୀ ଫିରୋଜ୍ ଖାନ୍ ଏକ ନୋଟିସ୍ ଜାରୀ କରିଛନ୍ତି। ଏହି ନୋଟିସ୍‌ରେ ଆଇପିଏଲ୍ ମ୍ୟାଚ୍ ପ୍ରସାରଣକୁ ବନ୍ଦ କରିବା ସହ ଏହା ସମ୍ପର୍କିତ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରସାରଣକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ୍‌ରେ ମୁସ୍ତାଫିଜୁରଙ୍କୁ କେକେଆର୍ ଟିମ୍‌ରୁ ୨୦୨୬ ସଂସ୍କରଣରୁ ବାହାର କରିବା ଲାଗି ବିସିସିଆଇ ନିଷ୍ପତ୍ତିକୁ ଅଯୌକ୍ତିକ ଓ ଆଦୌ ଯୁକ୍ତଯୁକ୍ତ ନୁହେଁ ବୋଲି କୁହାଯାଇଛି। ବିସିସିଆଇର ଏଭଳି ନିଷ୍ପତ୍ତି ବାଂଲାଦେଶର ଜନସାଧାରଣଙ୍କୁ କଷ୍ଟ ଦେବା ସହ ଉତ୍ତେଜିତ କରିବାକୁ ସୁଯୋଗ ଦେଇଛି। ଏଭଳି ସମୟରେ ସରକାର ଦେଶର ସମସ୍ତ ପ୍ରସାରଣକାରୀ ସଂସ୍ଥାମାନଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ନ ପାଇଲା ପର୍ଯ୍ୟନ୍ତ ଆଇପିଏଲ୍ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଫେବୃଆରୀରେ ଦ୍ୱିତୀୟ ବିବାହ କରିବେ ଧାୱନ



ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ପୁଣିଥରେ ବିବାହ କରିବାକୁ ମନସ୍ଥ କରିଛନ୍ତି। ୪୦ ବର୍ଷୀୟ ଧାୱନ ତାଙ୍କର ବାନ୍ଧବୀ ତଥା ପ୍ରେମିକା ଆୟର୍ଲାଣ୍ଡର ସୋଫି ସାଇନଙ୍କ ହାତ ଧରିବେ। ବିବାହ ଲାଗି କାର୍ଯ୍ୟସୂଚୀ ମଧ୍ୟ ଚୂଡ଼ାନ୍ତ ହୋଇସାରିଛି। ଆସନ୍ତା ଫେବୃଆରୀ ୩ୟ ସପ୍ତାହରେ ଦିଲ୍ଲୀ-ଏନ୍‌ସିଆର୍‌ର ଏକ ହୋଟେଲରେ ଏହି ବିବାହ ଅନୁଷ୍ଠିତ ହେବ। ଯେଉଁଥିରେ ଭାରତୀୟ କ୍ରିକେଟ୍ ଓ ବଲିଉଡ୍‌ଜଗତର କିଛି ନାମୀ ତାରକା ଯୋଗଦେବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ତେବେ ଏହି ବିବାହକୁ ଧାୱନ ଓ ତାଙ୍କ ପତ୍ନୀ ହେବାକୁ ଯାଉଥିବା ସୋଫି ଯଥା ସମ୍ଭବ ସିକ୍ରେଟ୍ ରଖିଛନ୍ତି। ଗତବର୍ଷ ପ୍ରାରମ୍ଭରେ ଦୁବାଇରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ ଉଭୟଙ୍କୁ ପ୍ରଥମଥର ଲାଗି ଏକାଠି ଦେଖିବାକୁ ମିଳିଥିଲା। ଏହାପରେ ସୋଫିଙ୍କ ସହ ଧାୱନଙ୍କ ସମ୍ପର୍କକୁ ନେଇ ବିଭିନ୍ନ ଖବରମାନ ପ୍ରକାଶ ପାଇଥିଲା। ଗତ କିଛିମାସ ହେବ ଉଭୟ ଏକାଠି ମଧ୍ୟ ରହୁଛନ୍ତି। ନିକଟରେ ସେମାନେ ଖ୍ରୀଷ୍ଟମାସ ପାଳନ କରୁଥିବାର ଫଟୋ ଶେୟାର କରିଥିଲେ। ପ୍ରକାଶଯୋଗ୍ୟ, ଧାୱନ ଏଥିପୂର୍ବରୁ ଭାରତୀୟ ଜନ୍ମିତ ଅଷ୍ଟ୍ରେଲୀୟ କିକ୍ ବକ୍ସର ଆୟେଶା ମୁଖାର୍ଜୀଙ୍କୁ ୨୦୧୨ରେ ବିବାହ କରିଥିଲେ। ଧାୱନଙ୍କଠାରୁ ଆୟେଶା ବୟସରେ ୮ ବର୍ଷ ବଡ଼ ଓ ତାଙ୍କର ପୂର୍ବରୁ ଦୁଇଟି ସନ୍ତାନ ଥିଲେ। ତେବେ ୨୦୨୧ରେ ତାଙ୍କର ବିବାହ ବିଚ୍ଛେଦ ଘଟିଥିଲା।

## ବିଜୟ ହଜାରେ ଟ୍ରଫି — ଆୟର ମୁମ୍ବଇ ଅଧିନାୟକ



ମୁମ୍ବଇ,୫।୧(ଏଜେନ୍ସି): ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ନିଜର ଫିଟ୍‌ନେସ ପରୀକ୍ଷା ଦେବା ଲାଗି ବିଜୟ ହଜାରେ ଟ୍ରଫିର ମୁମ୍ବଇ ପକ୍ଷରୁ ଖେଳାଯିବାକୁ ଥିବା ଶେଷ ୨ଟି ମ୍ୟାଚ୍‌ରେ ଖେଳିବେ ବୋଲି ନିଷ୍ପତ୍ତି ହୋଇଥିଲା। ଆଜି ସେ ଏହି ଦୁଇଟି ମ୍ୟାଚ୍ ଦଳର ନେତୃତ୍ୱ ନେବେ ବୋଲି ମୁମ୍ବଇ ସିନିଅର ସିଲେକ୍ସନ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଏହି ମୁକାବିଲାରେ ସେ ମ୍ୟାଚ୍ ଫିଟ୍‌ନେସର ପ୍ରମାଣ ଦେଲେ ଭାରତୀୟ ଦଳରେ ସ୍ଥାନ ପାଇବେ ନଚେତ ତାଙ୍କୁ ନ୍ୟୁଜିଲାଣ୍ଡ ସିରିଜ୍‌ରୁ ବାଦ୍ ଦିଆଯିବ। ଆୟର ଆଜି ଜୟପୁରର ଜଇପୁରିଆ ବିଦ୍ୟାଳୟ ପଡ଼ିଆରେ ଜୋରଦାର ଅଭ୍ୟାସ କରିଛନ୍ତି। କୋଚ୍ ଓମ୍‌କାର ସାଲଭି ଓ ଅତୁଲ ରଣଦେ ଅଭ୍ୟାସବେଳେ ଉପସ୍ଥିତ ଥିଲେ। ଅଭ୍ୟାସବେଳେ ଆୟର କିଛି ଯନ୍ତ୍ରଣା ଅନୁଭବ କରି ନ ଥିଲେ। ହିମାଚଳ ପ୍ରଦେଶ ଓ ପଞ୍ଜାବ ବିପକ୍ଷରେ ସେ ଶାର୍ଦ୍ଦୁଳଙ୍କଠାରୁ ନେତୃତ୍ୱ ଭାର ଗ୍ରହଣ କରିବେ। ଏହି ମ୍ୟାଚ୍ ଦୁଇଟିରେ ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶାର୍ଦ୍ଦୁଳ ଠାକୁରଙ୍କୁ ଏହି ଦୁଇଟି ମ୍ୟାଚ୍ ଲାଗି ବିଶ୍ରାମ ଦିଆଯାଇଛି।

## ମହିଳା ହକି ଇଣ୍ଡିଆ ଲିଗ୍ — ସୁରମାର ପ୍ରଥମ ବିଜୟ

ରାଞ୍ଚି,୫।୧(ଏଜେନ୍ସି): ପେନ୍ନି ସ୍କ୍ୱିବ୍ ଓ ଅଲିଭିଆ ଶାନନଙ୍କ ଗୋଲ ବଳରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ହରାଇ ଏଠାରେ ସୋମବାର ଅନୁଷ୍ଠିତ ମହିଳା ହକି ଇଣ୍ଡିଆ ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି। ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ସୁରମା ହକି କ୍ଲବ୍ ଖେଳର ପ୍ରଥମ ମିନିଟ୍‌ରୁ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହି ଗୋଲଟି ପେନାଲ୍ଟି କର୍ଣ୍ଣରରୁ ଦେଇଥିଲେ ଡ୍ରାଗ୍ ଫ୍ଲିକର ପେନ୍ନି ସ୍କ୍ୱିବ୍। ଏହି ଗୋଲ ଶୁଝାଇବାକୁ ରାଞ୍ଚିକୁ ୩୫ ମିନିଟ୍ ସମୟ ଲାଗିଥିଲା। ହାନା କୋଟ୍ଟରଙ୍କଠାରୁ ପାସ୍ ପାଇ ଅଗୋଷ୍ଟିନା ଆଲୋନ୍‌ସୋ ଗୋଲ ସ୍କୋର କରିଥିଲେ। ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାର ମାତ୍ର ୪ ମିନିଟ ପରେ ସୁରମା ହକି କ୍ଲବ୍ ପୁଣି ଅଗ୍ରଣୀ ନେଇଥିଲା। ଏଥର ପେନାଲ୍ଟି ଷ୍ଟ୍ରୋକ୍‌ରୁ ଅଲିଭିଆ ଶାନନ ଏହି ଗୋଲଟି ଦେଇଥିଲେ। ଗୋଲ ଶୁଝାଇବାକୁ ରାଞ୍ଚି ଦଳ ଶେଷ କ୍ୱାର୍ଟରରେ ଉଦ୍ୟମ କରିଥିଲା। କିନ୍ତୁ ଏହାକୁ ସଫଳ କରାଇଦେଇ ନ ଥିଲେ ସୁରମାର ରକ୍ଷଣଭାଗ ଖେଳାଳି। ଏହା ଫଳରେ ସୁରମା ୨-୧ ଗୋଲ ବ୍ୟବଧାନରେ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲା।



## ପୁରୁଷ ହକି ଇଣ୍ଡିଆ ଲିଗ୍ — ପାଇପର୍ସକୁ ହରାଇଲା ଏଚ୍‌ଆଇଏଲ୍ ଜିସି

ଚେନ୍ନଇ,୫।୧(ଏଜେନ୍ସି): କେନ୍ ରସେଲ୍‌ଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ଏଠାରେ ସୋମବାର ଅନୁଷ୍ଠିତ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଏକ ମ୍ୟାଚ୍‌ରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଟିମ୍ ୩-୨ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କେନ୍ ୩ଟି ଯାକ ଗୋଲ ଦେଇଥିଲେ। କୀ ୱାଲଟ ଓ ଦିଲରାଜ ସିଂହ ପରାଜିତ ଦଳ ପକ୍ଷରୁ ଗୋଲ ସ୍କୋର କରିଥିଲେ। ଏହା ଫଳରେ ଏଚ୍‌ଆଇଏଲ୍ ଟିମ୍‌କୁ ପୂରା ୩ ପଏଣ୍ଟ ମିଳିଛି। ଗତକାଲି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଥିଲା। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ମୁକାବିଲାଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। କିନ୍ତୁ ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟ୍‌ରେ ଏସ୍‌ଜି ପାଇପର୍ସର କୀ ୱାଲଟ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହି ଅଗ୍ରଣୀ ବେଶି ସମୟ ରହି ନ ଥିଲା। ଗୋଲ ଖାଇବାର ୪ ମିନିଟ୍ ପରେ ଏଚ୍‌ଆଇଏଲ୍‌ର କେନ୍ ରସେଲ ଅଳ୍ପ ସମୟ ମଧ୍ୟରେ ୨ଟି ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ପାଇପର୍ସର ଦିଲରାଜ ସିଂହ ଓ ପରେ ରସେଲ ଗୋଲ ଦେଇ ଖେଳର ମିମାଂସା କରିଥିଲେ। ଆସନ୍ତାକାଲି ତାମିଲନାଡୁ ଡ୍ରାଗନ୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ଖେଳାଯିବ।

## ଜାତୀୟ ବିଚାରପତି ବ୍ୟାଡ୍‌ମିଣ୍ଟନ — ଓଡ଼ିଶାର ସାବିତ୍ରୀ-ନରସିଂହ ଚାମ୍ପିଅନ



ଭୁବନେଶ୍ୱର, ୫।୧ (ସମିସ): ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ସାବିତ୍ରୀ ରଥ ଓ ବିଚାରପତି ଭି. ନରସିଂହ ଜାତୀୟ ବିଚାରପତି ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମିଶ୍ରିତ ଯୁଗଳ ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରାଞ୍ଚିରେ ରବିବାର ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶାର ମିଶ୍ରିତ ଯୁଗଳ ବିଚାରପତି ଯୋଡି ସାବିତ୍ରୀ-ନରସିଂହ ଫାଇନାଲରେ ରାଜସ୍ଥାନ ଉଚ୍ଚନ୍ୟାୟାଳୟର ଯୋଡିଙ୍କୁ ହରାଇଥିଲେ। ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟରେ ୯ଟି ଉଚ୍ଚ ନ୍ୟାୟାଳୟର ୩୧ଜଣ ବିଚାରପତି ଅଂଶଗ୍ରହଣ କରିଥିଲେ। ପୁରୁଷ ଏକକ ଓ ଯୁଗଳ, ମହିଳା ଏକକ ଓ ମିଶ୍ରିତ ଯୁଗଳ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାଟି ରାଞ୍ଚିସ୍ଥିତ ଠାକୁର ବିଶ୍ୱନାଥ ସହୋଦୟ ଇଣ୍ଡୋର ଷ୍ଟାଡିୟମ୍‌ରେ ଜାନୁଆରୀ ୩ ଓ ୪ ତାରିଖରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା।

## ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ — ଆଗୁଆ ସିରିଜ୍ ଜିତିଲା ଭାରତ

ବେନୋନି,୫।୧(ଏଜେନ୍ସି): ଯୁବ ଅଧିନାୟକ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଯୁବ ଦିନିକିଆରେ ଭାରତ ୮ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ ଜିତିନେଇଛି। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଏଠାରେ ବୁଧବାର ୭ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୪୫ ରନ୍ କରିଥିଲା। ଦଳ ପକ୍ଷରୁ ଜେସନ ରୋୱେଲ୍ସ ୧୧୪ ରନ୍ କରିଥିଲାବେଳେ ଭାରତର କିଶନ କୁମାର ସିଂ ୪ଟି ୱିକେଟ ପାଇଥିଲେ। ଜବାବରେ ୨୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବା ପରେ ବର୍ଷା ଯୋଗୁଁ ଖେଳ ଦୁଇଥର ବାଧା ପାଇଥିଲା। ଫଳରେ ଭାରତ ଆଗରେ ୨୭ ଓଭରରେ ୧୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଧିନାୟକ ସୂର୍ଯ୍ୟବଂଶୀ ମାତ୍ର ୨୪ ବଲ୍‌ରେ ଗୋଟିଏ ଚୌକା ଓ ୧୦ଟି ଛକା ସହାୟତାରେ ୬୮ ରନ୍ କରି ଦଳର ବିଜୟ ସହଜ କରିଦେଇଥିଲେ। ପରେ ଅଭିଜ୍ଞାନ କୁଣ୍ଡୁ (୪୨ ବଲ୍‌ରୁ ୪୮ ରନ୍) ଓ ବେଦାନ୍ତ ତ୍ରିବେଦୀ (୫୭ ବଲ୍‌ରୁ ୩୧) ଆଉ କୌଣସି କ୍ଷତି ହେବାକୁ ନ ଦେଇ ଏହି ମ୍ୟାଚ୍‌କୁ ୨୩.୩ ଓଭରରେ ମାତ୍ର ୱିକେଟ ହରାଇ ଜିତିନେଇଥିଲେ।

## ପଞ୍ଚମ ଆସେସ୍ ଟେଷ୍ଟ — ଜୋ ରୁଟ୍‌ଙ୍କ ୪୧ତମ ଶତକ

ସିଡନୀ,୫।୧(ଏଜେନ୍ସି): ଇଂଲଣ୍ଡର କିଂବଦନ୍ତୀ ବ୍ୟାଟର ଜୋ ରୁଟ୍ ଟେଷ୍ଟ କ୍ରିକେଟରେ ୪୧ତମ ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ଅଷ୍ଟ୍ରେଲିଆର ରିକି ପଣ୍ଟିଂଙ୍କ ସହ ସମକକ୍ଷ ହୋଇଛନ୍ତି। ଟେଷ୍ଟ କ୍ରିକେଟରେ ତାଙ୍କଠାରୁ କେବଳ ଅଧିକ ଶତକ ହାସଲ କରିବାରେ ୨ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ୪୫ଟି ଶତକ ହାସଲ କରିଥିବା ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ ଓ ସର୍ବାଧିକ ୫୧ଟି ଶତକ କରି ପ୍ରଥମ ସ୍ଥାନରେ ଥିବା ଭାରତର ସଚିନ ତେନ୍ଦୁଲକର।




ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ମ ତଥା ଶେଷ ଆସେସ ଟେଷ୍ଟରେ ରୁଟ୍‌ଙ୍କୁ ଏହି ସଫଳତା ମିଳିଛି। ରୁଟ ଏଠାରେ ସୁଯୋଗହୀନ ୧୬୦, ହ୍ୟାରୀ ବ୍ରୁକ୍ ୮୪ ଓ ଏକାଧିକ ଜୀବନଦାନ ପାଇଥିବା ଜାମି ସ୍ମିଥ୍ ୪୬ ରନ୍ କରିବା ଫଳରେ ଇଂଲଣ୍ଡର ପ୍ରଥମ ପାଳି ୩୮୪ ରନ୍‌ରେ ଶେଷ ହୋଇଥିଲା। ଘରୋଇ ଦଳର ମାଇକେଲ ନେସର ୪ଟି, ମିଚେଲ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍‌ଙ୍କ ଅପରାଜିତ ୯୧ ରନ୍ ସହାୟତାରେ ଦ୍ୱିତୀୟ ଦିନ ଖେଳ ଶେଷବେଳକୁ ୨ ୱିକେଟ ବିନିମୟରେ ୧୬୬ ରନ୍ ସଂଗ୍ରହ କରିଛି। ଷ୍ଟୋକ୍ସଙ୍କ ସହ ଯୁକ୍ତିତର୍କ କରିବା ପରେ ମାର୍ନସ ଲାବୁସେନ ୪୬ ଓ ଜେକ୍ ୱିଥେରାଲ୍ଡ ୨୧ ରନ୍‌ରେ ଆଉଟ ହୋଇଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଉଭୟ ଖେଳାଳିଙ୍କୁ ଆଉଟ କରିଛନ୍ତି। ଚଳିତ ଆସେସ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୩-୧ରେ ଆଗୁଆ ରହିଛି।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବିଶାଖାପାଟଣା ଇଷ୍ଟକୋଷ୍ଟ ରେଲୱେ ଚାମ୍ପିଅନ




ଯାଜପୁର,୫।୧(ସମିସ)

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଆଜି ଶେଷ ହୋଇଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲ୍‌ୱେ ବିଶାଖାପାଟଣା ଚାମ୍ପିଅନ୍ ହୋଇଛି। ଇଷ୍ଟକୋଷ୍ଟ ରେଲୱେର ଦୁଇ ଡିଭିଜନ ଟିମ୍ ବିଶାଖାପାଟଣା ଓ ଖୋର୍ଦ୍ଧା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇ୧୭.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ସର୍ବାଧିକ ୨୫ ରନ୍ ସଂଗ୍ରହ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣାର ବୋଲର ଏନ୍‌ଜେଆର୍ ପ୍ରସାଦ ୧୪ ରନ୍‌ରେ ୩ଟି ଓ ସାଇ ବସନ୍ତ ୨୪ରନ୍ ଦେଇ ୨ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣା ୧୪.୩ ଓଭର ଖେଳି ୫ ୱିକେଟ୍ ହରାଇ ୧୦୭ରନ୍ ସଂଗ୍ରହ କରି ଟାଇଟଲ ହାସଲ କରିଥିଲା। ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୩୯ ରନ୍ ସଂଗ୍ରହ କରିଥିଲେ। ବିଜୟୀ ଦଳର ଏନ୍‌ଜେଆର ପ୍ରସାଦଙ୍କୁ ଫାଇନାଲର ଓ ସାଇ ବସନ୍ତଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ, ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ସୀତାଂଶୁ କର ପରିଚାଳନା କରିଥିଲେ।

ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା କ୍ରିକେଟ ସଂଘ ସହସମ୍ପାଦକ ବଟକୃଷ୍ଣ ମହାପାତ୍ର, ଉପସଭାପତି ଅଭୟବଲ୍ଲଭ ପଣ୍ଡା, ପଦାରବିନ୍ଦ ପରିଡ଼ା, ଅୟସକାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦିବାକର କର, ସଞ୍ଜୟ ବେହେରା, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ସୁବାଶିଷ ରାଉତ, ଭୂପତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା



କଟକ,୫।୧(ସମିସ): ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୧-୩ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଫୁଟବଲ୍ ଦଳ ପକ୍ଷରୁ ସତ୍ୟବାଦୀ ଖାଡିଆ ସର୍ବାଧିକ ୫ଟି ଗୋଲ ସ୍କୋର କରିଥିଲେ। ଶ୍ରୀଜନ ତମାଙ୍ଗ ୨ଟି ଗୋଲ ଦେଇଥିବା ବେଳେ ମନୀଷା ନାଏକ, ଅଙ୍କିତା ନାଏକ, ଶିବାନୀ ମୁଣ୍ଡାରୀ, ସୁମିତ୍ରା ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ବିଜୟୀ ଦଳକୁ ଶୁଭେଚ୍ଛା ଜଣାଯାଇଛି।

## ଜାତୀୟ ଜୁନିଅର ଅସିଚାଳନା ଉଦ୍‌ଘାଟିତ



କଟକ,୫।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ସୋମବାରଠାରୁ ୩୩ତମ ଜାତୀୟ ଜୁନିଅର ଅସିଚାଳନା ଚାମ୍ପିଅନସିପ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ, ଭାରତୀୟ ଅସିଚାଳନା ମହାସଂଘ ଏବଂ ଓଡ଼ିଶା ଅସିଚାଳନା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ଅସିଚାଳନା ମହାସଂଘ ସମ୍ପାଦକ ରାଜୀବ ମେହତା, ରାଜ୍ୟ ସଂଘ ଉପଦେଷ୍ଟା ନୟନ କିଶୋର ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ଉଭୟ ବାଳକ ଏବଂ ବାଳିକା ବର୍ଗରେ ହେଉଥିବା ଚାମ୍ପିଅନସିପ୍ ୧୦ ତାରିଖରେ ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS